ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୮୧
୮ ନଭେମ୍ବର, ୨୦୨୫ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 181
8th November, 2025 Saturday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନ ସା ସଭା ଯତ୍ର ନ ସନ୍ତି ବୃଦ୍ଧା ନ ତେ ବୃଦ୍ଧା ଯେ ନ ବଦନ୍ତି ଧର୍ମମ୍**
**ନା ସୌ ଧର୍ମୋ ଯତ୍ର ନ ସତ୍ୟମସ୍ତି ନ ତତ୍ ସତ୍ୟଂ ଯଚ୍ଛଳେନାଭ୍ୟୁପେତମ**

ଯେଉଁ ସଭାରେ ବୃଦ୍ଧଜନ ବିଦ୍ୟମାନ ନଥାନ୍ତି ସେ ସଭା ସଭା ନୁହେଁ । ଯେଉଁମାନେ ଧର୍ମସଂଗତ କଥା ନ କହନ୍ତି, ସେମାନେ ଯଥାର୍ଥ ବୃଦ୍ଧ ନୁହନ୍ତି । ଯେଉଁ ଧର୍ମ ସତ୍ୟକୁ ଅନୁସରଣ ନକରେ ତାହା ଧର୍ମ ନୁହେଁ । ଯାହା କପଟତାରେ ପରିପୂର୍ଣ୍ଣ ତାହା ସତ୍ୟ ନୁହେଁ ।

# ବାରହା ଫାଶରେ ପଡ଼ି ଜଳିଗଲେ ୨ ଯୁବକ

**ଲକ୍ଷ୍ମୀପୁର,୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କେନ୍ଦୁପାଇ ଗାଁ ପାହାଡ଼ ଉପରେ ବାରହା ଶିକାର ପାଇଁ ଲଗାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୁଇ ଜଣ ଯୁବକ ଜଳି ଯାଇଛନ୍ତି । ମୃତକମାନେ ହେଲେ ଗାହେଲା ମାଣ୍ଡିଙ୍ଗା ଓ କୁମର ମିଣିଆକା । ବିଗତ ୧୫ ଦିନରେ ଏହି ଅଞ୍ଚଳରେ ମୋଟ ୩ଜଣଙ୍କର ମୃତ୍ୟୁ ଘଟିଛି ।

ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ୧୧ କେଭି ବିଦ୍ୟୁତ ତାରରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଅତ୍ୟାଧୁନିକ ପ୍ରଣାଳୀରେ ଫାଶ ଲଗାଇଥିବା କେନ୍ଦୁପାଇ ଗ୍ରାମବାସୀ କହିଛନ୍ତି । ବିଦ୍ୟୁତ ଫାଶରେ ବାରହା, ହରିଣ, କୁଟୁରା ଭଳି ଅନେକ ବନ୍ୟଜନ୍ତୁଙ୍କ ଶିକାର କରାଯାଉଥିବା ବେଳେ ୧୫ ଦିନ ଭିତରେ ତିନିଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ଲକ୍ଷ୍ମୀପୁର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ସ୍ଥାନୀୟ ଲୋକମାନେ ବନ୍ୟଜନ୍ତୁ ଶିକାର ସକାଶେ ବିଦ୍ୟୁତ ଖୁଣ୍ଟରୁ ଅନେକ କୌଶଳରେ ଫାଶ ଲଗାଇଥାନ୍ତି । ଗତକାଲି ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଯେଉଁ ଫାଶ ଲଗାଯାଇଥିଲା, ସେଥିରେ ପଡି କେନ୍ଦୁପାଇ ଗାଁର ଗାହେଲା ମାଣ୍ଡିଙ୍ଗା ଓ ପିପଳପଦାର ଗାଁର କୁମର ମିଣିଆକାଙ୍କ ମୃତ୍ୟୁ ଘଟିଛି ।



ସ୍ଥାନୀୟ ଲୋକମାନଙ୍କର କହିବା ଅନୁସାରେ ଗୁରୁବାର ସନ୍ଧ୍ୟାରେ ଗାହେଲା ଓ କୁମର ସେମାନଙ୍କ ଗାଈ ଆଣିବାକୁ ପାହାଡ଼ ଉପରକୁ ଯାଇଥିଲେ । ଶୁକ୍ରବାର ସକାଳ ପର୍ଯ୍ୟନ୍ତ ସେମାନେ ନଫେରିବାରୁ ପରିବାର ଲୋକେ ଜଙ୍ଗଲରେ ଖୋଜାଖୋଜି କରିଥିଲେ । ପରିବାର ଲୋକେ ବିଦ୍ୟୁତ ତାରରେ ଫାଶ ଲାଗିଥିବା ସ୍ଥାନରୁ ପ୍ରାୟ ଅନେକ ଦୂରରେ ଏକ ଗୁମ୍ଫା ଭଳି ସ୍ଥାନରେ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ଦୁଇଟି ଶବକୁ ଦେଖି ସେମାନଙ୍କ ଲୋକ ବୋଲି ଚିହ୍ନଟ କରିଥିଲେ । ପରେ ଗ୍ରାମବାସୀଙ୍କୁ କହିବା ପରେ ପୁଲିସକୁ ଅବଗତ କରାଯାଇଥିଲା । ସମ୍ପର୍କୀୟମାନେ ବର୍ତ୍ତମାନ ସନ୍ଦେହ କରୁଛନ୍ତି କି ଗାହେଲା ଓ କୁମର ଫାଶରେ ଲାଗିଥିବା ବିଦ୍ୟୁତ ସଂସ୍ପର୍ଶରେ ଆସିବା ପରେ ମୃତ୍ୟୁବରଣ କରିଛନ୍ତି । କିନ୍ତୁ ଯୁବକ ଦୁଇଜଣ ମରିପଡ଼ିଥିବା ଦେଖି ଶବକୁ ଲୁଚାଇବାକୁ ଚେଷ୍ଟା କରି ଶିକାରୀମାନେ ପ୍ରାୟ ଅଧା କିଲୋମିଟର ଦୂରରେ ଫୋପାଡ଼ି ଚାଲି ଯାଇଥିବା ଗାଁ ଲୋକେ ଅନୁମାନ କରି କହିଛନ୍ତି ।

ଶୁକ୍ରବାର ସନ୍ଧ୍ୟାରେ ଆଇଆଇସି ସୁଜ୍ଞାନୀ ସାହୁ, ପୁଲିସ ଟିମ ଓ ସାଇଣ୍ଟିଫିକ ଟିମ ସହ ପହଞ୍ଚିଛନ୍ତି । ଅତି କଷ୍ଟରେ ପାହାଡ଼ ଉପରୁ ସନ୍ଧ୍ୟା ୭ଟାରେ ଶବ ପାହାଡ଼ ଉପରୁ ଆଣି ଡାକ୍ତରଖାନାର ଶବ ଗୃହରେ ରଖାଯାଇଛି । ***(ଶେଷ ପୃଷ୍ଠା ଦେଖନ୍ତୁ)***

# ରବିବାର ୪ଟା ସୁଦ୍ଧା ନୂଆପଡ଼ା ଛାଡ଼ନ୍ତୁ




**ଭୁବନେଶ୍ୱର,୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଉପନିର୍ବାଚନ ମତଦାନ ପୂର୍ବରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ ତଦାରଖ କରିଛନ୍ତି । ପ୍ରଚାର ଶେଷରୁ ମତଦାନ ଶେଷ ପର୍ଯ୍ୟନ୍ତ କେମିତି ରହିବ ପ୍ରକ୍ରିୟା ସେ ନେଇ ତଦାରଖ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ।

ଆସନ୍ତା ୯ ତାରିଖ ଅପରାହ୍ନ ୪ଟା ସୁଦ୍ଧା ବାହାର ଲୋକଙ୍କୁ ନୂଆପଡ଼ା ଛାଡିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ନୂଆପଡାରୁ ଜବତ ହେଲାଣି ୧ କୋଟି ୨୨ ଲକ୍ଷ ନଗଦ ଟଙ୍କା । ୧ କୋଟି ୩୨ ଲକ୍ଷ ଟଙ୍କାର ମଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ । ସୋସିଆଲ ମିଡିଆ ଉପରେ କଡ଼ା ନଜର ରଖିବେ ନିର୍ବାଚନ ଅଧିକାରୀ । ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ବାହାରୁ ଯିଏ ନୂଆପଡ଼ା ଯାଇଛନ୍ତି ସମସ୍ତେ ବାହାରିବେ, ସମସ୍ତ ଗାଡ଼ି ଚେକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ମଣ୍ଡଳୀର ସମସ୍ତ ପ୍ରକୃତ ଭୋଟରଙ୍କର ଯାଞ୍ଚ ହେବ ।

ଶରୀର ଖରାପ କହି ଯିଏ ରହିବାକୁ କହିବେ ତାଙ୍କୁ ମେଡିକାଲ ବୋର୍ଡ ପରୀକ୍ଷଣ କରିବ । ପବ୍ଲିକ ମିଟିଙ୍ଗ, ପ୍ରୋସେସନ, ଟିଭି ମିଡିଆରେ ପ୍ରଚାର ପ୍ରସାର ୪୮ ଘଣ୍ଟା ପୂର୍ବରୁ ବନ୍ଦ । ଭୋଟରଙ୍କୁ ପ୍ରଭାବିତ କଲା ଭଳି ମିଡିଆ କଭରେଜ, ଇଲେକ୍ସନ କଣ୍ଟେଣ୍ଟ କଭରେଜ ହେବ ନାହିଁ । ଭୋଟରଙ୍କୁ ପ୍ରଭାବିତ କଲା ଭଳି ନ୍ୟୁଜ୍ କରନ୍ତୁ ନାହିଁ । ସୋସିଆଲ ମିଡିଆରେ ପଲିଟିକାଲ କଣ୍ଟେଣ୍ଟ ଯାହା ଭୋଟରଙ୍କୁ ପ୍ରଭାବିତ କରିବ ସେଭଳି ନ କରିବାକୁ ଅନୁରୋଧ । ୧୦ ତାରିଖ ସକାଳୁ ପୋଲିଂ ବୁଥ୍ ନିକଟକୁ ପୋଲିଂ ଅଧିକାରୀ ବାହାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ।

ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ସାମ୍ବାଦିକ ସମ୍ମିଳନୀରେ ଏହି ତଥ୍ୟ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ ସାହୁ ଏବଂ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କ ଉପସ୍ଥିତ ଥିଲେ ।

# ମାଟ୍ରିକ ପାଇଁ ଆଜିଠୁ ଫର୍ମ ପୂରଣ

**କଟକ,୭।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୨୦୨୬ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ (ରେଗୁଲାର ଓ ଏକ୍ସ ରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ନଭେମ୍ବର ୮ ତାରିଖରୁ ଆରମ୍ଭ ହେବ । ଏହା ୨୨ ନଭେମ୍ବର ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ସଂପାଦକ ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି । ୨୦୨୬ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ନିମନ୍ତେ ବିଦ୍ୟାଳୟରେ ପଢୁଥିବା ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କର ଫର୍ମ ପୂରଣ ଅନଲାଇନ ମାଧ୍ୟମରେ ବିଦ୍ୟାଳୟ ମୁଖ୍ୟଙ୍କ ଦ୍ୱାରା କରାଯିବ । ସେହିପରି କରସସ୍ପଣ୍ଡାନ୍ସ କୋର୍ସ ରେଗୁଲାର ପରୀକ୍ଷାର୍ଥୀ ଓ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କର ଫର୍ମ ପୂରଣ ବୋର୍ଡ଼ର ଆଂଚଳିକ କାର୍ଯ୍ୟାଳୟର ଉପସଂପାଦକଙ୍କ ଦ୍ୱାରା ଅଫଲାଇନ ମାଧ୍ୟମରେ କରାଯିବ । ଫର୍ମ ପୂରଣ ନିମନ୍ତେ ଲିଙ୍କ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏସି.ଇନ ୱେବସାଇଟରେ ଉପଲବ୍ଧ ହେବ ବୋଲି ବୋର୍ଡ଼ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# ଜଣେ ହିନ୍ଦୀ ଶିକ୍ଷକରେ ଚାଲିଛି ପାଠପଢ଼ା

**ରାଜନଗର,୭।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛନ୍ତି । ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ବହି, ଡ୍ରେସ, ଯୋତା ଓ ମଧ୍ୟାହ୍ନ ଭୋଜନ ଯୋଗାଇ ଦେଉଛନ୍ତି । ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ଖୋଜି ପୁନର୍ବାର ପାଠ ପଢିବାର ସୁଯୋଗ ଦେବାକୁ ତାଗିଦ୍ କରାଯାଉଛି । ମାତ୍ର ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢା ଅନ୍ଧାର ମଧ୍ୟକୁ ଚାଲି ଯାଉଥିବା ଅଭିଯୋଗ ହେଉଛି । କାରଣ ଆଉ ମାତ୍ର ମାସ ଦୁଇଟା ପରେ ପିଲାମାନେ ମାଟ୍ରିକ ପରୀକ୍ଷା ଦେବେ । କେବଳ ହିନ୍ଦୀ ବିଷୟ ଛଡା ଅନ୍ୟ ବିଷୟରେ ପାଠପଢା ହୋଇନାହିଁ । ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି, ରାଜନଗର ବ୍ଲକ ସାନବଡଗୋପାଳପୁର ପଚାଂୟତ ଭାଟପଡାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟରେ । ଦୀର୍ଘ ଚାରିବର୍ଷ ହେଲା ଏହି ବିଦ୍ୟାଳୟରେ ଜଣେ ମାତ୍ର ହିନ୍ଦୀ ଶିକ୍ଷକରେ ଚାଲିଛି ପାଠପଢା । ଏହି ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ***(ଶେଷ ପୃଷ୍ଠା ଦେଖନ୍ତୁ)***

# ଜମି ବ୍ୟବସାୟୀ ନେତାଙ୍କ ଫାଇଦା ପାଇଁ ରାସ୍ତାରେ ଖର୍ଚ୍ଚ ହେବ ୭.୮୦ କୋଟି

**କେନ୍ଦ୍ରାପଡ଼ା,୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜମି କିଣାବିକା ବ୍ୟବସାୟ କରୁଥିବା ବିଜେପି ନେତାଙ୍କ ଫାଇଦା ପାଇଁ କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱର ପଞ୍ଚାୟତରେ ୭ କୋଟି ୮୦ ଲକ୍ଷ ଟଙ୍କାରେ ଏକ ରାସ୍ତା ନିର୍ମାଣ ହେବ । ରାସ୍ତା ନିର୍ମାଣ ପାଇଁ ସରକାରୀ ମଞ୍ଜୁରୀ ମଧ୍ୟ ମିଳି ଯାଇଛି । ଏହି ରାସ୍ତାର ଏଷ୍ଟିମେଟ୍ ସରିଛି । କେବଳ କାମ ଆରମ୍ଭ ହେବ ବୋଲି ଜଣାପଡିଛି । ଏହି ରାସ୍ତାଟି ହେଉଛି ଗରାପୁର ଡାକ ବଙ୍ଗଳା ଠାରୁ ଢୋଲ ଗ୍ରାମ ସ୍ୱପ୍ନେଶ୍ୱର ମନ୍ଦିର ପର୍ଯ୍ୟନ୍ତ ୬.୫ କିଲୋମିଟର ରାସ୍ତା । ହେଲେ ଏହି ରାସ୍ତାର କୌଣସି ଆବଶ୍ୟକତା ନାହିଁ । କାରଣ ଢୋଲ ଗ୍ରାମକୁ ଯିବା ପାଇଁ ଗରାପୁର ଠାରୁ ଗୋବରୀ ନାଳ ବାଟେ ଏକ ରାସ୍ତା ରହିଛି । ଏହାକୁ ସବୁଦିନିଆ ରାସ୍ତା ଭାବେ ନିର୍ମାଣ କରିବା ପାଇଁ ଦୀର୍ଘ ଦିନ ହେବ ଦାବି ହେଉଛି । ପୁଣି ଏକ ନୂତନ ରାସ୍ତା ନକରି ଏହି ରାସ୍ତାକୁ ବିକଶିତ କଲେ ଢୋଲ ଗ୍ରାମକୁ ଯାତାୟତ ସୁଗମ ହୋଇପାରିବ । ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ମଧ୍ୟ ବଞ୍ଚିଯିବ । ପ୍ରସ୍ତାବିତ ରାସ୍ତା ନିର୍ମାଣ ହେଲେ କେବଳ ପ୍ଲଟିଂ କରି ଜମିକିଣାବିକା ପାଇଁ ଯୋଜନା କରୁଥିବା ରାଜନେତାଙ୍କୁ ବିପୁଳ ମୁନାଫା ମିଳିପାରିବ । ବିଶେଷ କରି ଜମି କିଣାବିକା ବ୍ୟବସାୟ କରୁଥିବା ଜଣେ ବିଜେପି ନେତାଙ୍କୁ ସବୁଠାରୁ ଅଧିକ ଫାଇଦା ମିଳିବ । ଏଥିପାଇଁ ବଡ଼ ଧରଣର ଡ଼ିଲ ହୋଇଥିବା ଗନ୍ଧ ବାରିଛନ୍ତି ସ୍ଥାନୀୟ ଲୋକେ । ତା' ହୋଇନଥିଲେ ଜଣେ ବ୍ୟକ୍ତିଙ୍କୁ ମୁନାଫା ଦେବା ପାଇଁ ସରକାର ୭.୮କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିନଥାନ୍ତେ ବୋଲି କୁହାଯାଉଛି । କପାଳେଶ୍ୱର ପଞ୍ଚାୟତର ସରପଞ୍ଚ କଳ୍ପନା ମହାନ୍ତି ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏଥିନେଇ ଅଭିଯୋଗ କରିଛନ୍ତି । ସେ ତାଙ୍କ ଅଭିଯୋଗରେ ***(ଶେଷ ପୃଷ୍ଠା ଦେଖନ୍ତୁ)***

# ଓଡ଼ିଶାରେ ଗଡ଼ିବ ହାଇଡ୍ରୋଜେନ୍ ଯାନ: ଗଡ଼କରୀ

**ଭୁବନେଶ୍ୱର,୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



କେନ୍ଦ୍ରମନ୍ତ୍ରୀ ନିତିନ ଗଡକରି ଆଜି ଭୁବନେଶ୍ୱରରେ ଆୟୋଜିତ ଭାରତୀୟ ରୋଡ କଂଗ୍ରେସର ୮୪ତମ ଅଧିବେଶନରେ ଯୋଗ ଦେଇ କହିଛନ୍ତି, ଭାରତକୁ ବିଶ୍ୱଗୁରୁ କରାଯିବାର ଲକ୍ଷ୍ୟ ରଖାଯାଇଛି । ଭାରତ ଏବେ ଅନ୍ୟ ଦେଶରୁ ତେଲ ଆମଦାନୀ କରୁଛି । କିନ୍ତୁ ଆମର ଲକ୍ଷ୍ୟ ଯେ, ଆଗାମୀ ଦିନରେ ଭାରତ ତେଲ ରପ୍ତାନୀ କରିବ । ଭାରତରେ ଇଥାନୋଲ, ମେଥାନୋଲ, ବାଓ-ଏଲ୍ଏନ୍‌ଜି, ସିଏନ୍‌ଜି ଏବଂ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କରାଯିବ । ଦେଶର କିଛି ରାଜ୍ୟରେ ପ୍ରଥମେ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କରାଯିବ, ଯେଉଁଥିରେ ଓଡିଶା ମଧ୍ୟ ସାମିଲ ରହିଛି ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସରକାର ସଡକୁ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏଥିପାଇଁ ଅତ୍ୟାଧୁନିକ ଶୈଳୀରେ ରାସ୍ତା ନିର୍ମାଣ କରୁଛନ୍ତି । ଜନସାଧାରଣଙ୍କର ସୁରକ୍ଷା ପାଇଁ ଇଣ୍ଟଲିଜିଏଣ୍ଟ ପରିବହନ ବ୍ୟବସ୍ଥା ଏବଂ ଜାତୀୟସ୍ତରରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରୂପାନ୍ତରୀକରଣ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଦେଖାଯାଇଛି । ଆମର ଲକ୍ଷ୍ୟ ହେଉଛି ବିଶ୍ୱସ୍ତରୀୟ ଭିତ୍ତିଭୂମିର ନିର୍ମାଣ । ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦେଶ-ବିଦେଶର ୩୫୦୦ରୁ ଅଧିକ ଇଞ୍ଜିନିୟର, ବୈଷୟିକ ବିଶେଷଜ୍ଞ, ପ୍ରଦର୍ଶକ, ପ୍ରତିନିଧି ଏବଂ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଛନ୍ତି । ଅଧିବେଶନକୁ ଉଦଘାଟନ କରି କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡକରୀ କହିଛନ୍ତି, ସଡକ, ସେତୁ, ସୁଡଙ୍ଗ ଭଳି ଭିତ୍ତିଭୂମି ନିର୍ମାଣ ଲାଗି ବିଚାରବିମର୍ଶ କରିବା ନିମନ୍ତେ ଏହା ହେଉଛି ଭାରତର ସବୁଠୁ ବଡ ଜ୍ଞାନବିନିମୟ କାର୍ଯ୍ୟକ୍ରମ । ସେ କହିଛନ୍ତି, ସଡକ ଯୋଗାଯୋଗ ଭିତ୍ତିଭୂମି କ୍ଷେତ୍ରରେ ପ୍ରଯୁକ୍ତି, ଗବେଷଣା ***(ଶେଷ ପୃଷ୍ଠା ଦେଖନ୍ତୁ)***

# ସାଂସଦଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ନେଇଗଲେ ସାଇବର ଠକ

**କୋଲକାତା,୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ତୃଣମୂଳ କଂଗ୍ରେସ ନେତା ଏବଂ ଚାରି ଥର ଲୋକସଭା ସାଂସଦ କଲ୍ୟାଣ ବାନାର୍ଜୀ ଏକ ବଡ଼ ସାଇବର ଠକେଇର ଶିକାର ହୋଇଛନ୍ତି । ରିପୋର୍ଟ ଅନୁସାରେ, ତାଙ୍କର ନିଷ୍କ୍ରିୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଆକାଉଣ୍ଟକୁ ଜାଲ କାଗଜପତ୍ର ବ୍ୟବହାର କରି ପୁନଃସକ୍ରିୟ କରାଯାଇଛି ଏବଂ ପରେ ସେଥିରୁ ୫୫ ଲକ୍ଷରୁ ଅଧିକ ଟଙ୍କା ଉଠାଯାଇଛି । କୋଲକାତାସ୍ଥିତ ଏସବିଆଇର ହାଇକୋର୍ଟ ଶାଖା ସାଇବର ଅପରାଧ ଥାନାରେ ଏକ ଅଭିଯୋଗ ଦାଖଲ କରିଛି । ଏହା ପରେ ତଦନ୍ତ ଆରମ୍ଭ ହୋଇଛି ।

ବ୍ୟାଙ୍କର ଅଭିଯୋଗ ଅନୁଯାୟୀ, ସାଇବର ଅପରାଧୀମାନେ କଲ୍ୟାଣ ବାନାର୍ଜୀଙ୍କ ଫଟୋ ଥିବା ନକଲି ପାନ୍ ଏବଂ ***(ଶେଷ ପୃଷ୍ଠା ଦେଖନ୍ତୁ)***

# ଶବ୍ଦ ପ୍ରଦୂଷଣ ଯୋଗୁ ବଢୁଛି ରୋଗ ବ୍ୟାଧି: କାର୍ଯ୍ୟାନୁଷ୍ଠାନ ଶୂନ

**ଭୁବନେଶ୍ୱର,୭।୧୧: ତଥ୍ୟ**

ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ ପରେ ଏବେ ଓଡ଼ିଶା ପାଇଁ ଆଉ ଏକ ବଡ଼ ସମସ୍ୟା ହେଉଛି ଶବ୍ଦ ପ୍ରଦୂଷଣ । ଶବ୍ଦ ପ୍ରଦୂଷଣ ରୋକିବା ଲାଗି ବାରମ୍ବାର ପ୍ରଶାସନ ଓ ପୋଲିସ ପକ୍ଷରୁ ସତର୍କ କରାଯାଉଥିଲେ ମଧ୍ୟ ସଚେତନତା ଅଭାବରୁ କାହାକୁ କେହି ମାନୁ ନାହାନ୍ତି । ଫଳରେ ଶବ୍ଦ ପ୍ରଦୂଷଣ ଜନିତ କାରଣରୁ ବହୁ ଲୋକ ମୃତାହତ ହେଉଛନ୍ତି ଏବଂ ଏଥିଯୋଗୁ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି ।



ନିକଟରେ ଯାତ୍ରା ଜଗତର ଚର୍ଚ୍ଚିତ ଅଭିନେତା ଦେବୀ ପ୍ରସାଦ ରଥଙ୍କ ଅକାଳ ମୃତ୍ୟୁ ଶବ୍ଦ ପ୍ରଦୂଷଣ ଜନିତ କାରଣରୁ ହୋଇଛି ବୋଲି ତାଙ୍କ ପରିବାର ପକ୍ଷରୁ ଖୋଲା ଅଭିଯୋଗ କରାଯିବା ପରେ ଏଥିଘେନି ପୁଣି ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି । ତିନୋଟି ଡିଜେ ଦଳର ଶବ୍ଦ ପ୍ରଦୂଷଣର ପ୍ରତିଯୋଗିତା ଭିତରେ ହୃଦରୋଗରେ ପୂର୍ବରୁ ଆକ୍ରାନ୍ତ ଥିବା ଦେବୀ ପ୍ରସାଦ ବଳି ପଡ଼ିଛନ୍ତି ବୋଲି କୁହାଯାଉଛି । ଆଗରୁ ବି ଏଭଳି ଅନେକ ଅଭିଯୋଗ ରାଜ୍ୟର କୋଣ ଅନୁକୋଣରୁ ଆସୁଥିଲେ ମଧ୍ୟ ଶବ୍ଦ ପ୍ରଦୂଷଣକୁ ସଂପୂର୍ଣ୍ଣ ଭାବେ ରୋକାଯାଇପାରୁ ନାହିଁ ।

ପରିବେଶବିତ୍‌ମାନେ କହୁଛନ୍ତି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗ ନିର୍ଦ୍ଦେଶିକା ଅନୁଯାୟୀ ୩୦ ଡେସିବଲ୍ ପର୍ଯ୍ୟନ୍ତ ଶବ୍ଦ ଆଦୌ କ୍ଷତିକାରକ ନୁହେଁ । ୬୫ ଡେସିବଲ୍ ପର୍ଯ୍ୟନ୍ତ ଶବ୍ଦ ଚଳନୀୟ । ତେବେ ୭୫ ଡେସିବଲ୍‌ରୁ ଅଧିକ ଶବ୍ଦ କ୍ଷତିକାରକ ହୋଇଥିବା ବେଳେ ଏହାର ପରିମାଣ ୧୨୦ ଡେସିବଲ୍ ଟପିଲେ ତାହା ଯନ୍ତ୍ରଣାଦାୟକ ଓ ମାରାତ୍ମକ ହୋଇଥାଏ । ୟୁରୋପୀୟ ପରିବେଶ ସଂସ୍ଥାର ଗବେଷଣା ରିପୋର୍ଟ ଅନୁଯାୟୀ ଶବ୍ଦ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ଅତିକମ୍‌ରେ ୪୮ ହଜାର ନୂଆ ହୃଦରୋଗୀ ସୃଷ୍ଟି ହେଉଥିବାବେଳେ ୧୨ ହଜାରଙ୍କର ମୃତ୍ୟୁ ଘଟୁଛି । ଆମ ରାଜ୍ୟ ଓ ଦେଶରେ ଏହାର ପରିମାଣ କେତେ ସେ ସଂକ୍ରାନ୍ତରେ ଏଯାବତ୍ ପୂର୍ଣ୍ଣାଙ୍ଗ ତଥ୍ୟ ସଂଗ୍ରହ କରାଯାଇନାହିଁ ।

ଡାକ୍ତରମାନଙ୍କ ତଥ୍ୟ ମୁତାବକ ଶବ୍ଦ ପ୍ରଦୂଷଣ ଯୋଗୁ ଅନେକ ଲୋକ ଶୁଣିବା ଶକ୍ତି ହରାଉଥିବାବେଳେ ନିଦ୍ରାହୀନତା, ମାନସିକ ଚାପ, ହୃଦରୋଗ, ରକ୍ତଚାପ, ବ୍ରେନ୍ ଷ୍ଟ୍ରୋକ୍, ସ୍ମୃତି ବିଭ୍ରାଟ, ମଧୁମେହ ଆଦି ରୋଗମାନ ***(ଶେଷ ପୃଷ୍ଠା ଦେଖନ୍ତୁ)***

**ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?**



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

**ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ**

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

**ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ**

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ **(https://udgam.rbi.org.in)** ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: **https://rbikehtahai.rbi.org.in**
ମତାମତ ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
**ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935**

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୮ ନଭେମ୍ବର ୨୦୨୫ । ଶନିବାର




## ଅଚ୍ୟୁତ ସାମନ୍ତଙ୍କୁ ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ଶୁକ୍ରବାର ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୯ତମ ସମ୍ମାନସୂଚକ ଡକ୍ଟରେଟ୍ । ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିପତି ଡ.ଟିଆର୍ ପାରିଭିନ୍ଦର, କୁଳପତି ପ୍ରଫେସର ପରମଜିତ୍ ଜୟସ୍ୱାଲ ଓ କୁଳସଚିବ ପ୍ରଫେସର ଭି ସାମୁଏଲ୍ ରାଜଙ୍କ ଉପସ୍ଥିତିରେ ଭାରତର ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ ।

ଏଥିପାଇଁ ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ଶ୍ରୀ ସମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏସଆରଏମ ବିଶ୍ୱବିଦ୍ୟାଳୟ ଏହାର ପ୍ରଶଂସାପତ୍ରରେ ଶ୍ରୀ ସାମନ୍ତଙ୍କୁ ତାଙ୍କର ଶିକ୍ଷା ଜରିଆରେ ସେବା ଓ ମାନବିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରାଯାଇଛି ।

ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତ ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି । ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ।

## ୨୦୦ ଛାତ୍ରୀଙ୍କ ରକ୍ତ ନମୁନା ପରୀକ୍ଷା

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଏନ୍ସି କଲେଜ ଛାତ୍ରୀ ନିବାସରେ ଗୁରୁବାର ଦିନ ୨୦୦ଜଣ ଛାତ୍ରୀଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିଲା । ଯାଜପୁର ଇନରହୁଇଲ କ୍ଲବ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିବାବେଳେ ସ୍ୱସ୍ତି ଡାଇଗ୍ନୋଷ୍ଟିକର ନିର୍ଦ୍ଦେଶକ ଡା. ଅରୁଣ ନାଥଶର୍ମା ଏବଂ ତାଙ୍କର ସମସ୍ତ କର୍ମଚାରୀମାନେ ଛାତ୍ରୀମାନଙ୍କର ମାଗଣାରେ ହିମୋଗ୍ଲୋବିନ ଓ ବ୍ଲକ ଗ୍ରୁପିଂ ରକ୍ତ ନମୁନା ପରୀକ୍ଷା କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଇନରହୁଇଲ କ୍ଲବର ସଭାପତି ସତ୍ୟଭାମା ପତି, ବରିଷ୍ଠ ସଦସ୍ୟା ତୁଷାରକାନ୍ତି ନାୟକ, ତିଳୋତମା ଦାସ, ବିଜୟଲକ୍ଷ୍ମୀ ସ୍ୱାଇଁ, ମାନସୀ ରାଣୀ ଓଝା, ଚିନ୍ମିକ୍ ହୀରା ସାହୁ, ଚିତ୍ରଲେଖା ନାୟକ, ପଙ୍କଜିନୀ ପଣ୍ଡା, ପ୍ରୀତିମୟୀ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ସାନ ଭାଇକୁ ବଡ ଭାଇର ଧମକ

**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ରାମଗଡ ଗ୍ରାମରେ ସାନ ଭାଇକୁ ତା'ର ବଡ ଭାଇ ଗାଳିଗୁଲଜ ସହ ଧମକ ଦେବା ଅଭିଯୋଗ କ୍ରମେ ପୋଲିସ ଥାନାରେ କେସ୍ ନଂ ୬୯୧/୨୫ରେ ଏକ ମାମଲା ରୁଜୁ ହୋଇଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ସାନ ଭାଇ ଉତ୍ତମ ବରାଡ (୩୦)ଙ୍କୁ ତାଙ୍କର ବଡ ଭାଇ ନାରାୟଣ ବରାଡ (୪୩) ଓ ଭାଉଜ ରଶ୍ମିତା ବରାଡ (୩୦) ପ୍ରାୟ ଏକ ବର୍ଷ ହେବ ତାଙ୍କୁ ଦେଖିବା କ୍ଷଣି ଗାଳିଗୁଲଜ କରିଆସୁଥିବା ବେଳେ ସେ କୌଣସି ପ୍ରତିକ୍ରିୟା ନକରି ରହୁଥିଲେ । ତେବେ ଗତ ମଙ୍ଗଳବାର ସନ୍ଧ୍ୟାରେ ଗାଁ ପୋଖରୀରେ ଗାଧୋଇ ଉତ୍ତମ ଘରକୁ ଫେରୁଥିବା ବେଳେ ଭାଇ ଓ ଭାଉଜ ଉଭୟେ ତାଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ ସହ ଠେଙ୍ଗା ଦେଖାଇ ଧମକ ଦେଲେ ଯେ ଆଜି ତୋତେ ଛାଡି ଦେଉଛୁ, ଆଉ କେବେ ଆମ ଆଗରେ ପଡିଲେ ତୋତେ ନିଶ୍ଚୟ ମାରି ଦେବୁ । ଏଥିରେ ଭୟଭୀତ ହୋଇ ଉତ୍ତମ ବାଲିପଦର ଫାଣ୍ଡିରେ ଅଭିଯୋଗ କରିବା ପରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

## ପାନୀୟ ଜଳ ପାଇଁ ଡହଳବିକଳ ୫ ଆଦିବାସୀ ପରିବାର

**ଘଟଗାଁ: ଏକ୍ସପ୍ରେସ ନ୍ୟୁଜ୍**

ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି ୫ ଆଦିବାସୀ ପରିବାର । ମାସେ ହେବ ନଳକୂପରୁ ବାହାରୁଥିବା ଦୁର୍ଗନ୍ଧମୟ ପାଣି ଫଳରେ ପିଇବା ଉପଯୋଗୀ ହୋଇପାରୁନି ନଳକୂପରୁ ବାହାରୁଥିବା ପାଣି । ଅଭିଯୋଗ ପରେବି ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ପାଇଁ ପିଇବା ପାଣିରୁ ବଞ୍ଚିତ ରହିଛନ୍ତି ଏହି ୫ ଆଦିବାସୀ ପରିବାର । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଘଟଗାଁ ବ୍ଲକ ମୁଖ୍ୟାଳୟ ଠାରୁ ମାତ୍ର ୨କିମି ଦୂର ବିଣାଝରି ଗ୍ରାମର ମୁଣ୍ଡାସାହିରେ । ଏହି ସାହିରେ ୫ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ଏବେ ପାନୀୟଜଳ ପାଇଁ ନାହିଁ ନଥିବା ଆସୁବିଧାର ସମ୍ମୁଖୀନ ହେଉଛନ୍ତି ଏମାନେ । ସୂଚନା ଅନୁଯାୟୀ ଏହି ସାହିରେ ପାନୀୟ ଜଳର କୌଣସି ସୁବିଧା ନଥିବା ବେଳେ ସାହି ଠାରୁ କିଛି ଦୂରରେ ଏକ ସରକାରୀ



ନଳକୂପ ରହିଛି ସେହି ନଳକୂପରୁ ଏହି ୫ ଆସିବାସୀ ପରିବାର ବର୍ଷ ତମାମ ପାଣି ଆଣି ବ୍ୟବହାର କରିଥାନ୍ତି । ନଳକୂପଟି ୧୫ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ନଳକୂପ ହୋଇଥିବା ବେଳେ ଏହାର ସଠିକ ମେଣ୍ଟନାନ୍ସ କରାନଯିବାରୁ ଅନେକ ସମୟରେ ଏହି ନଳକୂପଟି ଅଚଳ ହୋଇପଡ଼ିଥାଏ । ତେବେ ଏକ ମାସ ହେବ ନଳକୂପରୁ ଦୂର୍ଗନ୍ଧମୟ ପାଣି ବାହାରୁ ଥିବାରୁ ଏହି ପାଣି ପିଇବା ଉପଯୋଗୀ ହୋଇପାରୁନାହିଁ । ଯାହାଫଳରେ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି ଏହି ସାହି ଲୋକେ । ସାହିବାସୀଙ୍କ କହିବା ଅନୁଯାୟୀ ଅଭିଯୋଗ ହେବାପରେ ବିଭାଗୀୟ ଯନ୍ତ୍ରୀ ମଧ ଘଟଣା ସ୍ଥଳକୁ ଆସି ସମସ୍ୟା ବାବଦରେ ଅବଗତ ହୋଇଥିଲେ ଏବଂ ଏହାର ମରାମତି ଦିନ କି ଦୁଇଦିନ ଭିତରେ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏହାରି ଭିତରେ ୧୫ ଦିନରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ ବିଭାଗୀୟ ଯାନ୍ତ୍ରୀଙ୍କ ଆଉ ଦେଖା ମିଳିନାହିଁ କି ନଳକୂପ ମରାମତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି । ଯାହାକୁ ନେଇ ଏହି ୫ ଆସିବାସୀ ପରିବାର ପାଣି ଟିକିଏ ପାଇଁ ଏବେ ଅସହାୟ ହୋଇପଡିଛନ୍ତି । ପାନୀୟଜଳ ପାଇଁ ଡହଳବିକଳ ହେଉଥିବା ଏହି ୫ ଆଦିବାସୀ ପରିବାର ପ୍ରତି ବ୍ଲକ ପ୍ରଶାସନ ଯଦି ଟିକିଏ ସହାନୁଭୂତି ଦେଖାଇ ସାହିରେ ରହିଥିବା ପାନୀୟ ଜଳ ସମସ୍ୟାକୁ ଗୁରୁତ୍ୱର ସହ ନେଇ ସମସ୍ୟାର ସମାଧାନ କରନ୍ତେ ତେବର ପାନୀୟଜଳ ପାଇବାରୁ ବଞ୍ଚିତ ରହିଥିବା ଏହି ସାହିବାସୀ ଉପକୃତ ହୋଇପାରନ୍ତେ ବୋଲି ଆଶାକରାଯାଉଛି ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସୌଜନ୍ୟରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ କୋରୁକୋଣ୍ଡା ବ୍ଲକ ସଦର ଖେଳ ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାଲକାନଗିରି ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଗଗନ ଚରଣ ନାୟକ ମଞ୍ଚ ପରିଚାଳନା କରିଥିଲେ । ଏଥିସମେତ ଆବାହକ ଭାବେ ବ୍ଲକ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଅବିନାଶ ମାଝୀ, ସହ ଆବାହକ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୌମେନ୍ଦୁ ବେହେରା, ଏସଡିଭିଓ ଡାକ୍ତର ରାଜେଶ କୁମାର କଅଁର, ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରତିନିଧି ମୁୟା ମଡକାମୀ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ମାଲକାନଗିରି ବ୍ଲକ ସହକାରୀ ମତ୍ସ୍ୟ ଅଧିକାରିଣୀ ଇତିଶ୍ରୀ ଦାସ, ଜିଲା ଓମ୍ଫେଡ ଦାୟିତ୍ୱରେ ଥିବା ଅଧିକାରିଣୀ ମାନସୀ କର ପ୍ରମୁଖ ମଞ୍ଚାସୀନ ଥିଲେ । ପାରମ୍ପରିକ ଚାଷ ବଦଳରେ ସମନ୍ୱିତ ଚାଷ, ଉନ୍ନତ ଜ୍ଞାନ କୌଶଳ ଉପଯୋଗ କରି ଅଧିକା ଉତ୍ପାଦନ, ମତ୍ସ୍ୟ ଚାଷ, ଗୋପାଳନ, ଉଦ୍ୟାନ କୃଷିକୁ ଉପଯୋଗ କରିବା ନିମନ୍ତେ ଉପସ୍ଥିତ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ । ଜିଲ୍ଲା ପ୍ରାଣୀ ଚିକିତ୍ସକ ଡାକ୍ତର ଶ୍ରୀ ନାୟକ ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ କୃଷିକୁ ଗୁରୁତ୍ୱ ଦେବା ନିମନ୍ତେ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ କୃଷି, ପଶୁପାଳନ, କୁକୁଡ଼ା, ଛେଳି, ମତ୍ସ୍ୟ, ଯାଅଁଳ ଚାଷ, ଉଦ୍ୟାନ କୃଷି ଆଦି କ୍ଷେତ୍ରରେ ଆତ୍ମନିର୍ଭର ଚାଷୀଙ୍କୁ ଏକ ହଜାର ଟଙ୍କାର ସମେତ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ୩ ଜଣ ମତ୍ସ୍ୟଚାଷୀଙ୍କୁ ନୂତନ କାର୍ଯ୍ୟାଦେଶ ମଧ ପ୍ରଦାନ କରଯାଇଥିଲା । ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିବା ବେଳେ ଏହାପରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉପସ୍ଥିତ ଲୋକେ ନିଜ ନିଜର ଅଭିଯୋଗ ତଥା:- ମତ୍ସ୍ୟ ଚାଷ ଏବଂ ଗୋପାଳନ ସମ୍ବନ୍ଧରେ ଉପସ୍ଥିତ ଅଧିକାରୀ ମାନଙ୍କ ଠାରୁ ବିଭିନ୍ନ ଜ୍ଞାନ ଆହରଣ କରିଥିଲେ । ଅଞ୍ଚଳରେ ଥିବା ଗାଈ ଗୋରୁ, ଛେଳି ମେଣ୍ଢା ତଥା ଅନ୍ୟ ପଶୁ ପକ୍ଷୀ ମାନଙ୍କ ଚିକିତ୍ସା ନିମନ୍ତେ ବିଭାଗ ପକ୍ଷରୁ ମୋବାଇଲ ଆମ୍ବୁଲାନ୍ସ ଅଞ୍ଚଳରେ ବୁଲୁଥିବା ବେଳେ ଏହାର ଟୋଲ ଫ୍ରି ନଂ ୧୯୬୨ ରେ କଲ କରିବାକୁ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଶ୍ରୀ ମାଝୀ କହିଥିଲେ । ଶେଷରେ କୋରୁକୋଣ୍ଡା ସହକାରୀ ମତ୍ସ୍ୟ ଅଧିକାରୀ ସୌମେନ୍ଦୁ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୋର ସନ୍ଦେହରେ ୪ ସନ୍ଦିଗ୍ଧଙ୍କୁ କାବୁ କଲେ ଗ୍ରାମବାସୀ

**ବାଙ୍ଗିରିପୋଷି: ଏକ୍ସପ୍ରେସ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଚନ୍ଦନପୁର ଗ୍ରାମରେ ଚୋର ସନ୍ଦେହରେ ୪ ସନ୍ଦିଗ୍ଧଙ୍କୁ କାବୁକଲେ ଗ୍ରାମବାସୀ । ପୁଲିସ ସମସ୍ତଙ୍କୁ ଗିରଫ କରିଛି । ଏଥିସହ ସେମାନେ ବ୍ୟବହାର କରୁଥିବା ଏକ କାର୍କୁ ମଧ ପୁଲିସ ଜବତ କରିଛି ।

ସୂଚନା ଅନୁସାରେ, ଗତ ଗୁରୁବାର ବିଳମ୍ବିତ ରାତିରେ ଏକ କାର୍ ଯୋଗେ କିଛି ବ୍ୟକ୍ତି ସନ୍ଦେହ ଜନକ ଭାବେ ଚନ୍ଦନପୁର ଗ୍ରାମ ନିକଟରେ ବୁଲାବୁଲି କରିଥିଲେ । ଗାଁରେ ବୁଲିବା ବେଳେ କିଛି ଗ୍ରାମବାସୀଙ୍କ ନଜରକୁ ଆସିଥିଲେ । ଗ୍ରାମର କିଛି ସାହସୀ ଯୁବକ ମିଳିତ ଭାବେ ସେମାନଙ୍କ ଉପରେ ଚଢ଼ାଉ କରି ଦେଇଥିଲେ । ପରେ ଖବର ପାଇ ଅନ୍ୟ ଗ୍ରାମବାସୀମାନେ ସହଯୋଗ କରିଥିଲେ । ୫ରୁ ଉର୍ଦ୍ଧ୍ୱ ସନ୍ଦିଗ୍ଧ ଯୁବକ ଉକ୍ତ ଗାଡ଼ିରେ ଥିବା ବେଳେ ଘଟଣାସ୍ଥଳରୁ ୩ ଜଣକୁ ଧରିଥିଲେ ଗ୍ରାମବାସୀ । ଖବର ପାଇ ବାଙ୍ଗିରିପୋଷି ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିବା ପରେ ଫେରାର ଥିବା ଅନ୍ୟମାନଙ୍କୁ ଖୋଜା ଖୋଜି କରିବାରୁ ଆଉ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ । ମୋଟ ୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିବା ବେଳେ ଏକ କାର୍ ଜବତ କରିଛି ପୁଲିସ ।

## ମାଲକାନଗିରି ଜିଲ୍ଲାପାଳଙ୍କ ବାଲିମେଳା ଗ୍ରସ୍ତ



**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ବାଲିମେଳା ଏନଏସି ଅନ୍ତର୍ଗତ ସହରରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ । ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଏବଂ କୋରୁକୋଣ୍ଡା ବିଡ଼ିଓ ଅମୂଲ୍ୟ କୁମାର ସାହୁ ପ୍ରଥମେ ବାଲିମେଳା ଏନଏସି କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ଆଗାମୀ ଦିନରେ କେଉଁ ସବୁ କାର୍ଯ୍ୟ ହାତକୁ ନିଆଯିବ ଯେପରିକି ନୂତନ ଏନଏସି କାର୍ଯ୍ୟାଳୟ ଗୃହ ଏବଂ ବିଭିନ୍ନ ନୂତନ ସହରୀ ବିକାଶ ଯୋଜନା, ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ ସମ୍ପର୍କରେ ନିର୍ବାହୀ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ଏବଂ ପୌର ପରିଷଦ ଅଧ୍ୟକ୍ଷ ପ୍ରଦିପ କୁମାର ନାୟକଙ୍କ ସହ ଆଲୋଚନା କରିଥିଲେ । ଏହା ସହିତ ଏକ ଏନଫୋର୍ସମେଣ୍ଟ ଟିମ ଗଠନ କରି ତୁରନ୍ତ ବାଲିମେଳା ସହରର ବିଭିନ୍ନ ରାସ୍ତା କଡ଼ରେ ବସୁଥିବା ଉଠା ବ୍ୟବସାୟୀମାନଙ୍କୁ ଦୈନିକ ବଜାରରେ ଥିବା ଦୋକାନ ଗୁଡିକରେ ଥଇଥାନ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ । ସେହିପରି ମେଡିକାଲ ଛକ ଆମ୍ବେଦକର ପ୍ରତିମୂର୍ତ୍ତି ସମ୍ମୁଖ ରାସ୍ତାର ଅପର ପାର୍ଶ୍ୱରେ ତଳ ମହଲାରେ ମାର୍କେଟ କମ୍ପ୍ଲେକ୍ସ କରାଯିବା ସହ ଉପର ମହଲାରେ ଏକ ସିନେମା ହଲର ନିର୍ମାଣ କରାଯିବା ନେଇ ପ୍ରସ୍ତାବିତ ହୋଇଛି । ଏହାପରେ ସେଠାରୁ ସିଧାସଳଖ କଳିଙ୍ଗ ଆଦର୍ଶ ବିଦ୍ୟାଳୟ ଯାଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ତାଙ୍କର ଭଲମନ୍ଦ ସମ୍ପର୍କରେ ସବିଶେଷ ପଚାରିଥିଲେ । ପିଲାଙ୍କୁ ପାଠ ପଢ଼ାଇଥିଲେ ଏ ସମ୍ପର୍କରେ ବାଲିମେଳା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କୁ ପଚାରିବାରୁ ମାର୍କେଟ କମ୍ପ୍ଲେକ୍ସ ଓ ସହରୀ ବିକାଶକୁ ଗୁରୁତ୍ୱ ଦିଆଯାଇଛି । ସେହିପରି ସିନେମା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି କିନ୍ତୁ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ସ୍ଥାନର ଚୟନ ହୋଇନାହିଁ । ଖୁବଶୀଘ୍ର ସ୍ଥାନ ସ୍ଥିର କରି ସମସ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି । ଫେରିବା ରାସ୍ତାରେ ଚିତାପରୀ ୩ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ ।

## ଦରବୃଦ୍ଧି ସତ୍ତ୍ୱେ ଆମିଷ ବଜାରରେ ପ୍ରବଳ ଭିଡ

**ଶେରଗଡ: ଏକ୍ସପ୍ରେସ ନ୍ୟୁଜ୍**

କାର୍ତ୍ତିକ ପୂର୍ଣ୍ଣିମା ପରଦିନ ମାର୍ଗଶିର ମାସର ପ୍ରଥମ ଗୁରୁବାର ପଡିବା ଯୋଗୁଁ ଆମିଷ ବଜାର ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା । ଶୁକ୍ରବାର ସକାଳୁ ସକାଳୁ ଶେରଗଡର ଅସ୍ଥାୟୀ ମାଛ ବଜାରରେ ନାହିଁ ନଥିବା ଭିଡ ଦେଖିବାକୁ ମିଳିଥିଲା । ଏପରିକି ଗୁରୁତର ଟ୍ରାଫିକ ସମସ୍ୟା ଲାଗି ରହିଥିଲା । ଲୋକମାନେ ଆଜି ଛାଡଖାଇ ମଜା ନେଇଥିଲେ । ନିଜ ନିଜର ସକ୍ଷମ ଅନୁସାରେ କିଏ ମାଛ କିଣିଥିଲା କିଏ ଚିକେନ ଓ ମାଂସ ଦୋକାନରେ ଗହଳି ଲଗାଇଥିଲେ । ତେବେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ମାଛ, ମାଂସ ଓ ଚିକେନ ଦର ବୃଦ୍ଧି ପାଇଛି । ପୂର୍ବ ବର୍ଷ ନୁହେଁ, ଛାଡ ପୂର୍ବରୁ ଦର ଯାହା ଥିଲା, ସେଥିରେ କେଜି ପିଛା ୨୦ରୁ ୫୦ ଟଙ୍କା ବୃଦ୍ଧି ପାଇଛି । କେବଳ ମାଛ ବଜାର ନୁହେଁ, ରାସ୍ତା କଡରେ ଅସ୍ଥାୟୀ ଭାବେ ଖୋଲା ଯାଇଥିବା ଚିକେନ, ମାଂସ, ମାଛ ବଜାରରେ ଅହେତୁକ ଭିଡ ଲାଗି ରହିଥିଲା । ମାଂସ କେଜି ଶୁକ୍ରବାର ୮ ଶହ ଟଙ୍କା ଥିବା ବେଳେ ଚିକେନ ୨୫୦ ଏବଂ ମାଛ ୨୦୦ ଟଙ୍କା ଥିବା ବେଳେ ଚିଙ୍ଗୁଡି ୫୦୦ ଏବଂ ଆନ୍ଧ୍ର ରୋହି, ଭାକୁର ୧୮୦ ଟଙ୍କା ରହିଥିଲା । ଛାଡ କରିବା ଲାଗି ପ୍ରତ୍ୟେକ ଦୋକାନ ରେ ଗହଳି ଲାଗି ରହିଥିଲା । ଦରବୃଦ୍ଧି ସତ୍ତ୍ୱେ ଗ୍ରାହକମାନେ ନିଜ ନିଜର ସକ୍ଷମ ଅନୁସାରେ ଆମିଷ କିଣି ନେଉଥିବା ଦେଖା ଯାଇଥିଲା ।

## ବାଣିଜ୍ୟ

## ସଟଡାଉନ୍ ପାଇଁ ଚିନ୍ତାରେ ଆମେରିକା : ୧୮୦୦ ବିମାନ କ୍ୟାନ୍ସଲ

**ୱାସିଂଟନ: ଏକ୍ସପ୍ରେସ ନ୍ୟୁଜ୍**

ଆମେରିକାକୁ ଅର୍ଥନୈତିକ ଝଟକା । ଦୀର୍ଘଦିନ ଧରି ଚାଲିଥିବା ସଟଡାଉନ୍ କାରଣରୁ ନ୍ୟୁୟର୍କ, ଲସ ଆଞ୍ଜେଲସ ଓ ସିକାଗୋ ସମେତ ୪୦ଟି ସହରର ଆର୍ଥିକ ସ୍ଥିତି ଭୁଶୁଡି ପଡିଛି । ଦେଶରେ ଚାଲୁଥିବା ବିମାନସେବା ମଧ ପ୍ରଭାବିତ ହୋଇଛି । ପ୍ରାୟ ୧୦ ପ୍ରତିଶତ ବିମାନକୁ କ୍ୟାନସଲ କରିବା ପାଇଁ ୟୁଏସ ସରକାର ନିର୍ଦ୍ଦେଶ ଦେଇଛନ୍ତି । ୪୦ଟି ବିମାନବନ୍ଦରରେ ସୁରକ୍ଷା ଦୃଷ୍ଟିରୁ ଘରୋଇ ବିମାନସେବାକୁ ବନ୍ଦ କରାଯାଇଛି । ଯାହାକୁ ନେଇ ଅନେକ ଯାତ୍ରୀ ଅନେକ ଅସୁବିଧାର ସାମ୍ନା କରୁଛନ୍ତି ।



ୟୁଏସ ଆଭିଏସନ କହିଛି ଯେ, ବିମାନ ଚଳାଚଳକୁ କମାଇବାକୁ ହେବ । ବିଭିନ୍ନ ଘରୋଇ ବିମାନକୁ ଏଥିରେ ସାମିଲ କରାଯାଇଛି । ପ୍ରଥମେ ୪ ପ୍ରତିଶତ ବିମାନ ପ୍ରଭାବିତ ହେବ । ନଭେମ୍ବର ୧୪ ସୁଦ୍ଧା ୧୦ ପ୍ରତିଶତ ବିମାନ ଚଳାଚଳ ବନ୍ଦ କରାଯିବ । ଏହି ନିର୍ଦ୍ଦେଶ ସେତେବେଳେ ଦିଆଯାଇଛି ଯେତେବେଳେ ବିମାନ ସବୁଠୁ ଅଧିକ ଗହଳି ରହେ । ଯାହା ହଜାର ହଜାର ଯାତ୍ରୀଙ୍କୁ ଅସୁବିଧାରେ ପକାଇବ ବୋଲି ଜଣାପଡିଛି ।

ପ୍ରଥମ ପର୍ଯ୍ୟାୟରେ ଆମେରିକାର ଆଟଲାଣ୍ଟା, ମିଆମି, ସାନ୍ ଫ୍ରାନସିସକୋ ବିମାନବନ୍ଦର ପ୍ରଭାବିତ ହେବ । ଏହାସହ ଡାଲାସ, ସିକାଗୋ ଓ ଲସ ଆଞ୍ଜେଲସର ବିମାନ ବନ୍ଦର ମଧ ସାମାନ୍ୟ ପ୍ରଭାବିତ ହୋଇପାରେ । ଆଗକୁ ନ୍ୟୁୟର୍କ, ହୋଷ୍ଟନ ଭଳି ନୂଆ ନୂଆ ବିମାନବନ୍ଦରକୁ ତାଲିକାରେ ସାମିଲ କରାଯିବ । ଆହୁରି ମଧ କୁହାଯାଉଛି ଯେ, ପ୍ରତିଦିନ ପ୍ରାୟ ୧୮୦୦ରୁ ଅଧିକ ବିମାନ ସହ ୨ ଲକ୍ଷ ୬୮ ହଜାର ଯାତ୍ରୀ ପ୍ରଭାବିତ ହେବେ । ୨୪ଟି ରାଜ୍ୟରେ ବିମାନ ହ୍ରାସ ନିୟମ ଲାଗୁ ହେବ । ତେଣୁ ବିଭିନ୍ନ ଏୟାରଲାଇନ୍ସ ପକ୍ଷରୁ ଯାତ୍ରୀଙ୍କୁ ଏବାବଦରେ ସୂଚନା ଦିଆଯାଉଛି । ତେବେ ସଟଡାଉନ ବା ବନ୍ଦ ପ୍ରଭାବରୁ ଏୟାର ଟ୍ରାଫିକ କଣ୍ଟ୍ରୋଲର୍ସଙ୍କ ଦରମା ଚେକ୍ ବାଉନ୍ସ ହୋଇଯାଇଛି । ଯାହା ଫଳରେ ୪୦୦ରୁ ଅଧିକ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରୁଛନ୍ତି । ପୂର୍ବବର୍ଷ ତୁଳନାରେ ଏହା ୪ ଗୁଣ ଅଧିକ । ଅନେକ କର୍ମଚାରୀ ଅସୁସ୍ଥ ଥିବା କହୁଛନ୍ତି । ଯାହାର ପ୍ରଭାବ ବିମାନ ସେବା ଉପରେ ସିଧାସଳଖ ପଡୁଛି ।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ୱାସ୍ଥସେବା

**ଓଡ଼ାପଡ଼ା : ଏକ୍ସପ୍ରେସ ନ୍ୟୁଜ୍**

ଓଡାପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଛି ସ୍ୱଚ୍ଛତାର ନଗ୍ନ ରୂପ । ସ୍ୱଚ୍ଛଭାରତ ଅଭିଯାନ ଦିଗରେ ବିଫଳ କର୍ତ୍ତୃପକ୍ଷ । ସଂକ୍ରମଣ ବଢିବା ଆଶଙ୍କା ନେଇ ଚିନ୍ତାରେ ଜନସାଧାରଣ । ବିପର୍ଯ୍ୟସ୍ତ ସ୍ୱାସ୍ଥସେବା, ଚାରିଆଡେ କୁଢ଼ କୁଢ଼ ଅଳିଆ, ନିଷିଦ୍ଧାଞ୍ଚଳରେ ବୁଲୁଛନ୍ତି ଗାଇ ଓ ଛେଳି । ବର୍ଜ୍ୟ ବସ୍ତୁ ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ପ୍ରଶାସନ । ମାଳ ମାଳ ଅଭିଯୋଗ ପରେବି ବଦଳି ପାରୁନି ସ୍ୱାସ୍ଥ୍ୟ କେନ୍ଦ୍ରର ବିକଳ ଚିତ୍ର । ସ୍ୱାସ୍ଥ୍ୟକେନ୍ଦ୍ର ଭଳି ଏକ ସମ୍ବେଦନଶୀଳ ସ୍ଥାନକୁ ଅଧିକ ଗୁରତ୍ୱ ପ୍ରଦାନ କରି କୋଟିକୋଟି ଟଙ୍କାର ଅଟକଳ ବ୍ୟୟ କରୁଛନ୍ତି ରାଜ୍ୟସରକାର । ଉଦ୍ଦେଶ୍ୟ କିପରି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସଂକ୍ରମଣକୁ ରୋକା ଯାଇପାରିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏ ସବୁର ଦାୟିତ୍ୱ ନିଜ ହାତକୁ ନେଇ ଜନସଚେତନତା ସୃଷ୍ଟି କରିବା ପାଇଁ ଚେଷ୍ଟା ଜାରି ରଖି ଥିବା ବେଳେ, ତଳସ୍ତରରେ ଏହା କେବଳ ଆଖି ଦେଖାଣିଆ ପ୍ରଚାରପ୍ରସାର ଏବଂ ବ୍ୟାନର ପୋଷ୍ଟର ମଧ୍ୟରେ ସୀମିତ



ହୋଇ ରହିଯାଇଛି । ସୂଚନା ମୁତାବକ ଓଡାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ବ୍ୟସ୍ତବହୁଳ ଜାତୀୟ ରାଜପଥ ୫୫ ଠାରୁ ମାତ୍ର ଶହେ ମିଟର ଦୂରରେ ତଥା ବ୍ଲକ ପ୍ରଶାସନର ଅତି ପାଖରେ ହୋଇଥିବାରୁ ଅଞ୍ଚଳବାସୀ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଅଧିକରୁ ଅଧିକ ନିର୍ଭରଶୀଳ ହୋଇଥାନ୍ତି । କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାହାନ୍ତି ଆବଶ୍ୟକ ମୁତାବକ ଡାକ୍ତର, ନାହିଁ ଆନୁସଙ୍ଗିକ ବୈଷୟିକ ସୁବିଧା । ଆଶୁଚିକିତ୍ସା କ୍ଷେତ୍ରରେ ସଠିକ ବ୍ୟବସ୍ଥା ନଥିବା କଥା ଅନେକ ଥର ମଧ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି । ପ୍ରାଥମିକ ଚିକିତ୍ସା ହେଉ କିମ୍ବା ଜରୁରୀ କାଳୀନସେବା କଥା କହିବା ତାହେଲେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଲୋକମାନଙ୍କ ଭରଷା ସାଜିଛି । ରକ୍ତ ପରୀକ୍ଷା କଥା ନ କହିଲେ ଭଲ । ପୂର୍ବରୁ ଏହିସବୁ ରକ୍ତନମୁନା ପରୀକ୍ଷା ଦାୟିତ୍ୱ, ସରକାର ଏକ ସଂସ୍ଥାକୁ ଦେଇଥିବା ବେଳେ, ରକ୍ତ ନମୁନା ସଂଗ୍ରହ କରୁଥିବା ସଂସ୍ଥା କବାଟ ଆଗରେ ଏବେ ତାଲା ଝୁଲୁଛି । ପାଞ୍ଚ ବର୍ଷ ତଳେ ସ୍ୱାସ୍ଥ୍ୟକେନ୍ଦ୍ରଟିର ନବକଳେବର ହୋଇଥିଲା । ଯେଉଁଥିରେ ସରକାରୀ ରାଜକୋଷରୁ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ବରାଦରେ ତିନି ମହଲା ବିଶିଷ୍ଟ କୋଠାକୁ ଉଦଘାଟନ କରାଯାଇ କାର୍ଯ୍ୟକ୍ଷମ କରାଗଲା । ଘର ସିନା ଚକାଚକ ହୋଇଗଲା, ହେଲେ ନା ମିଳୁଛି ଉତ୍ତମ ଚିକିତ୍ସା ନା ମେଡିକାଲ ପରିସରକୁ ରଖାଯାଉଛି ପରିଷ୍କାର ପରିଚ୍ଛନ୍ନ । ବିଭିନ୍ନ ପ୍ରକାର ଅଳିଆ, ବ୍ୟବହୃତ ହୋଇଥିବା ସିରିଞ୍ଜ ଛୁଞ୍ଚି, ରକ୍ତଭିଜା ଗଜ କପଡ଼ା, ସାଲାଇନ୍ ବୋତଲ, ମେଡ଼ିସିନ୍ ଖୋଳ ଓ ଅନ୍ୟାନ୍ୟ କାଚ ସାମଗ୍ରୀ ଗୁଡ଼ିକୁ ଏଣେତେଣେ ନ ପକାଇବା ପାଇଁ ବିଭିନ୍ନ ପ୍ରକାର ସ୍ଥାୟୀ ଡଷ୍ଟବିନ ତିଆରି କରାଗଲା ସତ କିନ୍ତୁ ସମସ୍ତ ଅଳିଆ ଏବେ ଡଷ୍ଟ ବିନ ବଦଳରେ ମେଡିକାଲ ଚାରିପାଖରେ ପକାଯାଉଛି । ସତେ ଯେମିତ ସ୍ୱାସ୍ଥ୍ୟ କେନ୍ଦ୍ର ପାଲଟିଛି ଡମ୍ପିଂ ୟାର୍ଡ । ମହିଳା ରୋଗୀମାନଙ୍କ ପାଇଁ ପାଇଖନା କରାଯାଇଛି ହେଲେ ଟ୍ୟାପରୁ ବହାରୁନି ପାଣି । ନା ଅଛି ସାପ କାମୁଡ଼ା ଇଞ୍ଜେକ୍ସନ ନା ସଠିକ୍ ସମୟରେ ମିଳିପାରୁଛି କୁକୁର କାମୁଡ଼ା ଇଞ୍ଜେକ୍ସନ । ଏଠି ପ୍ରଶ୍ନ ଉଠୁଛି ଯଦି ସାଧାରଣ ରୋଗିଟିଏ ଏସବୁ ପାଇଁ ସଂକ୍ରମଣ ର ଶିକାର ହୋଇ ଗୁରୁତର ହୁଏ, କିଏ ଦାୟୀ ରହିବ ? ସରକାର ନା ମେଡିକାଲ କର୍ତ୍ତୃପକ୍ଷ ?

## 'ହକ୍' ଚଳଚ୍ଚିତ୍ରର ମୁକ୍ତିଲାଭକୁ ହାଇକୋର୍ଟଙ୍କ ଅନୁମତି

**ଭୋପାଳ: ଏକ୍ସପ୍ରେସ ନ୍ୟୁଜ୍**

ଇମ୍ରାନ ହାସ୍ମି ଓ ୟାମି ଗୌତମ ଅଭିନୀତି ହିନ୍ଦୀ ଚଳଚ୍ଚିତ୍ର 'ହକ୍'ର ମୁକ୍ତିଲାଭକୁ ବିରୋଧ କରି ଶାହ ବାନୋ ବେଗମଙ୍କ ଝିଅ ସିଦ୍ଦିକା ବେଗମ ଯେଉଁ ପିଟିସନ ଦାଏର କରିଥିଲେ, ତାହାକୁ ମଧ୍ୟପ୍ରଦେଶ ହାଇକୋର୍ଟର ଇନ୍ଦୋର ବେଞ୍ଚ ଗୁରୁବାର ଖାରଜ କରିଦେଇଛନ୍ତି । ଶୁକ୍ରବାର ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଚଳଚ୍ଚିତ୍ର ମୁକ୍ତିଲାଭ ଉପରେ କଟକଣା ଲାଗୁ କରିବା ଅଯୁକ୍ତିକର ବୋଲି ହାଇକୋର୍ଟ କହିଛନ୍ତି ।




ସିଦ୍ଦିକା ଅତିକମରେ ଏକ ମାସ ପୂର୍ବରୁ ଆବେଦନ କରିବା ଉଚିତ ହୋଇଥାନ୍ତା ବୋଲି ହାଇକୋର୍ଟ କହିଛନ୍ତି ।

ସୂଚନାଯୋଗ୍ୟ ଏହି ଚଳଚ୍ଚିତ୍ରରେ ଶାହ ବାନୋଙ୍କ ବ୍ୟକ୍ତିଗତ ଓ ବୈବାହିକ ଜୀବନକୁ ଅତିରଞ୍ଜିତ କରି ଉପସ୍ଥାପନ କରାଯାଇଛି ବୋଲି ସିଦ୍ଦିକା ପିଟିସନରେ ଅଭିଯୋଗ କରିଛନ୍ତି । ବ୍ୟାବସାୟିକ ସଫଳତା ପାଇବାକୁ ନିର୍ମାତା ଏହି ଚଳଚ୍ଚିତ୍ରର ବିଷୟବସ୍ତୁକୁ ଅତ୍ୟଧିକ ନାଟକୀୟ ଢଙ୍ଗରେ ଉପସ୍ଥାପନ କରିଥିବାବେଳେ ତାଙ୍କ ମାଆଙ୍କ ଆଇନଗତ ଲଢେଇକୁ ନ୍ୟୁନ କରାଯାଇଛି ବୋଲି ସିଦ୍ଦିକା ଆପତ୍ତି ଜଣାଇଛନ୍ତି । ଅପରପକ୍ଷରେ 'ବାନୋ: ଭାରତ କୀ ବେଟି' ପୁସ୍ତକର ବିଷୟବସ୍ତୁକୁ ଚଳଚ୍ଚିତ୍ରରେ ଉପସ୍ଥାପନ କରାଯାଇଥିବାବେଳେ ସୁପ୍ରିମକୋର୍ଟଙ୍କ ରାୟ (ବହୁ ଚର୍ଚ୍ଚିତ ଶାହା ବାନୋ ମାମଲା)କୁ ପ୍ରେରଣାଭାବେ ଗ୍ରହଣ କରାଯାଇଛି ବୋଲି ଚଳଚ୍ଚିତ୍ରର ନିର୍ମାତା କହିଛନ୍ତି । ଶାହ ବାନୋ ୧୯୩୨ରେ ମଧ୍ୟପ୍ରଦେଶର ଇନ୍ଦୋର ସହରେ ମହମ୍ମଦ ଅହମ୍ମଦ ଖାନ ନାମକ ଜଣେ ଆଇନଜୀବୀଙ୍କୁ ବିବାହ କରିଥିଲେ । ସେମାନଙ୍କର ପାଞ୍ଚଜଣ ସନ୍ତାନ ଥିଲେ । ବିବାହର ୧୪ ବର୍ଷ ପରେ ମହମ୍ମଦ ଆଉ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ । କିଛି ବର୍ଷ ଦୁଇ ସଉତୁଣି ଏକାଠି ରହିଥିଲେ । ଶାହ ବାନୋଙ୍କୁ ୬୨ ବର୍ଷ ବୟସ ହୋଇଥିବାବେଳେ ମହମ୍ମଦ ତାଙ୍କୁ ଛାଡପତ୍ର ଦେଇଥିଲେ । ଶାହ ବାନୋଙ୍କୁ ଭରଣ ପୋଷଣ ବାବଦରେ ମାସିକ ୨୦୦ ଟଙ୍କା ଦେଉଥିବାବେଳେ ମହମ୍ମଦ ୧୯୭୮ରେ ଏହାକୁ ବନ୍ଦ କରିଥିଲେ । ଏଥିରେ ବ୍ୟତିବ୍ୟସ୍ତ ହୋଇ ଶାହ ବାନୋ ମାସିକ ୫୦୦ ଟଙ୍କା ଦାବି କରି ଇନ୍ଦୋରସ୍ଥିତ ଏକ ଅଦାଲତରେ ମହମ୍ମଦଙ୍କ ବିରୋଧରେ ମାମଲା ଦାଏର କରିଥିଲେ । ମାମଲା ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟରେ ପହଞ୍ଚିଥିଲା ।

ସୁପ୍ରିମକୋର୍ଟ ଶାହ ବାନୋଙ୍କ ସପକ୍ଷରେ ରାୟ ଦେଇଥିବାବେଳେ କେତେକ ମୁସଲିମ ସଂଗଠନ ଏହାକୁ ବିରୋଧ କରିଥିଲେ । ଏପରିକି ୧୯୮୬ରେ ତତ୍କାଳୀନ କଂଗ୍ରେସ ସରକାର 'ମୁସଲିମ ୱିମେନ (ପ୍ରୋଟେକ୍ସନ ଅଫ୍ ରାଇଟ୍ସ ଅନ୍ ଡାଇଭୋର୍ସ) ଆଇନ କାର୍ଯ୍ୟକାରୀ କରିବା ଫଳରେ ସୁପ୍ରିମକୋର୍ଟଙ୍କ ରାୟ ଅକାମୀ ହୋଇପଡିଥିଲା । ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ଏହି ଆଇନକୁ ରଦ୍ଦ କରିବା ସହ ଶାହ ବାନୋଙ୍କ ସପକ୍ଷରେ ରାୟ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ଏକାଧିକ ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟରେ ଶାହ ବାନୋ ମାମଲା ଅନ୍ୟତମ ।

## ସିନେମାଫିନେମା ଟିଭିଫିବି

# କୁମୁଡାହାଟ ମଧ୍ୟରୁ ଅବାଧ ଗଛକଟା : ପ୍ରଶାସନ ଛାଣୁ



**୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ତହସିଲ ଅଧିନ କୁହୁଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମର ସରକାରୀ ଜମିରୁ ବେଆଇନ ଭାବେ ବଡ ବଡ ଗଛ କଟା ଯାଉଥିବାବେଳେ ପ୍ରଶାସନର ଅଣଦେଖା ହେତୁ ଗଛ ଏବେ ପଦା ହେବାକୁ ବସିଲାଣି । ଏହି ବ୍ଲକରେ ଚାରାରୋପଣ ଅପେକ୍ଷା ବୃକ୍ଷ ଲୁଟ ଦ୍ରୁତ ଗତିରେ ବଢି ଚାଲିଥିବାବେଳେ ଏହାକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ବିଫଳ ହେଉଥିବା ଦେଖିବାକୁ ମିଳିଛି । ବୃକ୍ଷ କଟା ହେବା ପୂର୍ବରୁ ପ୍ରଶାସନ ନିକଟରେ ଖବର ନଥିବା ବେଳେ ବୃକ୍ଷ କଟା ଯିବା ପରେ ଏହାକୁ ପ୍ରଶାସନ ଲୋକ ଦେଖାଣିଆ ଭାବେ ଜବତ କରିବା ଘଟଣା ସରକାରୀ କଳର ପାରିବାପଣିଆକୁ ନେଇ ପ୍ରଶ୍ନ ଉଠିଛି । ଦୁଇ ସପ୍ତାହ ପୂର୍ବରୁ ଏହି ପଞ୍ଚାୟତର କଲ୍ୟାଣପୁର ବିଦ୍ୟାଳୟ ସମ୍ମୁଖରୁ ଗୋଟିଏ ବଡ ଚାକୁଣ୍ଡା ଗଛ କଟା ଯାଇଥିବାବେଳେ ଖବର ପାଇ ପ୍ରଶାସନ ବନ୍ଦ କରିବା ସହ ଜବତ କାଠକୁ ଦୁଇ ଦିନ ତଳେ ନିଲାମ କରିଥିଲେ । ତେବେ ଗୁରୁବାର ଦିନ ଏହି ପଞ୍ଚାୟତ କୁମଡାହାଟ ମଧ୍ୟରେ ଥିବା ୨ଟି ବଡ ବଡ ମାହାଳ ଓ ଶିମିଳି ଗଛକୁ କଟା ଯାଇଥିବା ଦେଖିବାକୁ ମିଳିଛି । ଖବର ପାଇ କୋଠପଦା ରାଜସ୍ୱ ନିରୀକ୍ଷକ କଟା ଯାଇଥିବା କାଠକୁ ଜବତ କରିଥିବା ଜଣାଯାଇଛି । ତେବେ ସରକାରୀ ବୃକ୍ଷର ରକ୍ଷଣାବେକ୍ଷଣ ଓ ଜଗାରଖା ପାଇଁ ମାହାଙ୍ଗା ବ୍ଲକର ମାହାଙ୍ଗା ଠାରେ ବନବିଭାଗ ପକ୍ଷରୁ ଏକ ବିଟ ହାଉସ ସ୍ଥାପନ କରାଯାଇଛି । ହେଲେ ଏହି ବିଟ ହାଉସର ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନ ହେବା ଦ୍ୱାରା ବାରମ୍ବାର ଛୁଟି ଦିନ ଆଦିରେ ସରକାରୀ ଜମିରୁ କାଠମାଫିଆମାନେ ଗଛ ଲୁଟ କରୁଛନ୍ତି । ପ୍ରଶାସନ ପକ୍ଷରୁ କାଠମାଫିଆଙ୍କ ବିରୁଦ୍ଧରେ ଆଖିଦୃଶିଆ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏବେ ଧୀରେ ଧୀରେ ବଡ ବଡ ଗଛ ବିଲୁପ୍ତ ହେବାକୁ ବସିଲାଣି । ତୁରନ୍ତ କଟକ ଜିଲ୍ଲାପାଳ ଓ ଜିଲ୍ଲା ବନ୍ୟାଞ୍ଚଳ ଅଧିକାରୀ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବେଶବତ ମାନେ ଦାବି କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶନିବାର– ତୃତୀୟା |
|---|---|
| ୮.୧୧.୨୦୨୫ | ନକ୍ଷତ୍ର– ମୃଗଶିରା, ବୃଷଚନ୍ଦ୍ର |

| | |
|---|---|
| **ମେଷ** | : ବନ୍ଧୁଙ୍କ ସହ କଳହ ହୋଇପାରେ । |
| **ବୃଷ** | : ନୂତନ ଚୁକ୍ତି ସ୍ୱାକ୍ଷରିତ କରିବେ । |
| **ମିଥୁନ** | : ଆର୍ଥିକ କ୍ଷତିଗ୍ରସ୍ତ ହେବେ । |
| **କର୍କଟ** | : ସ୍ୱାସ୍ଥ୍ୟରେ ଉନ୍ନତି ହେବ । |
| **ସିଂହ** | : ସହଯୋଗ ବୃଦ୍ଧି ପାଇବ । |
| **କନ୍ୟା** | : ତୀର୍ଥାଟନ ଯୋଗ ରହିଛି । |
| **ତୁଳା** | : ସ୍ତ୍ରୀଙ୍କ ସହ କଳହ ହେବ । |
| **ବିଛା** | : ସ୍ତ୍ରୀ ସହଯୋଗ ବୃଦ୍ଧି ପାଇବ । |
| **ଧନୁ** | : ଆକସ୍ମିକ ଦ୍ରବ୍ୟ ପ୍ରାପ୍ତି ହେବ । |
| **ମକର** | : ସନ୍ତାନ କଷ୍ଟ ଦୂର ହେବ । |
| **କୁମ୍ଭ** | : ଅଯଥାରେ ଅସନ୍ତୋଷ ହେବ । |
| **ମୀନ** | : ଗୁରୁଜନେ ଖୁସି ହେବେ । |

## ରାସ୍ତାରେ ଗୃହ ନିର୍ମାଣ ସାମଗ୍ରୀ : ଯାତ୍ରୀ ଦୁର୍ଘଟଣାର ଶିକାର

**ସୋର, ୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ସହରର ବିଭିନ୍ନ ଜନଗହଳି ରାସ୍ତା ଉପରେ ଗହ ନିର୍ମାଣ ସାମଗ୍ରୀ ଦୀର୍ଘଦିନ ପର୍ଯ୍ୟନ୍ତ ଗଚ୍ଛିତ ରଖାଯାଉଥିବାରୁ ଅନେକ ସମୟରେ ଦୁଘଟଣା ଘଟି ଲୋକେ ଧନ ଜୀବନ ନଷ୍ଟ ହେଉଥିବା ଦେଖାଯାଇଛି । କଲେଜଛକ ନିକଟସ୍ଥ ସୋର–କୁପାରି ରାସ୍ତା ଉପରେ ଘର ନିର୍ମାଣ ପାଇଁ ବିପୁଳ ସାମଗ୍ରୀ ରଖାଯାଇଥିବାରୁ ରାସ୍ତା ଅଣଓସାର ହୋଇଯାଇଛି। ଫଳରେ ଗତକାଲି ରାତିରେ ଖଇରାରୁ ସୋର ରେଳ ଷ୍ଟେସନକୁ ଆସୁଥିବା ଓଡି ୦୧ ଜେ ୦୭୩୮ ନମ୍ବର ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ବସିଥିବା ଦମ୍ପତି ଦୁଇଜଣ ଗୁରୁତର



ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ସେହିପରି ସୋର ଅନନ୍ତପୁର ରାସ୍ତା କୋର୍ଟଛକ ନିକଟରେ ଜଣେ ବ୍ୟକ୍ତିଙ୍କ ଘର କାମ ଚାଲୁଥିବାରୁ ସେ ମଧ୍ୟ ରାସ୍ତା ଉପରେ ବାଲି, ଚିପ୍ସ ଆଦି ନିର୍ମାଣ ସାମଗ୍ରୀ ଗଚ୍ଛିତ ରଖିଛନ୍ତି ଫଳରେ ଯାତାୟତ ସମୟରେ ଯାତ୍ରୀମାନେ ଓ ଗାଡିର ଚାଳକମାନେ ନାନଦି ଅସୁବିଧାକୁ ସମ୍ମୁଖିନ ହେଉଛନ୍ତି । ସମାନ ଢଙ୍ଗରେ ସୋର ସହରର ବିଭିନ୍ନ ସ୍ଥାନରେ ଲୋକମାନେ ରାସ୍ତା ଉପରେ ଏପରି ସାମଗ୍ରୀ ଗଚ୍ଛିତ ରଖୁଥିବା ବେଳେ ପୌର ପ୍ରଶାସନ ପକ୍ଷରୁ ଉଚିତ କାର୍ଯ୍ୟନୁଷ୍ଠାନ ନିଆଯିବା ସହିତ ରାସ୍ତା ଉପରୁ ସାମଗ୍ରିକୁ ହଟାଇବା ପାଇଁ ସାଧାରଣରେ ଦାବି ହୋଇଛି ।

## ଖେଳପଡ଼ିଆ ତାର ବାଡ଼ ଉଚ୍ଛେଦକୁ ନେଇ ପୋଲିସ୍-ଗ୍ରାମବାସୀ ମୁହାଁମୁହିଁ

**ଢେଙ୍କାନାଳ, ୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ କାନପୁରା ପଞ୍ଚାୟତ ଜନ୍ତାରିବୋଲ ଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ୫୧୦ ଜଣ ଛାତ୍ର, ଛାତ୍ରୀ ଏବେ ଅଧ୍ୟୟନ କରୁଛନ୍ତି । ଉକ୍ତ ବିଦ୍ୟାଳୟର ପଛପଟେ ଖେଳ ପଡ଼ିଆ ନିର୍ମାଣ କରିବା ପାଇଁ ଜାଗା ରହିଥିବା ସହ ଖେଳ ପଡିଆ ନିର୍ମାଣ କରିବା ପାଇଁ ବ୍ଲକ୍ ପକ୍ଷରୁ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ (ଏନ୍‌ଆର୍‌ଇଜିଏସ୍)୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଫଳକ ନିର୍ମାଣ କରିଥିଲେ ମଧ୍ୟ ସେଠାରେ କାମ ନ କରି ବିଦ୍ୟାଳୟ ସମ୍ମୁଖରେ ଥିବା ସରକାରୀ ଜାଗାକୁ ବିନା ସ୍ୱୀକୃତିରେ ବିଦ୍ୟାଳୟର ଅଧକ୍ଷ ଖେଳ ପଡ଼ିଆ ଭାବେ ବ୍ୟବହୃତ



କରୁଛନ୍ତି । ଏହି ଜାଗାଟି ଗ୍ରାମବାସୀ ଯାନିଯାତ୍ରା କରିବା ସହ ଗ୍ରାମର ଖେଳାଳିମାନେ ବ୍ୟବହାର କରୁଥିଲେ । ଜାଗାଟି ଖୋଲା ଥିବାରୁ ଦୈନିକ ଅସାମାଜିକ ଯୁବ ଗୋଷ୍ଠୀ ସନ୍ଧ୍ୟାରେ ମଦ୍ୟପାନ ଓ ବିଭିନ୍ନ ନିଶାଦ୍ରବ୍ୟ ସେବନ କରିବା ସହ ଆଡା ଜମାଇ ଥିବାରୁ ଗ୍ରାମବାସୀମାନେ ତାର ବାଡ଼ ଦେଇ ଅବରୋଧ କରିଥିଲେ । ଆଜି ପୂର୍ବାହ୍ନରେ ଅଧକ୍ଷଙ୍କ ଅଭିଯୋଗକୁ ନେଇ କାମାକ୍ଷାନଗର ତହସିଲଦାର, ଆରକ୍ଷୀ ଅଧିକାରୀ, ଥାନା ଅଧିକାରୀ, ରାଜସ୍ୱ ନିରୀକ୍ଷକ ଓ ୧ପ୍ଲାଟୁନ୍ ପୋଲିସ ଫୋର୍ସ ନେଇ ଉଚ୍ଛେଦ କରିବା ପାଇଁ ଯାଇଥିବା ବେଳେ ପୋଲିସ୍ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ପ୍ରାୟ ୩ ଘଣ୍ଟା ଧରି ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବେଳେ ପ୍ରଶାସନ ପକ୍ଷରୁ ତାର ବାଡ଼କୁ ଉଚ୍ଛେଦ କରିଥିଲେ । ଏହାକୁ ନେଇ ଗ୍ରାମବାସୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବିଦ୍ୟାଳୟର ଅଧକ୍ଷଙ୍କ ବଦଳି ଦାବି ସହ ଉକ୍ତ ଖେଳ ପଡ଼ିଆଟି ଜନ୍ତାରି ବୋଲ ଗ୍ରାମ୍ୟ କମିଟିକୁ ହସ୍ତାନ୍ତର କରିବା ପାଇଁ ଦାବି କରିଛନ୍ତି । ଅନ୍ୟପକ୍ଷରେ ଅଧକ୍ଷ ଗ୍ରାମବାସୀଙ୍କୁ କଟୁ ମନ୍ତବ୍ୟ ଦେଇ ସମସ୍ୟା ଉପୁଜିଥିବା କହିଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିରପେକ୍ଷ ତଦନ୍ତ କରି ଆଶୁ ସମାଧାନ କରା ନ ଗଲେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ।

## ୫୧ଟି କଇଁଛ ଉଦ୍ଧାର, ୨ ଗିରଫ

**ମାଲକାନଗିରି, ୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା ମୋଟୁ ବନ କର୍ମଚାରୀମାନେ ଅବୈଧ କଇଁଛ ଚୋରରେ ଚାଲାଣ କରୁଥିବା ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ପାଖରୁ ୫୧ଟି ଜୀବନ୍ତ କଇଁଛ ଉଦ୍ଧାର କରିଛନ୍ତି । ଗିରଫ ବ୍ୟକ୍ତିମାନେ ହେଲେ ଏମପିଭି –୪୭ ଗ୍ରାମର ସୁରଜ ମଣ୍ଡଳ (୨୪) ଏବଂ ଏମଭି –୮୧ ଗ୍ରାମର ଜୟନ୍ତ ବାଛାଡ (୨୮) । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ କର୍ମଚାରୀ ଓ ରାଜସ୍ୱ କର୍ମଚାରୀମାନେ ମିଳିତ ଭାବେ ଏକ ଦଳ ଗଠନ କରି କାମାରଗୁଡା ଗ୍ରାମ ସେତୁ ନିକଟରେ ଛକି ରହିଥିବା ବେଳେ ସେହି ପଥ ଦେଇ ଏକ ମୋଟର ସାଇକେଲରେ ଅଖା ଦ୍ୱାରା କଇଁଛ ଚାଲାଣ କରାଯାଉଥିବା ସନ୍ଦେହ



ହେବାରୁ ମୋଟର ସାଇକେଲକୁ ଅଟକାଇ ଯାଞ୍ଚ କରାଯାଇଥିଲା ଛ ଯାଞ୍ଚ ସମୟରେ ଅଠାରେ କଇଁଛ ଥିବାର ଜଣା ପଡିଥିଲା । ଏହି କଇଁଛଗୁଡ଼ିକୁ ଆନ୍ଧ୍ର ପ୍ରଦେଶର ଓ୍ୱେମୁଲାରାଇ ଅଞ୍ଚଳରୁ ଅଜଣା ବ୍ୟକ୍ତିଙ୍କ ଠାରୁ କ୍ରୟ କରାଯାଇଥିଲାଛ ଦୁଇ ଜଣ ଅଭିଯୁକ୍ତ ଡଙ୍ଗାରେ ନଈ ପାର ହୋଇ ଓଡ଼ିଶା ସୀମା ଅତିକ୍ରମ କରି, କୁର୍ସନପାଲ୍ଲୀ ଘାଟରେ ପହଞ୍ଚିଥିଲେ । ଦୁହେଁ ଉକ୍ତ କଇଁଛଗୁଡିକୁ ଅବୈଧ ଭାବରେ ଏମପିଭି –୪୭ ଗ୍ରାମକୁ ନେବା ପାଇଁ ଉଦ୍ୟମ କରୁଥିବା ବେଳେ ସେମାନଙ୍କ ଠାରୁ ୫୧ଟି ଜୀବିତ କଇଁଛ (ପ୍ରାୟ ୧୬୦ କି.ଗ୍ରାମ) ଉଦ୍ଧାର କରାଯାଇଥିଲାଛ ଅଭିଯୁକ୍ତଙ୍କଠାରୁ ଗୋଟିଏ ହିରୋ ସ୍ପ୍ଲେଣ୍ଡର୍ ପ୍ରୋ ମୋଟର ସାଇକେଲ, ଗୋଟିଏ ମୋବାଇଲ, ୨ଟି ଅଖା ଭର୍ତ୍ତି କଇଁଛ ଜବତ କରାଯାଇଛି । ଉଭୟ ଅଭିଯୁକ୍ତଙ୍କୁ ବନ୍ୟ ପ୍ରାଣୀ (ସୁରକ୍ଷା) ଅଧିନିୟମ, ୧୯୭୨ ଅନୁସାରେ ଗିରଫ କରାଯାଇ ଏମଭି–୭୯ କୋର୍ଟକୁ ଚାଲାଣ କରାଯାଇଛି ।

## ହୋଟେଲ୍‌ରୁ ବି–ଟେକ୍ ଛାତ୍ରଙ୍କ ଶବ ଉଦ୍ଧାର

**ପୁରୀ, ୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସହପାଠୀଙ୍କ ସହ ବୁଲିଯାଇଥିବା ରାଉରକେଲାର ଜଣେ ବିଟେକ୍ ଛାତ୍ର ଚିନ୍ମୟ ସାମଲ (୨୭)ଙ୍କ ଶବ ଆଜି ପୁରୀର ଏକ ହୋଟେଲ୍ ରୁମ୍‌ରୁ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଛି । ହୋଟେଲ୍ ରୁମ୍‌ରେ ଚିନ୍ମୟଙ୍କ ସହ ରହୁଥିବା ଅନ୍ୟ ତିନି ସାଙ୍ଗ ଫେରାର ହୋଇ ଯାଇଛନ୍ତି । ପୁରୀ ପୁଲିସ ଶବ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରଖିଛି । ପରିବାର ଲୋକେ ଗୁରୁବାର ସନ୍ଧ୍ୟାରେ ରାଉରକେଲାରୁ ପୁରୀ ଅଭିମୁଖେ ବାହାରିଛନ୍ତି । ସେମାନେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି । ଚିନ୍ମୟଙ୍କ ମୋବାଇଲ ମିଳୁ ନଥିବାରୁ ତାଙ୍କୁ ଯୋଜନାବଦ୍ଧ ଭାବେ ନିଶା ଖୁଆଇ ହତ୍ୟା କରାଯାଇଛି ବୋଲି ପିତା ଶୁଭେନ୍ଦୁ ସାମଲ ଅଭିଯୋଗ କରିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଚିନ୍ମୟଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି ।

ରାଉରକେଲା ଲେବର ଟେନାମେଣ୍ଟ ଅଞ୍ଚଳର ଶୁଭେନ୍ଦୁ ସାମଲଙ୍କ ପୁଅ ଚିନ୍ମୟ କଟକ ଟାଙ୍ଗୀସ୍ଥିତ ଗାନ୍ଧୀ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ କରୁଥିଲେ । ଗତକାଲି ଚିନ୍ମୟ ତାଙ୍କ ତିନି ସହପାଠୀଙ୍କ ସହ ଭୁବନେଶ୍ୱର ବାଲିଅନ୍ତାରେ ବାଲିଯାତ୍ରା ଦେଖିବାକୁ ଯାଉଛି ବୋଲି ବାପା ଶୁଭେନ୍ଦୁଙ୍କୁ କଲ୍ କରିଥିଲେ । ପରେ ସହପାଠୀଙ୍କ ସହ ମିଶି ପୁରୀ ବୁଲିବାକୁ ଯାଇଥିଲେ । ପୁରୀ ଖୁଣ୍ଟିଆସାହିର ରାଧାକୃଷ୍ଣ ନିବାସର ରୁମ୍ ନଂ ୩୦୨ରେ ରହିଥିଲେ । ଗତକାଲି ସନ୍ଧ୍ୟା ସାଢ଼େ ୭ଟାରେ ଚିନ୍ମୟ ବାପା ଶୁଭେନ୍ଦୁଙ୍କ ସହ ଶେଷଥର କଥା ହୋଇଥିଲେ । ପରବର୍ତ୍ତୀ ସମୟରେ ଶୁଭେନ୍ଦୁ କଲ୍ କରିଥିଲେ ହେଁ ଚିନ୍ମୟଙ୍କ ମୋବାଇଲ୍ ସୁଇଚ୍‌ଅଫ୍ ଦେଖାଇଥିଲାଛ ଆଜି ଅପରାହ୍ଣ ୫ଟାରେ ପୁରୀ ପୁଲିସ ହୋଟେଲ ରୁମ୍‌ରୁ ଚିନ୍ମୟଙ୍କ ଶବ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲା ।

## ଇ.ସି ପାଇଁ ଜମି କ୍ରେତା ଓ ବିକ୍ରେତା ବାରଦୁଆର

**କଣାସ, ୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବା ବେଳେ ଏହା ଏକ ଅନୁନ୍ନତ ଅଞ୍ଚଳ ଭାବେ ସରକାରୀ କାଗଜପତ୍ରରେ ଲିପିବଦ୍ଧ ଅଛି । ଏହି ଅଞ୍ଚଳର ଲୋକମାନେ ଜମିବାଡି ବିକ୍ରି କରିବା ପାଇଁ ୨ହଜାର ମସିହା ପୂର୍ବରୁ ସବରେଜେଷ୍ଟ୍ରି କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟରେ ସତ୍ୟବାଦୀ ଓ ପୁରୀରେ ରହିଥିଲା। ଅଞ୍ଚଳର ଲୋକମାନେ କଣାସରେ ଏକ ତହସିଲ ଏବଂ ସବରେଜେଷ୍ଟ୍ରି କାର୍ଯ୍ୟାଳୟ ଖୋଲିବା ପାଇଁ ବାରମ୍ବାର ଦାବି କରିବାରୁ ୨୦୦୦ ମସିହାରେ କଣାସ ଠାରେ ସବରେଜେଷ୍ଟ୍ରି କାର୍ଯ୍ୟାଳୟ ଓ ତହସିଲି କାର୍ଯ୍ୟାଳୟ ଖୋଲାଯାଇଥିଲା । ବର୍ତ୍ତମାନ ଯେଉଁ ଜମି କ୍ରେତା ଓ ବିକ୍ରେତା ଜମି ବିକା କିଣା କରିବା ପାଇଁ ସବରେଜେଷ୍ଟ୍ରି କାର୍ଯ୍ୟାଳୟକୁ ଯାଉଛନ୍ତି ସେମାନଙ୍କୁ ୩୩ ବର୍ଷର ଇ.ସି ଆଣିବା ପାଇଁ ବାଧ୍ୟ କରାଯାଉଥିବାରୁ ଇ.ସି ପାଇଁ ଜମି କ୍ରେତା ଓ ବିକ୍ରେତା କଣାସ, ଡେଲାଙ୍ଗ, ସତ୍ୟବାଦୀ ଏବଂ ବ୍ରହ୍ମଗିରି ସବରେଜେଷ୍ଟ୍ରି କାର୍ଯ୍ୟାଳୟରୁ ଇ.ସି ଆଣିବା ପାଇଁ ପଡୁଥିବାରୁ କ୍ରେତା ଓ ବିକେତ୍ରା ନକେଦମ୍ ହେଉଛନ୍ତି । ଜମି କ୍ରେତା ଓ ବିକ୍ରେତା କଣାସ ଠାରେ ସବରେଜେଷ୍ଟ୍ରି କାର୍ଯ୍ୟାଳୟ ସ୍ଥାପନ କରିବା ଠାରୁ ଦୀର୍ଘ ୨୫ବର୍ଷର ଇ.ସି ଦାଖଲ କରାଗଲେ କ୍ରେତା ଓ ବିକ୍ରେତା ବାରଦୁଆର ସବରେଜେଷ୍ଟ୍ରି କାର୍ଯ୍ୟାଳୟ ହେବାକୁ ପଡନ୍ତା ନାହିଁ ବୋଲି କ୍ରେତା ଓ ବିକ୍ରେତାମାନେ ମତ ପ୍ରକାଶ କରିଛନ୍ତି । କଣାସ ଠାରୁ ୫୦ବର୍ଷର ଇ.ସି କାଢି ଜମି କିଣା ବିକା କରିବା ପାଇଁ କ୍ରେତା ଓ ବିକ୍ରେତାମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ପୋଖରୀରେ ବୁଡି ଯୁବକ ମୃତ

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାଗୋଳ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି। ସୂଚନା ଅନୁଯାୟୀ ଗ୍ରାମର ରାମ ଦଳେଇଙ୍କ ପୁଅ କାଳିଆ ଦଳେଇ (୨୩) ଆଜି ଅପରାହ୍ନରେ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିଲେ। ଦ୍ୱିପ୍ରହର ସମୟରେ କାଳିଆ ଘରକୁ ଫେରିବାକୁ ବିଳମ୍ବ ହେବାରୁ ପରିବାର ଲୋକଙ୍କ ସମେତ ସାହି ପଡିଶା ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ଖୋଜଖବର ପାଇନଥିଲେ। ଅପରାହ୍ନ ପ୍ରାୟ ୪ଟା ସମୟରେ ଗ୍ରାମ ନିକଟରେ ଥିବା ପୋଖରୀରେ କାଳିଆର ମୃତ ଦେହ ଭାସୁଥିବାର ଲୋକମାନେ ଦେଖିବାକୁ ପାଇଥିଲେ।

## ସାପ କାମୁଡ଼ାରେ ସ୍କୁଲ ଛାତ୍ରର ମୃତ୍ୟୁ

**ବୋଲଗଡ଼, ୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଇଏ କେଉଁ ଉପାନ୍ତ ଅଞ୍ଚଳ ନୁହେଁ, ଖୋଦ୍ ରାଜ୍ୟର ଏକ ନମ୍ବର ଜିଲ୍ଲା ଖୋର୍ଦ୍ଧା ଜିଲ୍ଲାର । ଗୁଣିଗାରେଡିବା ଝଡ଼ାଫୁଙ୍କା କରିବା ଫଳରେ ବିଷଧର ସାପ କାମୁଡ଼ାରେ କିପରି ଜଣେ ନିଷ୍ପାପ ବାଳକର ପ୍ରାଣ ଗଲା ତାହା ଆଲୋଚନାର ବିଷୟ ଲୋଇଛି । ଘଟଣା ଘଟିଛି ବୋଲଗଡ଼ ବ୍ଲକ ଅନ୍ତର୍ଗତ ଆରିକମା ଗ୍ରାମରେ । ଗ୍ରାମର ପିତବାସପଲେଇଙ୍କ ଏକମାତ୍ର ପୁତ୍ର ରୁଦ୍ରନାରାୟଣ ପଲେଇ ବୟସ ୧୧ ବର୍ଷ ଯେକି ଗ୍ରାମର ଶଙ୍କରପୁର ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ପଢୁଥିଲା । ସେ ତା'ର ଜେଜେବାପା ଅନନ୍ତ ପଲେଇଙ୍କ ସହ ବୁଧବାର ସକାଳେ ବିଲକୁ ଘାସକାଟିବାକୁ ଯାଇଥିଲା । ଜମି ହୁଡ଼ାରୁ ଘାସକାଟୁଥିଲାବେଳେ ଏକ ବିଷଧରସାପ କାମୁଡ଼ିଥିଲା । ଏହାପରେ ସାଇକେଲରେ କଟାଘାସ ଆଣି ଘରେ ପହଞ୍ଚିବାପରେ ଘଟଣା ସଂପର୍କରେ ପରିବାର ଲୋକେ ଜାଣିବା ପରେ ଗାଁରେ ଜନୈକ ଦେଶୀ ଚିକିତ୍ସା କରୁଥିବା ବୈଦ୍ୟଙ୍କ ନିକଟକୁ ନେଇ ଝଡ଼ାଫୁଙ୍କା କରି ଚେରିମୂଳ ଉପଚାର କରିଥିଲେ । ପିଲାଟି ଟିକିଏ ସୁସ୍ଥ ଅନୁଭବ କରିବାରୁ ସେହି ରାତ୍ରିରେ ପୁଣି ଶରୀର ଅସୁସ୍ଥ ହେଲା । ପରିଶ୍ରାରେ ରକ୍ତ ପଡ଼ିବା, ଝାଡ଼ାବାନ୍ତି ହେବା, ଅବସାଦ ହେବାରୁ ଗୁରୁବାର ଭୋରରୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏକ ଅଟୋରେ ନେଉଥିଲେ ।

## ଜାତୀୟ ରାଜପଥରେ ଛିନ୍‌ତାଇ, ଯୁବକ ଗିରଫ

**ସୋର, ୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

୧୬ ନମ୍ବର ଜାତୀୟ ସୋର ଥାନା ଅନ୍ତର୍ଗତ ରାଜପଥ ନାୟକବନ୍ଧ ଛକ ନିକଟରେ ଛିନ୍‌ତାଇ କରୁଥିବା ବେଳେ ଜଣେ ଯୁବକକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛ । ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ସୋର ପୁଲିସ ନାୟକବନ୍ଧ ଛକରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଯୁବକ ବିଭିନ୍ନ ଗାଡି ଅଟକାଇ ଛିନ୍‌ତାଇ କରୁଥିଲେ। ଫଳରେ ପୁଲିସ ବାସୁଦେବପୁର ଥାନା ନୂଆଗାଁ ଗ୍ରାମର ପ୍ରକାଶ ମହାଳିକ(୨୪)କୁ ଥାନାରେ ଅଟକ ରଖିଥିଲେ । ଆଜି ଏ ବାବଦରେ ସୋର ଥାନାରେ ପୁଲିସ ୯୦୯/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ପ୍ରକାଶକୁ ଗିରଫ କରିଥିଲେ । ସନ୍ଧ୍ୟାରେ ସୋର ମେଡିକାଲରେ ତା'ର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

## ଖଣି ବିଭାଗର ବିନା ଅନୁମତିରେ ଚାଲିଛି ବାଲି ଚାଲାଣ : ଅସନ୍ତୋଷ କୁହୁଳୁଛି

**ନିଆଳି, ୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଟାପଡା ତହସିଲ ଅଧୀନ ଡ଼ିମିରି ପଞ୍ଚାୟତ ଅରିଶୋଲ ବାଲିଘାଟ, ଖଣି ବିଭାଗର ନିୟମକୁ ଖୋଲା ଉଲ୍ଲଂଘନ କରି ଦିନ ରାତି ସହ ସହ ଟ୍ରିପ୍ ବାଲି ହାଇବାରେ ଚୋରା ଚାଲାଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି । ଏହି ଘାଟର ମାଲିକ ସରକାରୀ ଦଳର ଜଣେ ନେତାଙ୍କ ଛତ୍ରଛାୟାରେ ରହି ଦିନ ଦ୍ୱିପ୍ରହରେ ଖଣି ବିଭାଗର ନିୟମକୁ ଉଲ୍ଲଂଘନ କରୁଛନ୍ତି । ଉକ୍ତ ଘାଟରେ ହାଇବାରେ ବାଲି ବୋହିବା ପାଇଁ ଜେସିବି ପକାଇବାକୁ ନିୟମ ନ ଥିବା ବେଳେ ଏଠାରେ ମେସିନ୍ ପକାଇ ବାଲି ଖୋଲା ଯାଉଛି । ଘାଟର ସୀମାରେ ଚିହ୍ନ ଦିଆଯାଇନଥିବା ବେଳେ ବାଲି ଚୋରି ପାଇଁ ଶିଶିଟିଭି ଲଗାଯାଇ ନାହିଁ । ଏମିତିକି ଖଣି ବିଭାଗର ନିୟମକୁ ଉକ୍ତ ବାଲିଘାଟ ମାନୁ ନଥିବା ଦେଖିବାକୁ ମିଳିଛି । ବଡ଼ ମେସିନରେ ବାଲି ଖୋଳିବା ଦ୍ୱାରା ଆଖପାଖ ଅଞ୍ଚଳରେ ବିପଦ ସୃଷ୍ଟି ହୋଇଥିବା ବେଳେ ଉରାଡ଼ ସେତୁ ପ୍ରତି ବିପଦ ସୃଷ୍ଟି ହୋଇଛି । ସେତୁର ଖୁଣ୍ଟ ଠାରୁ ମାତ୍ର ୩ ଶହ ମିଟର ଦୂରର ଗଭୀରରେ ବାଲି ଖୋଳା ଯାଉଥିବାରୁ ପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ବର୍ଷା ଦିନ ପାଇଁ ଭୟ ସୃଷ୍ଟି ହୋଇଛି । ଏ ନେଇ ଖଣି ବିଭାଗ ଅଧିକାରୀ ସମ୍ପିତି ସାହୁଙ୍କୁ ପଚାରିବାରୁ ଉକ୍ତ ଘାଟରେ ମେସିନ୍ ପକାଇବାକୁ ଅନୁମତି ଦିଆଯାଇ ନାହିଁ ବୋଲି କହିଛନ୍ତି ।

ଏଠାରେ ସୂଚନାଥାଉ କି ଅରିଶୋଲ ବାଲିଘାଟରୁ ଯେତିକି ପରିମାଣର ବାଲି ଉଠାଇବା କଥା ଶହେ ଗୁଣରୁ ଅଧିକ ବାଲି ଉଠା ହେଉଛି । ଦୁଇ ତିନି ଦିନ ମଧ୍ୟରେ ଯଦି ଉକ୍ତ ବାଲିଘାଟ ଉପରେ ଖଣି ବିଭାଗ କାର୍ଯ୍ୟାନୁଷ୍ଠାନ ନ ନିଏ ସ୍ଥାନୀୟ ଅଞ୍ଚଳବାସୀ ଘାଟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ସ୍ୱାମୀର ନିର୍ଯାତନା ସହି ନପାରି ବିଷ ପିଇଲେ ସ୍ତ୍ରୀ

**ବୈଶିଙ୍ଗା, ୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ଚାନ୍ଦପୁରା ଗ୍ରାମର ଜନୈକ ମହିଳା ସ୍ୱାମୀର ନିର୍ଯାତନ ସହି ନ ପାରି କୀଟନାଶକ ପିଇଦେବା ପରେ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଖବରରୁ ପ୍ରକାଶ ଚାନ୍ଦପୁରା ଗ୍ରାମର ଜୀତେନ୍ଦ୍ର କିସ୍କୁର ପୁଅ ବାପି କିସ୍କୁ (୨୮) ସହିତ ବସ୍ତା ଥାନା ଅର୍ନ୍ତଗତ ଚକୁରି ଗ୍ରାମର ଶ୍ୟାମ ମାରାଣ୍ଡିର ଝିଅ ପାର୍ବତୀ (୨୧)ର ତିନି ବର୍ଷ ତଳେ ବାହାଘର ହୋଇଥିଲା । କିଛି ଦିନ ପରେ ସ୍ୱାମୀ ବାପିର ଅନ୍ୟ ଝିଅ ସହିତ ସମ୍ପର୍କ ଥିବା କଥା ପାର୍ବତୀକୁ ଜଣାପଡିଥିଲା । ଏନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବାରମ୍ବାର ଝଗଡ ହୋଇଆସୁଥିଲା । ଗୁରୁବାର ପାର୍ବତୀ ସାମ୍ନାରେ ବାପି ସେହି ଝିଅକୁ ନେଇ କୁଆଡେ ଚାଲିଗଲା । ଏହି କଥାକୁ ସହି ନ ପାରି ସନ୍ଧ୍ୟାରେ ସ୍ତ୍ରୀ ପାର୍ବତୀ କୀଟନାଶକ ଖାଇ ଦେଇ ଥିଲା । ପରିବାର ଏହା ଜାଣିବା ପରେ ରାତ୍ରୀ ୮ଟା ବେଳେ ବୈଶିଙ୍ଗା ଡାକ୍ତରଖାନା ନେଇ ଆସି ଚିକିତ୍ସା କରୁଥିଲେ । ଖବର ପାଇ ବାପା ଶ୍ୟାମ ଓ ମାଆ କମଳା ବୈଶିଙ୍ଗା ପହଞ୍ଚି ଏଭଳି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ । ସମ୍ବାଦ ଲେଖା ହେବା ବେଳକୁ ଚିକିତ୍ସା ଚାଲିଥିଲା । ବାଲେଶ୍ୱର ବଡ ଡାକ୍ତରଖାନ ନେଇ ଯିବା ପାଇଁ ଡାକ୍ତର ରେଫର କରିଦେଇଥିବା ଜଣାଯାଇଛି ।

## ବେଧଡକ ଚାଲିଛି ବାଲି ଚୋରା ଚାଲାଣ : କୁମ୍ଭକର୍ଣ୍ଣ ନିଦ୍ରାରେ ରାଜସ୍ୱ ବିଭାଗ

**ଢେଙ୍କାନାଳ, ୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିନରୁ ଆରମ୍ଭ କରି ରାତି ତମାମ୍ ବେଧଡକ ଭାବେ ବାଲି ଚୋରା ଚାଲାଣ ହେଉଥିବାବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇରହିଛି ରାଜସ୍ୱ ବିଭାଗ । ଏପରି ଘଟଣା ହିନ୍ଦୋଳ ଉପଖଣ୍ଡରେ ବିଭିନ୍ନ ସମୟରେ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ମହାନଦୀରୁ ବାଲି ଉଠାଇ ହିନ୍ଦୋଳ ମହୀଧରପୁର ରାସ୍ତାରେ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ସ୍ଥାନକୁ ଚୋରାରେ ବାଲି ଚାଲାଣ ହେଉଥିବା ସଙ୍ଗେ ସଙ୍ଗେ ଅନୁଗୁଳକୁ ମଧ୍ୟ ଏହି ବାଲି ଚାଲାଣ ହେଉଛି । ଚୋରାରେ ଚାଲାଣ ହେଉଥିବା ବାଲି ଗାଡ଼ିକୁ ବିଭିନ୍ନ ସମୟରେ ବନବିଭାଗ ଅଟକ ରଖୁଥିବାବେଳେ କିନ୍ତୁ ଅନ୍ୟପକ୍ଷରେ ହିନ୍ଦୋଳ ତହସିଲ୍ କାର୍ଯ୍ୟାଳୟଠୁ ମାତ୍ର ଅଳ୍ପ କିଛି ଦୂରରେ ନରସିଂହପୁର ମହୀଧରପୁର ରାସ୍ତା ଯାଇଛି । ସେହି ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଚୋରା ବାଲି ଗାଡି ଯାଉଥିବାବେଳେ କାହିଁକି ରାଜସ୍ୱ ବିଭାଗ ଜାଣିପାରୁନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ? ସେହି ଚୋରା ବାଲି ଗାଡି ଗୁଡିକ ବହୁ ସମୟରେ ବାଉଁଶପୋଖରୀ ପଞ୍ଚାୟତ ନିକଟରେ ଦୀର୍ଘ ସମୟ ଧରି ଛିଡା ହୋଇ ରହୁଥିବା ମଧ୍ୟ ଦେଖିବାକୁ ମିଳୁଛି। ଦୈନନ୍ଦିନ ଚୋରା ବାଲି ଚାଲାଣ ଗାଡ଼ି ତହସିଲ୍ କାର୍ଯ୍ୟାଳୟ ନିକଟରେ ଯିବା ଏବଂ ରାଜସ୍ୱ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିବା ଆଦି ଘଟଣାକୁ ନେଇ ରାଜସ୍ୱ ବିଭାଗ ଜାଣତରେ ବୋଧେ ଏହି ସବୁ ଚୋରା ବାଲି ଚାଲାଣ ହେଉଛି ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ହାତଗୁା ନେଇ ଚୋରା ବାଲି ଚାଲାଣ ଗାଡ଼ିକୁ ରାଜସ୍ୱ ବିଭାଗ ଅଟକ ରଖୁନାହିଁ ବୋଲି ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଆଲୋଚନା ହେଉଛି। କେବେ ରାଜସ୍ୱ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁଛି ଏବଂ କେବେ ବାଲିଚୋରା ଚାଲାଣ ବନ୍ଦ୍ ହେଉଛି ତାହା ଦେଖିବାକୁ ବାକି ରହିଲା ।

# ନିଶ୍ଚେତକ ଡାକ୍ତର ନଥିବାରୁ ଅସ୍ତ୍ରୋପଚାରରୁ ରୋଗୀ ବଞ୍ଚିତ

**ସୋନପୁର, ୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଶ୍ଚେତକ ଡାକ୍ତର ନଥିବାରୁ ରୋଗୀମାନେ ସାଧାରଣ ଅସ୍ତ୍ରୋପଚାର ପାଇଁ ଘରୋଇ ନର୍ସିଂହୋମକୁ ଯାଇ ଅଯଥାରେ ଖର୍ଚ୍ଚାନ୍ତ ପଡୁଛନ୍ତି । ଡାକ୍ତରଖାନାରେ ରୋଗୀ ଚିକିତ୍ସା କେବଳ ବର୍ହିଃ ବିଭାଗ(ଓପିଡି) ସେବାରେ ସୀମିତ ରହିଛି । ସାଧାରଣରେ ଏଥିନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେବେ ପ୍ରଶାସନର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ଜିଲ୍ଲା ସଦର ମହକୁମାରେ ୫୦ଶଯ୍ୟା ବିଶିଷ୍ଟ ପ୍ରସୂତିକାଳୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ତିନି ମହଲା ବିଶିଷ୍ଟ କୋଠରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି । ସେହିପରି ୧୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ନିର୍ମାଣ ହୋଇଛି । ସାତ ମହଲା ବିଶିଷ୍ଟ ଏହି ଅତ୍ୟାଧୁନିକ କୋଠା ୨୦୨୪ ଫେବୃୟାରୀରେ ଉଦ୍‌ଘାଟିତ ହୋଇଥିଲା । ତେବେ ଚିକିତ୍ସା ସେବାକୁ ଦେଖି ଏଠାକୁ ଆସୁଥିବା ଲୋକେ ବାହାର ଚକାଚକ୍ ଭିତରେ ଖାଲି ବୋଲି ଅଭିଯୋଗ କରୁଛନ୍ତି । ରୋଗୀଙ୍କୁ ସାମାନ୍ୟ ଚିକିତ୍ସା ପାଇଁ ଘରୋଇ ନର୍ସିଂହୋମ ଉପରେ ନିର୍ଭର କରିବାକୁ ପଡୁଛି । ସୁବାସ ପଣ୍ଡା ଏହି ଡାକ୍ତରଖାନାରେ ଏକମାତ୍ର ତାଲିମପ୍ରାପ୍ତ ନିଶ୍ଚେତକ ଡାକ୍ତର ଥିଲେ । ଡାକ୍ତରଖାନାରେ ପୂର୍ବରୁ କେବଳ ପ୍ରସୂତି ବିଭାଗରେ ହିଁ ଅସ୍ତ୍ରୋପଚାର ହେଉଥିଲା । ଡାକ୍ତର ପଣ୍ଡାଙ୍କ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା ଅଧୀକ୍ଷକ ଭାବେ ବଦଳି



ହେବା ପରେ ସେ ଗତ ଅକ୍ଟୋବର ୨୨ରେ ଏଠାରୁ ରିଲିଭ୍ ହୋଇଛନ୍ତି । ସେହିଦିନଠାରୁ ପ୍ରାୟ ୧୫ଦିନ ହେବ ସୁବର୍ଣ୍ଣପୁର ଡାକ୍ତରଖାନାରେ ପୂର୍ବରୁ ହେଉଥିବା ଗର୍ଭବତୀଙ୍କ ଅସ୍ତ୍ରୋପଚାର ମଧ୍ୟ ବନ୍ଦ ହୋଇଯାଇଛି । ଖାଲି ସେତି ନୁହେଁ, ସାଧାରଣ ବଥଟିଏ ହୋଇଥିଲେ ଅସ୍ତ୍ରୋପଚାର ହେଉନି, ହାତ କି ଗୋଡ ଭାଙ୍ଗିଥିଲେ ବିଭିନ୍ନ ଆଳ ଦେଖାଇ ପ୍ଲାଷ୍ଟର ମଧ୍ୟ କରାଯାଉନି । ଅନ୍ୟପକ୍ଷେ ଡାକ୍ତର ରବି ପଣ୍ଡା ଜଣେ ତାଲିମପ୍ରାପ୍ତ ନିଶ୍ଚେତକ ଡାକ୍ତର । ସେ ଏଠାରୁ ଦରମା ପାଉଛନ୍ତି । କିନ୍ତୁ ତତ୍କାଳୀନ ସରକାରଙ୍କ ନିର୍ଦ୍ଦେଶକ୍ରମେ ସେ ୨୦୨୩ ମସିହାରୁ ଡୁଙ୍ଗୁରିପାଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ସେବା ଯୋଗାଉଛନ୍ତି । ଏଭଳି ସ୍ଥିତିରେ ଗରିବ ରୋଗୀ ଚିକିତ୍ସା ସେବା ନପାଇ ହନ୍ତସନ୍ତ ହେଉଛନ୍ତି । ଗର୍ଭ ବେଦନା ଯୋଗୁ ପ୍ରସୂତିକାଳୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ୮ ରୁ ୧୦ଜଣ ଗର୍ଭବତୀ ଆସୁଛନ୍ତି । ସେଥିମଧ୍ୟରୁ ଅଧା ସାଧାରଣ ପ୍ରସବ ହେଉଥିଲା ବେଳେ ବାକି ଅଧା କୌଣସି ସମସ୍ୟା ଥିଲେ ଡାକ୍ତର ଅସ୍ତ୍ରୋପଚାର କରି ପ୍ରସବ କରାଉଥିଲେ । ଗତ ସେପ୍ଟେମ୍ବରରେ ମୁଖ୍ୟ ଡାକ୍ତରଖାନାରେ ୧୦୨ରୁ ଉର୍ଦ୍ଧ୍ୱ ପ୍ରସବ ଅସ୍ତ୍ରୋପଚାର ଦ୍ୱାରା ହୋଇଥିଲା । ଅକ୍ଟୋବର ମାସରେ ୩୫ରୁ ଉର୍ଦ୍ଧ୍ୱ ପ୍ରସବ ଅସ୍ତ୍ରୋପଚାର ଦ୍ୱାରା ହୋଇଥିବା ବେଳେ ତାଲିମପ୍ରାପ୍ତ ନିଶ୍ଚେତକଙ୍କ ବଦଳି ପରେ ଏହା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି । ଏବେ ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ଗର୍ଭବତୀଙ୍କ ଗର୍ଭ ଯନ୍ତ୍ରଣା ହେଲେ ନର୍ସିଂହୋମ ଯାଉଛନ୍ତି । ତାଲିମପ୍ରାପ୍ତ ଡାକ୍ତର ରବି ପଣ୍ଡାଙ୍କୁ ଏଠାକୁ ଫେରାଇ ଆଣିବାକୁ ପ୍ରଶାସନିକ କିମ୍ବା ରାଜନୈତିକସ୍ତରରେ ଅଦୌ ଉଦ୍ୟମ ହେଉନି । ଜିଲାର ବୁଦ୍ଧିଜୀବୀ ମଧ୍ୟ ଏବାବଦରେ ସ୍ୱର ଉତ୍ତୋଳନ କରୁନାହାନ୍ତି । ମୁଖ୍ୟ ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ଦୁର୍ଗାଦତ୍ତ ଦାଶ କୁହନ୍ତି, ତାଲିମପ୍ରାପ୍ତ ନିଶ୍ଚେତକ ଡାକ୍ତର ସୁବାସ ପଣ୍ଡାଙ୍କ ବଦଳି ପରେ ସମସ୍ୟା ସୃଷ୍ଟି ହୋଇଛି । ପ୍ରତି ସପ୍ତାହରେ ସୋମବାର ଓ ମଙ୍ଗଳବାର ସୁବର୍ଣ୍ଣପୁର ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସା କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଡାକ୍ତର ରବି ପଣ୍ଡା ଏବେ ଡୁଙ୍ଗୁରିପାଲିରେ ଅବସ୍ଥାପିତ ଅଛନ୍ତି । ସରକାର ଚାହିଁଲେ ସେ ବାବଦରେ ନିଷ୍ପତ୍ତି ନେଇପାରିବେ ବୋଲି ଡାକ୍ତର ଦାଶ କହିଛନ୍ତି ।

ଆମ ରାଷ୍ଟ୍ରୀୟ ଗୀତରେ ବର୍ଣ୍ଣିତ ସେ ପରିବେଶ ଆଜି କାଇଁ? ଏଭଳି ଏକ ପରିବେଶ ତିଆରି କରିବା ପାଇଁ ଆମର କେତେ ଆନ୍ତରିକତା ଏବଂ ଉତ୍ସର୍ଗୀକୃତ ମନୋଭାବ ରହିଛି ସେଇଟା ହିଁ ମୂଳ ପ୍ରଶ୍ନ । ଏମିତି ଏକ ଭାରତବର୍ଷ ତିଆରି କରିବା ପାଇଁ ସରକାରଙ୍କଠାରୁ ଆରମ୍ଭ କରି ପ୍ରତିଟି ମଣିଷକୁ ଅନେକ କିଛି ତ୍ୟାଗ କରିବାକୁ ପଡ଼ିବ । ବିଶେଷ କରି ଅୟସ ଆରାମକୁ ତ୍ୟାଗ ନକଲେ ପରିବେଶରେ ସୁଧାର ଆସିପାରିବ ନାହିଁ । ଏକଥାକୁ କେହି ବୋଧେ ଅସ୍ୱୀକାର କରିପାରିବେ ନାହିଁ ।



# ଓଡ଼ିଶା ଏକ୍ସପ୍ରେସ୍

## ବନ୍ଦେ ମାତରମ୍‌ରେ ବର୍ଣ୍ଣିତ ସେ ଭାରତବର୍ଷ କାଇଁ?

**ରା**ଷ୍ଟ୍ରୀୟ ଗାନ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ମହାସମାରୋହ ପାଳନ କରାଯାଉଛି । ଏ ଗୀତର ପ୍ରଥମ ପଂକ୍ତିଟି ଏହିଭଳି–

ବନ୍ଦେ ମାତରମ୍, ବନ୍ଦେ ମାତରମ୍
ସୁଜଲାଂ ସୁଫଲାଂ ମଲୟଜଶୀତଲାମ୍
ଶସ୍ୟଶ୍ୟାମଲାଂ ମାତରମ୍...

ଆମ ରାଜ୍ୟରେ ମଧ୍ୟ ରାଷ୍ଟ୍ରୀୟ ଗୀତର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଉଛି । ପ୍ରଶ୍ନ ଉଠୁଛି ଏ ଗୀତରେ ବର୍ଣ୍ଣିତ ଭାରତବର୍ଷ ତିଆରି ହୋଇପାରିଛି କି? ଦେଶକୁ ସୁଜଳା ସୁଫଳା ଏବଂ ଶସ୍ୟଶ୍ୟାମଳା କରିବା ପାଇଁ ଚାଷର ଆବଶ୍ୟକତା ରହିଛି । ଆମ ଦେଶର ଚାଷୀ ସବୁବେଳେ ଅଭାବ ଭିତରେ ହିଁ ବଞ୍ଚେ । କୋର୍ଟ ପ୍ୟାଣ୍ଟ ପିନ୍ଧା, କାର୍ ଚଢ଼ା ଚାଷୀ ଆଖିରେ ପଡ଼େ କି? ଚାଷୀର ପୁଅ ଆଉ ଚାଷୀ ହେବାକୁ ଚାହୁଁନି । କାରଣ ଚାଷୀ ସବୁବେଳେ ବିଭିନ୍ନ ଅଭାବ ଭିତରେ ଧନ୍ଦି ହୋଇ ରହୁଛି । ଚାଷ ଉଜୁଡ଼ି ଯିବା କାରଣରୁ ଚାଷୀ ଆତ୍ମହତ୍ୟା କରୁଥିବାର ଖବର ମଧ୍ୟ ପ୍ରକାଶ ପାଏ ।

ଆମେ ଯଦି ଆମ ରାଜ୍ୟ କଥା ଦେଖିବା ଆଜିଯାଏଁ ମଣ୍ଡିକୁ ବ୍ୟବସ୍ଥିତ କରାଯାଇପାରିଲା ନାହିଁ । ପୂର୍ବ ସରକାର ଅମଳରେ ଯାହା ଥିଲା ସେଥିରେ ଉନ୍ନତି ଆସିବ ବୋଲି ଚାଷୀ ଆଶା କରୁଥିଲା, କିନ୍ତୁ ସେ ଆଶା କେତେ ଫଳବତୀ ହୋଇଛି ସେ କଥା ସମସ୍ତେ ଜାଣନ୍ତି । ଆମ ରାଜ୍ୟରେ ଚାଷୀ ସବୁବର୍ଷ ଅଭାବୀ ବିକ୍ରିର ସାମ୍ନା କରେ ମଣ୍ଡି ଅବ୍ୟବସ୍ଥା ପାଇଁ । ଆମେ ଯଦି ପନିପରିବା ଚାଷ କଥା ଦେଖିବା ଅମଳ ଯଦି ଭଲ ହେଲା ଚାଷୀ ହସିବା ବଦଳରେ କାନ୍ଦେ ଆମ ରାଜ୍ୟରେ, କାହିଁକି ନା ସାଇତି ରଖିବା ପାଇଁ ଆବଶ୍ୟକ ସଂଖ୍ୟକ ଶୀତଳ ଭଣ୍ଡାର ନାହିଁ ଆମ ରାଜ୍ୟରେ । ଅନେକ ସମୟରେ ବିଲାତି ବାଇଗଣ ରାସ୍ତାରେ ଢାଳେ ଚାଷୀ ପ୍ରତିବାଦ ସ୍ୱରୂପ ।

ଏ ଗୀତ ମଧ୍ୟରେ ରହିଛି 'ମଲୟଜ ଶୀତଲାମ୍'– ଏହାର ଅର୍ଥ ହେଉଛି ଶୀତଳ ପବନ ରହିଛି ଆମ ଦେଶରେ । କିନ୍ତୁ ଦିନକୁ ଦିନ ଯେଉଁଭଳି ଭାବରେ ଉତ୍ତାପ ଏବଂ ବାୟୁ ପ୍ରଦୂଷଣ ବଢ଼ୁଛି ସେଥିରେ ଶୀତଳ ପବନ ମଣିଷକୁ କେତେ ଶୀହରିତ ବା ଆମୋଦିତ କରିପାରିବ ସେଇଟା ହିଁ ମୂଳ ପ୍ରଶ୍ନ । ଆମେ ଯଦି ଆମ ରାଜ୍ୟ କଥା ଦେଖିବା ଆମ ରାଜ୍ୟ ରାଜଧାନୀ ଭୁବନେଶ୍ୱର ଦେଶର ସବୁଠୁ ଉତ୍ତପ୍ତ ସହର ଭାବରେ ପ୍ରାୟ ପ୍ରତିବର୍ଷ ତାଲିକାର ଉପରେ ଥାଏ । ଗ୍ରୀଷ୍ମରେ ଅସହ୍ୟ ହୋଇପଡ଼େ ଜୀବନ । ସବୁଠି ପବନର ଅଭାବ । ପବନର ବାଟ ଓଗାଳୁଛି ଆକାଶଛୁଆଁ ଆପାର୍ଟମେଣ୍ଟ ।

ଗାଡ଼ି ମଟର ସଂଖ୍ୟା ବଢ଼ୁଛି, ସେଇ ତାଳରେ ପରିବେଶ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି । ଯେଉଁମାନେ ପରିବେଶ ପାଇଁ ଭୀଷଣ ଭାବରେ ଚିନ୍ତିତ ସେମାନଙ୍କ ଘରେ ମଧ୍ୟ ଦୁଇ ତିନୋଟି ଲେଖାଏଁ ଚାରିଚକିଆ ଗାଡ଼ି ଦେଖିବାକୁ ମିଳୁଛି, ଦୁଇ ଚକିଆ ତ ମାଳମାଳ । ତେଣୁ ଏକ ଉପଭୋଗ୍ୟ ପରିବେଶ ଆଜି ଆମ ପାଇଁ ଅଛି କି? ଶୁଭ୍ର ଜ୍ୟୋତ୍ସ୍ନା ଧୌତ ପୁଲକିତ ଯାମିନୀ କାଇଁ ଆଜିକାଲି? ସବୁଠି ତ ଆକାଶ ଛୁଆଁ ଆପାର୍ଟମେଣ୍ଟ ପଛପଟେ ଜହ୍ନ ଲୁଚି ଯାଉଛି, ତେଣୁ ଜ୍ୟୋତ୍ସ୍ନା ବିଧୌତ ଯାମିନୀ ମିଳିବ କୁଆଡୁ?

ଆମ ରାଷ୍ଟ୍ରୀୟ ଗୀତରେ ବର୍ଣ୍ଣିତ ସେ ପରିବେଶ ଆଜି କାଇଁ? ଏଭଳି ଏକ ପରିବେଶ ତିଆରି କରିବା ପାଇଁ ଆମର କେତେ ଆନ୍ତରିକତା ଏବଂ ଉତ୍ସର୍ଗୀକୃତ ମନୋଭାବ ରହିଛି ସେଇଟା ହିଁ ମୂଳ ପ୍ରଶ୍ନ । ଏମିତି ଏକ ଭାରତବର୍ଷ ତିଆରି କରିବା ପାଇଁ ସରକାରଙ୍କଠାରୁ ଆରମ୍ଭ କରି ପ୍ରତିଟି ମଣିଷକୁ ଅନେକ କିଛି ତ୍ୟାଗ କରିବାକୁ ପଡ଼ିବ । ବିଶେଷ କରି ଅୟସ ଆରାମକୁ ତ୍ୟାଗ ନକଲେ ପରିବେଶରେ ସୁଧାର ଆସିପାରିବ ନାହିଁ । ଏକଥାକୁ କେହି ବୋଧେ ଅସ୍ୱୀକାର କରିପାରିବେ ନାହିଁ ।

## ପ୍ରାଚୀନ କଥା-ସାହିତ୍ୟ 'ପଞ୍ଚତନ୍ତ୍ର'

**ଡକ୍ଟର ସୁରେଶ କୁମାର ନାୟକ**

**ବା**ଇବେଲ୍ ପରେ ନୀତିକଥା ସମ୍ବଳିତ ପ୍ରାଚୀନ ଭାରତୀୟ କଥା-ସାହିତ୍ୟ 'ପଞ୍ଚତନ୍ତ୍ର' ସର୍ବାଧିକ ଲୋକପ୍ରିୟ । ସମସ୍ତ ଭାରତୀୟ ଭାଷାରେ ତଥା ଇଂଲିଶ୍ ସମେତ ବିଶ୍ୱର ପ୍ରାୟ ୫୦ଟି ଭାଷାରେ ଏହା ଅନୂଦିତ ହୋଇଥିବା ଜଣାଯାଏ । ଅଦ୍ୟାବଧି ଏହାର ୭ଶହରୁ ଊର୍ଦ୍ଧ୍ୱ ସଂସ୍କରଣ ପ୍ରକାଶିତ । ଏଥିରୁ ଏହାର ଲୋକପ୍ରିୟତା ସହଜରେ ଅନୁମାନ କରାଯାଇପାରେ । ମୂଳ ପଞ୍ଚତନ୍ତ୍ର ସଂସ୍କୃତ ଭାଷାରେ ଲେଖାଯାଇଥିଲା । ତେବେ କେଉଁ ପ୍ରାଚୀନ କାଳରୁ ଏହା ଉପଲବ୍ଧ ନୁହେଁ । ଏହାକୁ କିଏ ରଚନା କରିଥିଲେ ଏହାକୁ ନେଇ ମଧ୍ୟ କିଛି ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ । ଜନୈକ ପଣ୍ଡିତ ବିଷ୍ଣୁ ଶର୍ମା ଏହାର ରଚୟିତା ବୋଲି ଗ୍ରହଣ କରାଯାଏ । ତେବେ ସେ କେଉଁଠିକାର ବାସିନ୍ଦା ଥିଲେ ଏହାକୁ ନେଇ ମଧ୍ୟ ସନ୍ଦେହ ରହିଛି । ତାଙ୍କୁ କଶ୍ମୀରୀ ପୁଣି କନ୍ନଡ଼ ପୁଣି ଗୁଜୁରାଟୀ ପୁଣି ଓଡ଼ିଆ ବୋଲି ମଧ୍ୟ ଦାବି କରାଯାଏ । ମାଠର ବଂଶୀୟ ରାଜା ଅନନ୍ତଶକ୍ତି ବର୍ମାଙ୍କ ରାଜସଭାରେ ସେ ପଣ୍ଡିତ ଥିଲେ ବୋଲି କେହି କେହି ବିଶ୍ୱାସ କରିଛନ୍ତି । ରାଜାଙ୍କ କୁପଥଗାମୀ ଦୁଷ୍ଟ ଦୁର୍ଦାନ୍ତ ଅଯୋଗ୍ୟ ରାଜପୁତ୍ରମାନଙ୍କୁ ନୀତିକଥା ମାଧ୍ୟମରେ ମାତ୍ର ମାସ ଛ'ଟାରେ ସେ ଶାନ୍ତ-ସୁଶୀଳ-ସପଥଗାମୀ-ସର୍ବଶାସ୍ତ୍ରଜ୍ଞ ଏବଂ ସୁଯୋଗ୍ୟ କରିପାରିଥିଲେ । ତାଙ୍କର ସେହି ନୀତିକଥାମାନ ହିଁ ପଞ୍ଚତନ୍ତ୍ରରେ ସନ୍ନିବେଶିତ ।

ପଞ୍ଚତନ୍ତ୍ରର ମୂଳ ସଂସ୍କୃତ ୪୭୬-୫୦୦ ଖ୍ରୀଷ୍ଟାବ୍ଦ ଭିତରେ ରଚନା କରାଯାଇଥିଲା । ୫୩୧-୫୭୯ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହା ପ୍ରଥମେ ପହ୍ଲବୀ ଭାଷାରେ ଅନୂଦିତ ହୋଇଥିଲା, ଯାହାର ନାମ ରଖାଯାଇଥିଲା – 'କରଟକଦମନକ କଥା' । ଜୈନ ସାଧୁ ପୂର୍ଣ୍ଣଭଦ୍ର ଏବଂ ମେଘବିଜୟ ଏଥିରେ କିଛି କିଛି ପରିବର୍ତ୍ତନ ଆଣିଥିଲେ । ଏହା ମଧ୍ୟ ଉପଲବ୍ଧ ନୁହେଁ କେଉଁ ଯୁଗରୁ । ପରେ ଏହା ସିରିଆନ୍ ଏବଂ ପାର୍ଶୀ ଭାଷାରେ ଅନୂଦିତ ହୋଇଥିଲା । ଏବେ ଆମେ ଯେଉଁ ଅନୁବାଦମାନ ଦେଖୁଛୁ ତାହା ବିଦେଶୀ ଭାଷା ଉପରେ ଆଧାରିତ । ପଞ୍ଚତନ୍ତ୍ରର ଅନ୍ୟ ଲୋକପ୍ରିୟ ନାମଗୁଡ଼ିକ ହେଲା– 'ତନ୍ତ୍ରାଖ୍ୟାୟିକା', 'ପଞ୍ଚାଖ୍ୟାନକ', 'ପଞ୍ଚାଖ୍ୟାନୋଦ୍ଧାର' ଏବଂ 'ପଞ୍ଚୋପାଖ୍ୟାନ'। ଏଯାବତ ପ୍ରାଚୀନ କଥା ସାହିତ୍ୟ ଭିତରେ ପଞ୍ଚତନ୍ତ୍ର ତାର ସ୍ୱତନ୍ତ୍ରତା ଓ ନୀତି ସମ୍ବଳିତ ବିଶେଷକରି ପିଲାମାନଙ୍କ ପାଇଁ ଯେଉଁ ଛୋଟ ଛୋଟ ଆଖ୍ୟାନ ସବୁ ରହିଛି ତାହା ସବୁ କ୍ଷଣ ପାଇଁ ଶିକ୍ଷା ଓ ଜୀବନାଦର୍ଶର ବାର୍ତ୍ତା ପ୍ରଦାନ କରୁଛି।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ

# ଦାରୁଭୂତ- ପାଳଭୂତ

**ଦା**ରୁ ବୋଇଲେ ବୃକ୍ଷ । ପ୍ରକୃତିର ଏକ ଅମୂଲ୍ୟ ଅବଦାନ । ଏକ ଜୀବନ୍ତ ଚଳଚଞ୍ଚଳ ସାଥୀ ମଣିଷର । ପୁଣି କେତେବେଳେ କିଛି ଦାରୁଙ୍କୁ ମଣିଷ ଦେବତାର ଆସନରେ ବସାଇ ମଧ୍ୟ ପୂଜା କରେ । କିନ୍ତୁ ଯେତେବେଳେ ସେ ଦାରୁ ବିଗ୍ରହ ପାଲଟି ଯାଏ, ଆମେ ତାଙ୍କୁ କହୁ ଦାରୁ ଦେବତା । ଆମେ ଜଗନ୍ନାଥ ସଂସ୍କୃତିରେ ଦାରୁରୁ ହିଁ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ । ନିମ୍ବ ବୃକ୍ଷର ଏହି ଗଣ୍ଡିରେ ଶୋଭା ପାଉଥାଆନ୍ତି ଆମର ତିନି ବିଗ୍ରହ । ସତେ ଯେମିତି ସେ ଅପୂର୍ବ, ପୂଜ୍ୟ ଓ ପ୍ରିୟ ତଥା ପାଳନକର୍ତ୍ତା, ତ୍ରାଣକର୍ତ୍ତା । ଓଡ଼ିଆରେ କଥାଟିଏ ଅଛି ଦାରୁଭୂତ ମୁରାରୀ । ଏହାର ଅର୍ଥ ଦାରୁଙ୍କୁ ଆମ୍ଭେ ଅଚଳ, ଅବିଚଳିତ ଅନୁଭବ କଲେ, ତାଙ୍କୁ ଭୂତ ବୋଲି ନାମିତ କରିଥାଉ । ଏହି ଭୂତ ଏକ ପରିକଳ୍ପିତ ଆତ୍ମାବିହୀନ ଛବି । ଯେତେବେଳେ ଯେତେ ଗୁହାରି କଲେ ମଧ୍ୟ କୌଣସି ପ୍ରତିକ୍ରିୟାର ଭାବ ଅନୁଭବ ନକରୁ, ସେତେବେଳେ ଆମେ ଅଭିମାନରେ ଏକଥା କହିଥାଉ 'ଦାରୁଭୂତ' ମୁରାରୀ ।

ଦାରୁ ଦେବତା ଆମ ପାଇଁ ପରମାତ୍ମା କିନ୍ତୁ ଦାରୁଭୂତ ଏକ କ୍ରିୟାହୀନ ଶିଳା ସଦୃଶ । ଚୁପ୍‌ଚାପ୍ ସବୁ କିଛି ଅନ୍ୟାୟ ଅବିଚାର, ହାରିଗୁହାରୀ ଦେଖି ଶୁଣି ନିରବ ରହିବାରୁ ଏପରି ନାମକରଣ କରିଥାଏ ଭକ୍ତ । ସହାୟତାର ଆଶୀର୍ବାଦ ଖୋଜୁଥିବା ମଣିଷ, ସମାଧାନର ଉପାୟ ଆଶା କରୁଥିବା ମଣିଷ ଯେତେବେଳେ କିଛି ବି ସଂକେତ ପାଇନଥାଏ, ସେତେବେଳେ ନିରୁତ୍ସାହିତ ହୋଇଯାଏ । ଏହା ଏକ ପ୍ରତୀକାତ୍ମକ ଶବ୍ଦ, ଯାହାକି ପ୍ରୟୋଗ କରାଯାଏ ଅନ୍ୟ ମଣିଷ ପାଇଁ । ଘରର ମୁରବୀ ହୁଅନ୍ତୁ ଅଥବା ବୟୋଜ୍ୟେଷ୍ଠ ହୁଅନ୍ତୁ, ସେମାନଙ୍କ ପାଖରୁ କନିଷ୍ଠମାନେ ବିପଦ ପଡ଼ିଲେ ଉଦ୍ଧାରର ମାର୍ଗ ଖୋଜନ୍ତି । ଅସହାୟ ମଣିଷ ସାହାଯ୍ୟର ଆଶା ରଖେ । ଯଦି ସେତକ ସେ ନପାଏ, ନିଶ୍ଚେ ଦାରୁଭୂତ ମୁରାରୀର ଆଖ୍ୟା ଦିଏ ।

ଏ କଳିଯୁଗରେ ଜଗନ୍ନାଥ ସ୍ୱରୂପ ଅପୂର୍ଣ୍ଣ ପ୍ରତୀୟମାନ ହେଲେ ବି ସେ ସବୁକିଛି ଦେଖୁଛନ୍ତି, ବୁଝୁଛନ୍ତି ଓ ଭକ୍ତର ମନ ବାଞ୍ଛା ପୂରଣ କରୁଛନ୍ତି ନିଶ୍ଚୟ । ପ୍ରଶ୍ନ ଉଠେ, ଅନ୍ୟାୟ, ଅବିଚାର, ଅସତ୍ୟର ଶାସ୍ତି ଦେବାକୁ କେବେ ସେ କଳ୍କୀ ଅବତାର ଧାରଣ କରିବେ? ନା ଏହିପରି ଦାରୁଦିଅଁ ହୋଇ ଚୁପ୍ ରହିବେ! ଏହାହିଁ ସର୍ବଦା ସାଧୁମାନଙ୍କର ଅଭିଯୋଗ । କିନ୍ତୁ ଯିଏ ମାୟାଧର ସେ ତା'ର ମାୟା ଜାଣେ । ଛାର ମଣିଷ ଯେତେ ନିନ୍ଦା ଅପବାଦ ଦେଲେ ବି କିଛି କାଟୁ କରେନାହିଁ । ସେହିପରି ପରିବାର ଭିତରେ ଢେଙ୍ଗା ମୁଣ୍ଡରେ ଢେଙ୍ଗା ନ୍ୟାୟରେ, ଘରର ମୁରବୀ ମୁଡରେ ସବୁ ଦୋଷ ଲଦି ଦିଆଯାଏ । ସମସ୍ୟା ଆସିଲେ, ବିପଦ ଆସିଲେ ତାଙ୍କୁ ହିଁ ସାମ୍ନାକୁ ଆସିବାକୁ ପଡ଼େ । କିନ୍ତୁ ସେ ଯଦି ପ୍ରତିକ୍ରିୟାଶୀଳ, ସବୁ ଦୋଷ ତାଙ୍କର ବୋଲି ସଭିଏଁ କହନ୍ତି । ସେ ଦାରୁଭୂତ ପାଲଟି ଗଲେଣି ବୋଲି ଅପବାଦ ସାଉଁଟନ୍ତି । ଏପରି ଏ ଏକ ଅବସ୍ଥା ଯେ ନା ସହିହୁଏ ନା କହି ହୁଏ । ପାରିବାରିକ ଦୁଇ ଭାଇ କଳିରେ ପିତାମାତାଙ୍କ ଅବସ୍ଥା ଏହିପରି ହୋଇଯାଏ । ଏପାଖରେ ଗୋହତ୍ୟାର ପାପ ଓ ସେପାଖରେ ବ୍ରହ୍ମହତ୍ୟାର ପାପ । ସତରେ ଏଠାରେ ପାଳଭୂତ ପରି ଚୁପ୍ ରହିବା କ'ଣ ଶ୍ରେୟସ୍କର ନୁହେଁ ।

ଅନ୍ୟ ଏକ ଅବସ୍ଥାକୁ ଆସିବା। ଦୁଷ୍ଟାମୀ କରି ଘରକୁ ଫେରିଥିବା ଶିଶୁ ଅନେକ ସମୟରେ ଦାରୁଭୂତ ପାଲଟିଥାଏ । ସେ ଠିକ୍ ଜାଣେ, କରିଥିବା କାର୍‌ନାମା ବା ଘଟଣା ବାପା ମାଆଙ୍କ ପାଖରେ ଉନ୍ମୁକ୍ତ ହୋଇଗଲେ ଦଣ୍ଡବିଧାନ ସୁନିଶ୍ଚିତ। ଏଣୁ ଅସ୍ୱାଭାବିକ ଭାବେ ସେ ଚୁପ୍ ରହେ । ଖୁବ୍ ଚଳଚଞ୍ଚଳ ହେଉଥିବା ଦୁଷ୍ଟ ପିଲା ଶାନ୍ତ ହେବାର ଯେଉଁ ଅଭିନୟ କରେ, ତାହାହିଁ ତା'ର କଲାକର୍ମର ସୂଚନା ଦିଏ । ଘଟଣା ବିଷୟରେ ଯେତେ ପଚାରିଲେ ମଧ୍ୟ ସେ ଦାରୁଭୂତ ପାଲଟିଯାଏ । ସତେ ଯେମିତି କିଛି ଜାଣିନି ବା କୌଣସି ଦୁଷ୍ଟାମୀ କରିନାହିଁ । ଆଜିର ସମାଜରେ ରାଜନୈତିକ ପୃଷ୍ଠଭୂମିରେ ଦାରୁଭୂତ ମୁରାରୀ ନୂଆ କଥା ନୁହେଁ । ବିଶେଷତଃ ଶାସକ ଦଳରେ ଥିବା ଶୀର୍ଷ ନେତୃତ୍ୱର ହାବଭାବ, ଠିକ୍ ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ'ର ଭାବକୁ ବେଶ୍ ଭଲ ଭାବରେ ଫୁଟେଇ ଥାଆନ୍ତି । ଅଭିନୟ ଚାତୁରୀ ଏତେ ଭଲ ଭାବରେ ଜଣା ଯେ ସବୁ କରି, କିଛି ନ କରିଲା ପରି, ସବୁ ଜାଣି କିଛି ନ ଜାଣିଲା ପରି ଅଭିନୟ କରନ୍ତି ।



**ଅଆ-ପଣକିଆ**

ବିଜୟ ଦାସ

କର୍ମୀମାନଙ୍କର ଦୋଷ ଘୋଡ଼େଇବାକୁ ଯାଇ, ତଦନ୍ତ ଚାଲିଛି, 'ଆଇନ୍ ତା' ବାଟରେ ଯାଉଛି କହି, ଶୁଷ୍କ କାଠ ସଦୃଶ ଦଣ୍ଡାୟମାନ ହେବାରେ ପ୍ରତୀୟମାନ ହୁଏ ଯେ 'ତୁ ଗୁହାରି କରିବୁ ଯାହାକୁ, ସେ ହିଁ ତ ଘଟଣାର ମୂଳ ସୂତ୍ରଧର। ସବୁ ରାଜନୈତିକ ଦଳର କର୍ମୀମାନଙ୍କ ଦୋଷ ଦୁର୍ବଳତାକୁ, କୁକର୍ମକୁ ଘୋଡ଼େଇବାକୁ ଯାଇ ଦାରୁଭୂତ ସାଜିଥିବା ନେତା ଆମ୍ଭ ମତରେ ଦାରୁଭୂତ ନୁହେଁ ଉଡ଼ନ୍ତା ଭୂତ। ଡାହାଣୀ ହୋଇ ଲାଗିବା ଓ ଗୁଣିଆ ହୋଇ ଝାଡ଼ିବାର ଦୈତ ଭୂମିକାରେ ମାହିର ଶୀର୍ଷ ନେତୃତ୍ୱ । ଅସଲ କଥା ହେଉଛି ନୀତି ନୈତିକତାର ଅଭାବ, ଭାବର ଆଖିରେ ପରଳ, ସମ୍ବେଦନଶୀଳତାର ଶିଳାରୂପ, ଅଧର୍ମର ଆୟୁଧ ଏବଂ ଆସୁରିକ ମାନସିକତା । ନିଜର ଦୋଷକୁ ମାନିନେବା ବଦଳରେ ଘୋଡ଼େଇବା ଏକ ଅଲିଖିତ ନିୟମ ହୋଇଯାଇଛି ସମାଜରେ । କିନ୍ତୁ ବିଷ୍ଠାକୁ ଯେତେ ଘୋଡ଼େଇଲେ ବି ଦୁର୍ଗନ୍ଧ ତ ଆସିବ ହିଁ ଆସିବ ।

ଦାରୁଭୂତ ଏକ ସ୍ଥାଣୁ ଅବସ୍ଥା ପରି ଲାଗୁଥିଲେ ବି ଏହା ଏକ କୁଟୀଳତାଭରା ଅଭିନୟ । ଏଠାରେ ଦାରୁ ଏକ ଶୁଷ୍କକାଠ ନୁହେଁ କି ଭୂତ ଏକ ସାଙ୍କେତିକ ବହୁରୂପୀ ପାପାତ୍ମା ନୁହେଁ । ଏହା ଏକ ଜୀବନ୍ତ ଦେହରେ କୁଟିଳ ଦୁଷ୍ଟାତ୍ମା ବୋଲି ପ୍ରତିଭାତ। ପ୍ରତ୍ୟେକ କୋଣ ଅନୁକୋଣରେ ଦାରୁଭୂତର ଭିନ୍ନ ଭିନ୍ନ ରୂପର ପ୍ରତିମା ଦେଖିବାର ସୁଯୋଗ ମିଳେ । ସବୁ ଜାଣିଶୁଣି କୁଛ ନେହିଁ ଜାନ୍‌ତାର ଅଭିନୟ ବାସ୍ତବିକ ହୃଦୟ ବିଦାରକ । ସତରେ ଆମ୍ଭେ ସିନା ଅଭିମାନରେ ଜଗନ୍ନାଥଙ୍କୁ ଦାରୁଭୂତ ମୁରାରୀ କହିଥାଉ ବାସ୍ତବିକ ସେସବୁ ଜାଣନ୍ତି, ସବୁ ଶୁଣନ୍ତି ଓ ସବୁର ବିଚାର କରନ୍ତି । ହେଲେ ମାନବ ହିଁ ଛଳନାମୟ ହେଉଛି ମିଛ ମାୟାରେ । କିନ୍ତୁ ଯେଉଁ ମଣିଷ ଅନ୍ୟାୟର ପ୍ରତିବାଦ ନ କରି ସବୁ କିଛି ତାଡ଼ନା, ଅପବାଦ କଷ୍ଟ ସହିଯାଉଛି, ସେହିଁ ବାସ୍ତବିକ ଦାରୁଭୂତ । ଅଚଳ, ନିଶ୍ଚଳ ଓ ସୁପ୍ତ ଆଗ୍ନେୟଗିରି ।

### ପାଳଭୂତ

ପାଳ ବା ଶସ୍ୟ କ୍ଷେତରେ ଛିଡ଼ା ହୋଇଥିବା କୃଷକକୃତ ଏକ ନଡ଼ା, ଫଟାହାଣ୍ଡି ଓ ବାଉଁଶ କାଠିର ପ୍ରତିମାକୁ ସମସ୍ତେ ପାଳଭୂତ କହନ୍ତି । ବାସ୍ତବିକ୍ ଏହା ପାଳରେ ତିଆରି ବା ନଡ଼ାରେ ତିଆରି ଏକ ଭୟାନକ ମୂର୍ତ୍ତି ବୋଲି ଏହାର ନାମ ପାଳଭୂତ। ଶସ୍ୟ ପାଦପ ଠାରୁ ଉଚ୍ଚରେ ସ୍ଥାନିତ ଏହି ପାଳଭୂତ ସ୍ୱରୂପ ନିଶ୍ଚେ ବିଭତ୍ସ ରୂପ । ଏମନ୍ତ ମୂର୍ତ୍ତି ତିଆରି ପଛରେ ଗୋଟିଏ ଲକ୍ଷ୍ୟ ହେଉଛି ପଶୁପକ୍ଷୀଙ୍କ ଠାରୁ ଶସ୍ୟକୁ ରକ୍ଷା କରିବା । କେବଳ ମଣିଷ ହିଁ ଜାଣେ ଏ ହେଉଛି ସ୍ଥାଣୁ ଜୀବନହୀନ ଏକ ନଡ଼ାରେ ତିଆରି କୁରୂପ । ହେଲେ ଜୀବଜନ୍ତୁ ପକ୍ଷୀ ସବୁ ଏକଥାକୁ ଜାଣିପାରନ୍ତି ନାହିଁ । ଏଣୁ ଭୟରେ ପାଖ ମାଡ଼ନ୍ତି ନାହିଁ । ପବନରେ ଦୋହଲୁଥିବା ଏହି ପାଳଭୂତ ଜୀବନ୍ତ ବୋଲି ପ୍ରତିଭାତ ହେଉଥାଏ । ଏହା ଏକ ପ୍ରହରୀର କାର୍ଯ୍ୟ କରୁଥାଏ ଅନବରତ।

ବର୍ତ୍ତମାନର ସମାଜରେ ପାଳଭୂତ ଠାରୁ ପାପୀଭୂତମାନଙ୍କର ସଂଖ୍ୟା ଅଧିକ । ଏହି ପୀପଭୂତମାନେ ସ୍ଥିର ନୁହଁନ୍ତି, ଚଳଚଞ୍ଚଳ ଓ କ୍ଷତିକାରକ ସମାଜ ପାଇଁ । ଅନେକ ସମୟରେ ପାଳଭୂତ ଓ ପାପୀଭୂତମାନଙ୍କୁ ଆମେ ସମାଜରେ ଦେଖାଥାଉଁ। 'ଖାକିରେ ଦାଗ' ବୋଲି ଅନେକ ସମୟରେ ଖବର ଆସେ । ଏଠାରେ ଏହି ଖାକି ପୋଷାକର ପ୍ରହରୀମାନେ ପାପୀ ଭୂତର କାର୍ଯ୍ୟ କରୁଥାଆନ୍ତି । ପୁଣି ସେହି ଖାକିରେ ଥାଆନ୍ତି କିଛି ଶୀର୍ଷ ପାଳଭୂତ। ଯେଉଁମାନଙ୍କର କାର୍ଯ୍ୟଶୈଳୀକୁ ପାପୀ ଭୂତମାନେ ବେଶ୍ ଜାଣିଥାଆନ୍ତି । ସେମାନଙ୍କର ଜୀବନ ନାହିଁ, ସେମାନେ ଆମର କିଛି କରିପାରିବେନି ଭାବି ନିଜର କଳା କାରନାମା ଦେଖାଇଥାଆନ୍ତି । ପୁନଶ୍ଚ ସୁରକ୍ଷା ଦେଉଥିବା କର୍ମୀମାନଙ୍କୁ କେବଳ ପାଳଭୂତ କରି ଛିଡ଼ା କରାଇବା କିଛି ଶାସନତନ୍ତ୍ରୀର କର୍ତ୍ତାମାନଙ୍କର ବଦଭ୍ୟାସ । ଏଠାରେ ଏକ ଜୀବନ୍ତ ପାଳଭୂତର କାହାଣୀ ବଖାଣିବା ।

ଜଣେ କୃଷକର କ୍ଷେତରୁ ବାରମ୍ବାର କଖାରୁ ବା ବୋଇତାଳୁ ରାତ୍ରୀରେ/ ଦିନରେ ଚୋରି ହେବାରୁ ସେ ଜଣେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କଲା । ଆଦେଶ ଦେଲା କ୍ଷେତକୁ ଭଲ କରିଦେଖିବୁ, ନଜର ଦେଉଥିବୁ, ନିଘା କରୁଥିବୁ । ବାସ୍ ତା'ପରେ ପୁଣି ସେହି କାହାଣୀ । ବୋଇତାଳୁ ତ ଚୋରି ବାରବାର ଲଗାତାର ହେଉଛି । ସୁରକ୍ଷାକର୍ମୀକୁ ପଚାରିବାରୁ ସେ କହିଲା ଚୋର ଆସିଲେ, ମୁଁ ଦେଖିଲି, ନିଘା ରଖିଲି, ସେମାନେ ଚୋରି କଲେ ମୁଁ ଦେଖିଲି ନଜର ଦେଲି, ସେମାନେ ନେଇ କରିଗଲେ, ମୁଁ ଦେଖିଲି ନିଘା ରଖିଲି, ନଜର ଦେଲି ଆଉ ଭଲ କରି ଦେଖିଲି। ସତରେ ସେ ହିଁ ଥିଲା ପାଳଭୂତ। ଏହିପରି ଭୂତ ପରି ଜଗୁଆଳିକୁ ଆଉ କ'ଣ କୁହାଯିବ? ସମାଜରେ ଯନ୍ତ୍ରବତ୍ ପରିଚାଳିତ ସୁରକ୍ଷାକର୍ମୀଙ୍କୁ କ'ଣ ପାଳଭୂତ ସଜେଇ ଦିଆଯାଇଛି ନା ପାଳଭୂତ ହିଁ ଦରବାର ବୋଲି ସେମାନଙ୍କୁ ସୁରକ୍ଷାକର୍ମୀର ଛଦ୍ମ ନାମ ଦିଆଯାଇଛି ।

ଅସଲରେ ଆମ ସୁରକ୍ଷା ଦାୟିତ୍ୱରେ ଥିବା କର୍ମୀ ନିଜକୁ ପାଳଭୂତ ମନେକରନ୍ତି କି? ଲୋକେ ଆମ ପୋଷାକ ଦେଖି ଡରିବେ, ପାଖରେ ବନ୍ଧୁକ ଥିବାର ଦେଖି ଡରିବେ । ମୋ ବିକଟାଳ ଚେହେରା ଓ ଅଙ୍ଗଭଙ୍ଗୀକୁ ଦେଖି ଡରିବେ । ସତରେ ମୋ ପାଖରେ ବନ୍ଧୁକ ତ ଅଛି, ହେଲେ ଗୁଳିଗୁଳା ଫୁଟେଇବାକୁ ଆଦେଶ ନାହିଁ ପରା । ଏକଥା ଅସାମାଜିକ ତତ୍ତ୍ୱମାନେ ଜାଣନ୍ତି । ସେ ନିଶ୍ଚିତ ଯେ ଏମାନେ ପାଳଭୂତ ସଦୃଶ । ଏଣୁ ନିଶ୍ଚିନ୍ତ ଭାବରେ ଅପକର୍ମ କରିବାକୁ ଆଗେଇ ଯାଆନ୍ତି । ପାଳଭୂତ ଏକ ସାହସ ହେବା ଦରକାର ଅସହାୟଙ୍କ ପାଇଁ । କେତେ ପରିଶ୍ରମ କରି କୃଷକ ଉତ୍ପାଦନ କରିବା ପୂର୍ବରୁ ଯଦି ଅନ୍ୟ କିଏ ଅପହରଣ କରିନିଏ, ଲୁଟିନିଏ, ତାହାହେଲେ କୃଷକର ଅବସ୍ଥା?? ତେଣୁ ସେ ତା'ର ସୁରକ୍ଷାକର୍ମୀ ହିସାବରେ ପାଳଭୂତକୁ ନିୟୋଜିତ କରେ ।

ପାଳଭୂତ ଏକ ଶକ୍ତିବିହୀନ ଜଡ଼ ହୋଇପାରେ, ମାତ୍ର ବାହାରକୁ ଶକ୍ତିଶାଳୀ ଜଣାପଡ଼େ ଠିକ୍ ସୁରକ୍ଷାକର୍ମୀଙ୍କ ପରି । ଟିକିଏପବନରେ ଜଡ଼ସଡ଼ ହୋଇଯାଏ । ଅଳ୍ପ ବତାସରେ ଭୂପତିତ ହୁଏ। ତଥାପି ଯେତିକି ସମୟ ଛିଡ଼ା ହୁଏ ଶତ୍ରୁମାନଙ୍କୁ ଆତଙ୍କିତ କରି ରଖିଥାଏ କେବଳ ମଣିଷ ଶତ୍ରୁ ବ୍ୟତୀତ। ଆମ ସମାଜରେ ପାଳଭୂତ ଠାରୁ ପାଳିତ ଭୂତମାନଙ୍କର ସମାଗମ ବେଶି । ଯେଉଁମାନଙ୍କୁ ରକ୍ଷକର ଦାୟିତ୍ୱ ଦିଆଯାଇଥାଏ, ସେହିମାନେ ଭକ୍ଷକ ସାଜୁଥାଆନ୍ତି । ପାଳଭୂତରୁ ପାଳିତ ଭୂତରେ ପରିଣତ ହେଉଥାଆନ୍ତି । ଅନେକ ସମୟରେ କୁହାଯାଏ ମଣିଷ ଗଛ ଲଗାଇବା ବିପଦ । କାରଣ ସେ ବାଡ଼ ହୋଇ ଫସଲ ଖାଏ । ଏଠାରେ ଜୋରଯାର ମୂଳକ ତା'ର ନ୍ୟାୟରେ ଜଙ୍ଗଲି ଶାସନର ଆବହାୱା ବେଶ୍ ବାରି ହେଉଛି । ଯେତେ ଯେତେ ଅପକର୍ମ, ଦୁଷ୍କର୍ମ, ଚୋରି, ଛିନ୍‌ତାଇ, ଡକାୟତିର ଘଟଣା ସାମ୍ନାକୁ ଆସୁଛି, ସବୁ କିଛି ଏହି ପାଳିତ ଭୂତମାନଙ୍କର କାର୍‌ନାମା ।

ଶାସନ କତାକୁ ଆସିଲେ ସମାଜରେ ପାଳଭୂତ ହୋଇ ସୁରକ୍ଷାର କଥା କହୁଥିବା ମଣିଷ ସତରେ ନିଜ ହିଁ ବାବନ । ଭୂତ କି ଖଣ୍ଡିଆ ଭୂତ ହୋଇ ସମାଜକୁ ନଷ୍ଟ କରିବାରେ ବ୍ୟସ୍ତ । ସୁଖ ଶାନ୍ତି ପ୍ରଗତିର ଫସଲକୁ ସୁରକ୍ଷା ଦେବ କ'ଣ, ନିଜେ ହିଁ ଫସଲକୁ ଖଣ୍ଡିଆ ଭୂତ ହୋଇ ଉଜାଡ଼ି ଦେଉଛି । ସତରେ ଏମାନେ ଭୂତର ସମସ୍ତ ଗୁଣକୁ ଆହରଣ କରିଥାଆନ୍ତି । ଭୂତ ବୋଇଲେ ଏକ ଅଶରୀରୀ ପ୍ରେତାତ୍ମା। ବଡ଼ ଭୟଙ୍କର ଏ ସମାଜ ପାଇଁ । ବେଳେବେଳେ ପାଳଭୂତର ଆବଶ୍ୟକତା ହିଁ ନଥାଏ । ଯଦି ସଭିଏଁ ସତ୍ୟ ପଥରେ ଯାତାୟାତ କରିବେ ତେବେ ଅସୁରକ୍ଷିତ ମନେ କରିବାର ଆବଶ୍ୟକତା ନାହିଁ । ପରସ୍ପର ପ୍ରତି ବିଶ୍ୱାସ, ଭାଇଚାରା ଓ ସ୍ନେହ ମମତା ଜାଗିଲେ ଏ ପାଳଭୂତର ଆବଶ୍ୟକତା କ'ଣ? ଅପରପକ୍ଷରେ ଜିଅନ୍ତା ଭୂତମାନଙ୍କର ବିଲୋପ ପାଇଁ ପାଳଭୂତର ଆବଶ୍ୟକତା ନୁହେଁ, ବରଂ ପାଳଗଦାର ଆବଶ୍ୟକତା । ପାଳଗଦାରେ ନିଆଁ ଲାଗେଇ ଜିଅନ୍ତା ଭୂତମାନଙ୍କର ଶବ ସତ୍କାର କରିବାର ସମୟ ଆସିଛି ।

*ଅନନ୍ତବିହାର, ଫେଜ୍-୨, ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*

# ଓଡ଼ିଆ କବିତାରେ ଜୀବନବୋଧ-(୧)

■ ପଣ୍ଡିତ ଡଃ ପ୍ରବୋଧ କୁମାର ମିଶ୍ର ■

**ଦ୍ୱା**ଦଶ ଶତାବ୍ଦୀରେ ଓଡ଼ିଆ ଜନଜୀବନ ଶ୍ରୀଜଗନ୍ନାଥ କେନ୍ଦ୍ରୀକ ଆଧ୍ୟାତ୍ମିକ ପରିପ୍ରକାଶ ଘଟି ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ପଟ୍ଟଭୂମିକୁ ଆଶ୍ରା କରି ଓଡ଼ିଆ ଜନଜୀବନର ଆବେଗମୟ ପରିବେଶ କାବ୍ୟ ସାହିତ୍ୟକୁ ପ୍ରବେଶ କଲା। ସାରଳା ଦାସଙ୍କ ସାହିତ୍ୟରେ ଓଡ଼ିଶାର ତଦାନ୍ତିନ ଚିତ୍ର ଦେଖାଯାଇଥିଲା ଓ ଏହାର କାବ୍ୟିକ ଧାରା, ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀର ସିଦ୍ଧ ସାଧକମାନଙ୍କୁ ପ୍ରେରଣା ପ୍ରଦାନ କଲା। କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ପରେ ପରେ ଓଡ଼ିଶାର ରାଜନୈତିକ ପତନ ଓ ଦୀର୍ଘଦିନ ମୋଗଲ, ମରହଟା- ଇଂରେଜମାନଙ୍କ ଶାସନ ସାମାଜିକ ସ୍ତରରେ ନିଷ୍ଠୁରତା ପ୍ରକାଶ କଲା। ଯାହାଫଳରେ କୃଷକ, ପାଇକ ଓ ସାଧାରଣ ବର୍ଗର ଲୋକମାନେ ଦୁର୍ଦ୍ଦଶାରେ ଜୀବନ ଅତିବାହିତ କଲେ। ଦିଶାହୀନ, ନେତୃତ୍ୱହୀନ ଓଡ଼ିଆଙ୍କର ଅସ୍ମିତା ସୂର୍ଯ୍ୟ କ୍ରମଶଃ ବୁଡ଼ିବାକୁ ଲାଗିଲେ। ଶ୍ରୀଚୈତନ୍ୟଙ୍କ ପ୍ରବେଶ ଫଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଲା। ସଂକର୍ତ୍ତୀନ କରି ଜାତି ତା'ର ବୀରତ୍ୱ ଭୁଲିଗଲା। ଯେଉଁଠି ରାଜା ଖଂଜଣି ବଜାରେ ବ୍ୟସ୍ତ। ଯେଉଁଠି ଧର୍ମ ବଦଳାଇ ନିଜ ସୁରକ୍ଷା ବ୍ୟସ୍ତ, ସେଠି ସାଧାରଣ ଓଡ଼ିଆ କ'ଣ କରିପାରିବ? ଓଡ଼ିଶାର ସାମାଜିକ- ଅର୍ଥନୀତିକ-ରାଜନୀତିକ ଜୀବନର ଅବକ୍ଷୟ ଧାରାର ପ୍ରଭାବ କାବ୍ୟ ସାହିତ୍ୟରେ ମଧ ପ୍ରଭାବ ବିସ୍ତାର କଲା। ଏ ସମୟରେ ମୋକ୍ଷର ମାର୍ଗ ରୂପେ ଆଧ୍ୟାତ୍ମ ହିଁ ପ୍ରକୃଷ୍ଟ ରାସ୍ତା ଭାବି ପଞ୍ଚସଖାର ସିଦ୍ଧ ପୁରୁଷମାନେ ବ୍ରହ୍ମ, ଶୂନ୍ୟ ବ୍ରହ୍ମାଣ୍ଡ, ପିଣ୍ଡ ବ୍ରହ୍ମାଣ୍ଡର କଥା କାବ୍ୟ-କବିତା ମାଧ୍ୟମ ଉପସ୍ଥାପନ କରି ଅନ୍ନ ସଂସ୍ଥାନ ବଦଳରେ ଆଧ୍ୟାତ୍ମିକ ପ୍ରଶାନ୍ତି ଆଡ଼କୁ ଓଡ଼ିଆଙ୍କ ମନକୁ ଟାଣିନେଲେ। ସାମାଜିକ ଜୀବନର ସମସ୍ତ ଜଞ୍ଜାଳ ବିରୁଦ୍ଧରେ କବିମାନେ ଦୁଃଖହୀନ ପୃଥିବୀର ପରିକଳ୍ପନା କଲେ। ତଥାପି ସାରଳାଙ୍କ ରଚନାରେ ଭୀଷ୍ମଙ୍କ ମୁଖରେ ଯୁଧିଷ୍ଠିରଙ୍କୁ ରାଜା ହେବା ପୂର୍ବରୁ ପ୍ରଜାପାଳନର ସୁ-ବ୍ୟବସ୍ଥିତ ପରାମର୍ଶକୁ ସ୍ଥାନ ଦେଇ ତତ୍କାଳୀନ ଗଜପତି କପିଳେନ୍ଦ୍ରଙ୍କ ଶାସନ କାଳର ସୁଶାସନ ପଦ୍ଧତିର ନଜିର ଦେବା ମନେହୁଏ।

ପଞ୍ଚସଖାର କବିମାନେ ସମାଜ ସଂସ୍କାର ଓ ବିଶୃଙ୍ଖଳ ଜୀବନ ପରିଣତିର ଭୟାଭୟତା ସମ୍ପର୍କରେ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ସାମଗ୍ରିକ ଜୀବନଯାପନର ସାରଣୀ ତିଆରି କରିଛି । ଯାହାକୁ ଓଡ଼ିଆ ଜାତି ତା'ର ଧର୍ମଧାରା ମଧ୍ୟକୁ ନେଇଯାଇଛି । ଏପରିକି ମାନସିକ କାର୍ଯ୍ୟ ପୂରଣ ଓ ସମାଜର ସମସ୍ତ ମଣିଷଙ୍କୁ ଓତପ୍ରୋତ ଜଡ଼ିତ କରିବା ପାଇଁ ଜବରଦସ୍ତ ଭାଗବତ ପାଠର ବ୍ୟବସ୍ଥା ଦୀର୍ଘ ବର୍ଷରୁ ଚାଲିଆସିଛି। ସମାଜରେ ଘଟୁଥିବା ବିପର୍ଯ୍ୟୟରୁ ରକ୍ଷା ପାଇଁ ଭାଗବତ ପଠନ ଯେ ଅପରିହାର୍ଯ୍ୟ ତାହା ସମାଜ ଚିନ୍ତକମାନେ ସାବ୍ୟସ୍ତ କରିଛନ୍ତି । ଭାଗବତ ଯେ ସବୁ ସମୟରେ, ସବୁ କ୍ଷେତ୍ରରେ ମଣିଷର ପରାମର୍ଶଦାତା ଭାବେ ଆବିର୍ଭାବ ଓ ଭାଗବତ ଅନୁଶରଣରେ ମନୁଷ୍ୟ ସୁଖ-ଶାନ୍ତିରେ ଜୀବନ ନିର୍ବାହ କରି ସୁସ୍ଥ ସମାଜ ଗଠନ କରି ପୃଥିବୀକୁ ଶୃଙ୍ଖଳିତ ଜାତି ଭାବରେ ପରିଚୟ ସୃଷ୍ଟି କରିବ ଏଥିରେ ଲେସ ମାତ୍ର ସନ୍ଦେହ ନାହିଁ । ନବାକ୍ଷରୀ ବୃତ୍ତରେ, ସରଳ ଭାଷାରେ ଲିଖିତ କାବ୍ୟ ପ୍ରତି ଯୁଗର ଆବଶ୍ୟକତାକୁ ପୂରଣ କରିବାର ସାମର୍ଥ୍ୟ ରକ୍ଷା କରିଛି। ସ୍ୱାଧୀନତାର ବହୁବର୍ଷ ପରେ ଓଡ଼ିଶା ସରକାର ଭାଗବତର ଆବଶ୍ୟକତା ଅପରିହାର୍ଯ୍ୟ ମନେକରି ଗ୍ରାମାଞ୍ଚଳରେ ଭାଗବତ ଗୃହ ପ୍ରତିଷ୍ଠା କରାଇ ଅବକ୍ଷୟମୁଖୀ ଯୁବସମାଜକୁ ଉଦ୍ଧାର କରିବାର ପ୍ରଚେଷ୍ଟା ଜାରି ରଖିଛନ୍ତି । ଶ୍ରୀଜଗନ୍ନାଥ ସଂସ୍କୃତି କେନ୍ଦ୍ରୀକ ଭାଗବତ ମଣିଷ ମନରେ ଯେଉଁ ଭାବାବେଗ ସୃଷ୍ଟି କରେ ତାହା ପ୍ରାୟତଃ ଅନ୍ୟ କୌଣସି କାବ୍ୟରେ କ୍ୱଚିତ୍ ଦେଖିବାକୁ ମିଳେ। ମଣିଷ ଜୀବନଧାରାକଷ୍ଟ, ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ଗତିଶୀଳ। ସେଥିପାଇଁ ଭାଗବତକାର ଲେଖିଲେ–

କର୍ମ କଷଣ ଦେହ ସହେ
ଅରଣ୍ୟେ ଅଜଗର ପ୍ରାୟେ।'

ପାରିବାରିକ ଜୀବନ ବହୁ କଷ୍ଟ। ଶରୀର ସକ୍ଷମ ହେଉନଥିଲେ ବି କଷଣ ଭୋଗ କରି କର୍ମ କରିଥାଏ। ସନ୍ଥ ବଳରାମ ଦାସ ସମାଜର ଅନ୍ୟଏକ କୁପ୍ରଥା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରି 'ଲକ୍ଷ୍ମୀପୁରାଣ' ରଚନା କରିଛନ୍ତି । ସେ ସମୟରେ 'ଲକ୍ଷ୍ମୀପୁରାଣ' ଏକ ସଂସ୍କାରଶୀଳ ଓ ନାରୀ ସଶକ୍ତିକରଣ ରଚନା। ଷୋଡ଼ଶ ଶତାବ୍ଦୀରେ ଉଚ୍ଚବର୍ଗଙ୍କ କ୍ଷମତା ବିରୁଦ୍ଧରେ ସ୍ୱର ଉତ୍ତୋଳନ, ଜାତିପ୍ରଥା, ନାରୀ ନିନ୍ଦା, ନାରୀ ସୁରକ୍ଷା, ଦାମ୍ପତ୍ୟ ଜୀବନ, ପାରିବାରିକ ଶୃଙ୍ଖଳାକୁ ଲକ୍ଷ୍ୟ କରି ବଳରାମ ଦାସ ଓଡ଼ିଆଙ୍କ ଆରାଧ୍ୟ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କୁ ଭିକାରୀ ସଜାଇଛନ୍ତି । ସ୍ୱଚ୍ଛତା, ପବିତ୍ରତା ଓ ସୁସ୍ଥ ପରିବେଶକୁ ଲକ୍ଷ୍ୟ କରି କବି ମା' ଲକ୍ଷ୍ମୀଙ୍କୁ ଚଣ୍ଡାଳ ସାହିରେ ପହଞ୍ଚାଇଛନ୍ତି । ଶ୍ରୀୟା ଚଣ୍ଡାଲୁଣୀର ପରିବେଶ, ଆବେଗ, ଆନ୍ତରିକତା ମା' ଲକ୍ଷ୍ମୀଙ୍କୁ ଅନୁପ୍ରେରିତ କରିଛି ଓ ସେ ତା'ର ପୂଜା ଗ୍ରହଣ କରିଛନ୍ତି । ଓଡ଼ିଆ ଘରେ ସ୍ତ୍ରୀକୁ ନେଇ ଉପୁଜୁଥିବା ଦ୍ୱନ୍ଦ୍ୱ ମଧ୍ୟ ବଳରାମ ଦାସ ବର୍ଣ୍ଣନାରେ ଛାଡ଼ି ନାହାନ୍ତି–

ଭାର୍ଯ୍ୟାଠାରେ ଲୋଭ
ଯଦି ଅଛିରେ କହ୍ନାଇ
ଚାଣ୍ଡାଳ ସାହିରେ ଯେ
ନଅର ତୋଳ ଯାଇଁ
ମୋର ବଡ଼ ଦେଉଳକୁ
ଆଉ ନ ଆସିବୁ
ମାଇପକୁ ଘେନି
ଗ୍ରାମ ବାହାରେ ରହିବୁ।

ଲକ୍ଷ୍ମୀପୁରାଣ'ରେ ଗୃହିଣୀମାନଙ୍କୁ ସଂଜମରେ ଚଳିବା, ଶୃଙ୍ଖଳିତ ବ୍ୟବହାର କରିବା, ଶୁଚୀପୂତ ରହିବା ଆଦି ବହୁ କଥା ପରାମର୍ଶ ଦିଆଯାଇଛି। ସଂସାର ବୈରାଗୀ ହୋଇ ସ୍ୱାମୀ ଛାଡ଼ି ଯାଉଥିବା ଘରର ଘରଣୀ ନିଜକୁ ଅସହାୟ ନମଣି ନିଜ ନିଷ୍ଠା ଓ ପରାକାଷ୍ଠା ଦ୍ୱାରା ଦାରିଦ୍ର୍ୟକୁ ଦୂରେଇ ଦେଇପାରିବ ବୋଲି ଆର୍ଥିକ ସାମାଜିକ ସୁରକ୍ଷା ପ୍ରଦାନ କରିବାର ଆଶ୍ୱାସନା ପ୍ରଦାନ କରାଯାଇଛି।

ପଞ୍ଚସଖା ସାହିତ୍ୟର ଅନ୍ୟ ଏକ ସୃଷ୍ଟି ଧର୍ମ ଅର୍ଜନ ଅପେକ୍ଷା ଜୀବନର ବାସ୍ତବତା ପରିପ୍ରକାଶକୁ ଅଧିକ ଶ୍ରେୟ ପ୍ରଦାନ କରିଛନ୍ତି ଯଶୋବନ୍ତ ଦାସ 'ଗୋବିନ୍ଦଚନ୍ଦ୍ର' କାବ୍ୟରେ । ଅପୁତ୍ରିକ ନାରୀମାନଙ୍କ ଦୁର୍ଦ୍ଦଶା ବାଖ୍ୟା କରି, ରାଣୀ ମୁକୁତା ଦେଈଙ୍କର ନିର୍ଯାତନା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ଅପୁତ୍ରିକ ଥିବାରୁ ମୁକୁତା ଦେଇ ସ୍ୱାମୀ ପରିତ୍ୟକ୍ତା ହୋଇ ଜଙ୍ଗଲରେ ନିମଡୋହୀ ହୋଇଥିଲେ । ପରବର୍ତ୍ତୀ ସମୟରେ ପୁତ୍ର ଜନ୍ମ ଦେଇ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଉପଭୋଗ, ଧନ ଅର୍ଜନ ମଣିଷ ଜୀବନକୁ ଅସାର କରେ ବୋଲି ଯଶୋବନ୍ତ 'ଗୋବିନ୍ଦଚନ୍ଦ୍ର' ମାଧ୍ୟମରେ ପ୍ରମାଣ କରିଛନ୍ତି । ଅନେଶତ ରାଣୀ, ବିଶାଳ ସାମ୍ରାଜ୍ୟ ଛାଡ଼ି ମା' ମୁକୁତାଙ୍କ ପରାମର୍ଶରେ ଯୁବକ ଗୋବିନ୍ଦ ଚନ୍ଦ୍ର ଯୋଗୀ ହୋଇଯାଇଛନ୍ତି । ଜୀବନର ଶାଶ୍ୱତ ମାର୍ଗ ପ୍ରଦର୍ଶନ କରାଇ କବି ଯଶୋବନ୍ତ ଉଚ୍ଚବର୍ଗର ମଣିଷକୁ ଯୋଗୀ ଜୀବନ ମାଧ୍ୟମରେ ସାଧାରଣ ମଣିଷର ଦୁଃଖ ଦୁର୍ଦ୍ଦଶାର ଚେତନା ସୃଷ୍ଟି କରାଇଛନ୍ତି । ଏଥିରୁ ଷୋଡ଼ଶ ଶତାବ୍ଦୀର ଆଧ୍ୟାତ୍ମିକ ଭାବଧାରା ସହିତ ସାମାଜିକ ସମ୍ପର୍କର ବାର୍ତ୍ତା ମିଳିଥାଏ ।

ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ କବି ସନ୍ଥ ଅଚ୍ୟୁତାନନ୍ଦ ଦାସ 'ହରିବଂଶ' 'ଶୂନ୍ୟ ସଂହିତା', 'ମାଳିକା' ଆଦି ଲକ୍ଷେ ଗ୍ରନ୍ଥ ରଚନା କରି ସମାଜରୁ କୁ-ସଂସ୍କାର ଦୂର କରିବା ସହିତ ମାଳିକା ମାଧ୍ୟମରେ ସତର୍କତାର ଘଣ୍ଟି ସ୍ୱନ ଶୁଣାଇଛନ୍ତି। ସମାଜର ରୀତି-ନୀତି ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତି ଚଣ୍ଡି ଚାମଣ୍ଡା ଦ୍ୱାରା ନିହତ ହେବେ । ବାରହାତ ଖଣ୍ଡା ଧରି କଳ୍କୀ ପୁରୁଷ ମ୍ଳେଚ୍ଛ ସଂହାର କରିବେ । ପାଞ୍ଚଶହ ବର୍ଷ ପୂର୍ବରୁ ରଚିତ ମାଳିକା ଆଜି ସମାଜରେ ସତ୍ୟତା ପ୍ରକାଶ କରିବା ସହିତ ସଚେତନତା ସୃଷ୍ଟି କରି କ୍ରାନ୍ତିକାରୀ ଭାବ ପ୍ରକାଶ କରୁଛି । ମଣିଷ ମଧ୍ୟରେ ଶରୀର ତତ୍ତ୍ୱ ଓ ପିଣ୍ଡ ବ୍ରହ୍ମାଣ୍ଡର ପରିକଳ୍ପନା ଥିଲା ପଞ୍ଚସଖା ସାହିତ୍ୟର ମୁଖ୍ୟ ବିଭବ ।

ପଞ୍ଚସଖା ପରବର୍ତ୍ତୀ ରୀତିଯୁଗରେ ସାହିତ୍ୟର ଧର୍ମ ବହୁ ପରିମାଣରେ ବଦଳିଯାଇ କାବ୍ୟ ବସଳାସ କବିମାନଙ୍କର ପ୍ରଧାନ ଧ୍ୟେୟ ହୋଇ ଈଶ୍ୱର ଓ ସାମନ୍ତବର୍ଗଙ୍କୁ ସାମ୍ନାରେ ରଖି ଶୃଙ୍ଗାରରେ ପରିଚାଳିତ ହେଲା । ଏ ସମୟରେ ରାଜା ସ୍ୱୟଂ କବିର ପୃଷ୍ଠପୋଷକ ହୋଇଯିବାରୁ କାବ୍ୟରେ ରାଜଧର୍ମ, ରାଜକର୍ମ, ବୀରତ୍ୱ, ପ୍ରେମ-ପ୍ରଣୟକୁ ନେଇ କାବ୍ୟଜଗତ ପରିପ୍ରକାଶ ଘଟିଲା ।

କାବ୍ୟଚର୍ଚ୍ଚା ରାଜାରାଜୁଡ଼ାଙ୍କ ମଧ୍ୟରେ ସୀମିତ ରହିବା ଫଳରେ ସାଧାରଣ ଜୀବନଚର୍ଯ୍ୟା ଦେଖିବାକୁ ମିଳିଲା ନାହିଁ । ଏଗୁଡ଼ିକ ମୁଖ୍ୟତଃଧର୍ମ ଓ ଦେବଦେବୀ ଆଧାରରେ ରଚନା ହେଲା । ସାଧାରଣ ଜନତାଙ୍କ ପାଖରେ କାବ୍ୟ ଚର୍ଚ୍ଚା ନହେବାରୁ ଭାଷା-ସାହିତ୍ୟ ପ୍ରତି ଲୋକମାନଙ୍କର ଆଗ୍ରହ କମିଗଲା। ଯାହା ଭାଗବତ, ଲକ୍ଷ୍ମୀପୁରାଣ, ହରିବଂଶ ପ୍ରଭୃତି ଧର୍ମବିଶ୍ୱାସରେ ଯୋଡ଼ି ହୋଇ ରହିଲା । ପ୍ରାଚୀନ କାବ୍ୟରେ ସାମାଜିକ ବାସ୍ତବତା ଅପେକ୍ଷା କଳ୍ପିତ ବାସ୍ତବତା ଅଧିକ ପ୍ରୟୋଗ ଦୃଷ୍ଟିରୁ ଏହା ଜୀବନଧର୍ମୀ ହୋଇପାରିନଥିଲା। ମାତ୍ର ଭୀମ ଭୋଇଙ୍କ ଭଳି ହାତଗଣତି କାବ୍ୟ ସ୍ରଷ୍ଟାମାନଙ୍କ ରଚନାରେ ଜନଜୀବନ ପ୍ରତି ସମର୍ପଣ ଭାବ ଦେଖିବାକୁ ମିଳେ।

ଆଧୁନିକ ଓଡ଼ିଆ କାବ୍ୟ ପରମ୍ପରାରେ ଜୀବନ ଦୃଷ୍ଟିର ପରିପ୍ରକାଶ ଇଂରେଜ ଶାସକଙ୍କ ଆଗମନ ପରେ ଆରମ୍ଭ ହୋଇଥିଲା । ୧୮୦୩ ମସିହାରେ ଇଂରେଜ ଓଡ଼ିଶା ଅଧିକାର ପରେ ରାଜନୀତିକ ବ୍ୟବସ୍ଥା କ୍ରମଶଃ ଭାଙ୍ଗିବାକୁ ଲାଗିଲା । ଶିକ୍ଷା, ଶାସନ ବ୍ୟବସ୍ଥା, ଗମନାଗମନ, ଅର୍ଥନୀତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିଲା । ୧୮୬୬ ନଅଙ୍କ ଦୁର୍ଭିକ୍ଷ, ରାଜ୍ୟ ପୁନର୍ଗଠନ, ଶାସନ ବ୍ୟବସ୍ଥା ଓ ବ୍ୟବସ୍ଥାପକ ସଭାର ସ୍ଥାନ ପରିବର୍ତ୍ତନ, ବଢ଼ି, ମରୁଡ଼ି ସମସ୍ୟା ଆଦି ଜନଜୀବନକୁ ପ୍ରଭାବିତ କଲା। ଏହା ସହିତ ଭାଷା-ସାହିତ୍ୟ ଆଧାରରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ସାମାଜିକ-ରାଜନୈତିକ ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ ଓ ସେଥିରେ ସୋସିଆଲିଷ୍ଟ- ବାମପନ୍ଥୀ ବିଚାରଧାର ବିକାଶ ଭାରତୀୟ ମୁକ୍ତି ସଂଗ୍ରାମକୁ ସମର୍ଥନ କରି ଗଣ ଆନ୍ଦୋଳନରେ ଯୋଗଦାନ ଇତ୍ୟାଦି କ୍ରମେ ସାହିତ୍ୟକୁ ପ୍ରଭାବିତ କଲା । ୧୮୬୬ରେ କଟକ ପ୍ରିଣ୍ଟିଂ ପ୍ରେସ୍ ସ୍ଥାପନା ଓ ପରେ ୧୮୬୯ରେ ରେଭେନ୍ସା ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ଶିକ୍ଷା ସହିତ ଭାଷା ସାହିତ୍ୟର ବିକାଶ ଘଟିଲା ।

ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ, ଗଙ୍ଗାଧର ମେହେର, ଚିନ୍ତାମଣି ମହାନ୍ତି, ନନ୍ଦକିଶୋର ବଳ ପ୍ରମୁଖ ଆଧୁନିକ କାବ୍ୟ-କବିତାର ପରିଚୟ ସୃଷ୍ଟି କଲେ । ଫକୀର ମୋହନ କୃଷକମାନଙ୍କ ପରିସ୍ଥିତି, ଶୋଷଣ, ଜମିଦାରଙ୍କ ପ୍ରାଦୁର୍ଭାବକୁ ଲକ୍ଷ୍ୟ କରି ପ୍ରବନ୍ଧ, କବିତା, ଗଳ୍ପ, ଉପନ୍ୟାସ ରଚନା କରି ତତ୍କାଳୀନ ଗ୍ରାମ୍ୟ ଜୀବନର ଦୁଃଖ, କଷ୍ଟ ନୈରାଶ୍ୟକୁ ସମାଜ ସମ୍ମୁଖକୁ ଆଣିଲେ । ଛ'ମାଣ ଆଠଗୁଣ୍ଠ ଉପନ୍ୟାସ ସେ ସମୟର ସମାଜ ଜୀବନର ପ୍ରତିଫଳନ ସୃଷ୍ଟି କରିଥିଲା । ରାଧାନାଥଙ୍କ ଦରବାର, ଗଙ୍ଗାଧରଙ୍କ କୃଷକ ସଂଗୀତ', ପଲ୍ଲୀକବି ନନ୍ଦକିଶୋରଙ୍କ ପଲ୍ଲୀଚିତ୍ର, ନାରୀ ନିର୍ଯାତନାର ବିକଳଚିତ୍ର ଲେଖା ମାଧ୍ୟମରେ ପ୍ରକାଶ ପାଇ ପରିବର୍ତ୍ତନର ଆଭିମୁଖ୍ୟ ସ୍ପଷ୍ଟ କରିଥିଲା ।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ମଧୁବାବୁଙ୍କ ନେତୃତ୍ୱରେ ଓଡ଼ଇଆ ଜାତିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲେ ଶତାବ୍ଦୀ ଧରି ପୀଡ଼ିତ ଓଡ଼ିଆକୁ ପରାଧୀନତାରୁ ମୁକ୍ତିଦେବା ପାଇଁ ଯେଉଁ ଅଳ୍ପ କିଛି ଜାତୀୟ ଉଦ୍‌ବୋଧଡ଼ମୂଳକ ରଚନା କଲେ, ତାହା ଉତ୍କଳୀୟଙ୍କ ମାନସପଟରେ ସ୍ୱାଭିମାନ ସୃଷ୍ଟି କଲା । ଗୋପବନ୍ଧୁଙ୍କ ବନବିଦ୍ୟାଳୟ ସ୍ୱାଧୀନତା ଆନ୍ଦୋଳନ, ସଂସ୍କାରଧର୍ମୀ କାର୍ଯ୍ୟ ସହିତ 'ବନ୍ଦୀର ଆତ୍ମକଥା' କାରା କବିତା' ଆଦି ସଂବେଦନ ପରେ, କୁନ୍ତଳା କୁମାରୀ ସାବତଙ୍କ ଜୀବନଧର୍ମୀ କବିତା ଜନଜୀବନକୁ ପ୍ରଭାବିତ କରିଥିଲା । ଗୋପବନ୍ଧୁଙ୍କ ଧାରାର ପରିବର୍ଦ୍ଧିତ ହୋଇ ପରେ ପରେ ସୁବଜ ଯୁଗର ସ୍ରଷ୍ଟାମାନଙ୍କ ଆବିର୍ଭାବ ସହିତ ମାୟାଧର ମାନସିଂ, ରାଧାମୋହନ ଗଡ଼ନାୟକ, ଗୋଦାବରୀଶ ମହାପାତ୍ର, କୁଞ୍ଜବିହାରୀ ଦାସ ପ୍ରଭୃତିଙ୍କ ବିପର୍ଯ୍ୟୟ ପର୍ଯ୍ୟବେଶିତ କାବ୍ୟ କବିତା ଓଡ଼ିଆର ଅସ୍ମିତାବୋଧର ପରିଚୟ ପ୍ରଦାନ କରେ ।

**(କ୍ରମଶଃ...)**

**ପ୍ରଜ୍ଞାନ ବାଚସ୍ପତି**
**ସମ୍ପାଦକ, 'ନିତ୍ୟ ନୂତନ'**
**ଭୁବନେଶ୍ୱର**

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ





# ଐତିହାସିକ ବାଲିଯାତ୍ରା

ନିରଞ୍ଜନ ମେକାପ

**ସେ** ଏକ ଅମୀମାଂସିତ ରୋମାଞ୍ଚକର ଅଭୁଲା କାହାଣୀ, ଯାହାର ଶୁଭାରମ୍ଭ ଅଧ୍ୟାୟ ଅଦ୍ୟାପି ଅନିର୍ଦ୍ଦିଷ୍ଟତାର ଅନ୍ଧକାରରେ ଲୁକ୍କାୟିତ । ଅନେକ ଭାବଚିନ୍ତକ ପୁରାଣକାର ଓ କବି, ଐତିହାସିକ, ଭୂତତ୍ତ୍ୱବିଦ୍ ଓ ପ୍ରତ୍ନତତ୍ତ୍ୱ ବିଦ୍ ଏବଂ ଜ୍ଞାନର ଅଲୌକିକତା ପ୍ରଦର୍ଶକ ବୈଜ୍ଞାନିକ ବୃନ୍ଦ ବି ସେହି ସୃଷ୍ଟି ସଂପର୍କରେ କୌଣସି ମୌଳିକ ମତବ୍ୟକ୍ତ କରିବାକୁ ସକ୍ଷମ ହୋଇପାରିନାହାଁନ୍ତି । କାରଣ, ଅନୁସନ୍ଧାନ, ଅନ୍ୱେଷଣ, ଅନୁଧାବନ ସହିତ ତର୍ଜ୍ଜମା ଓ ଗଭୀର ଗବେଷଣା ହେଉଛି ଏକ ସମୟଭିତିକ ବହୁ କଷ୍ଟସାଧ ବ୍ୟାପାର । ଏ ସବୁର ଘୋର ଅଭାବ ପାଇଁ ହଜାର ହଜାର ବର୍ଷ ଧରି ଓଡିଶା ମାଟିର ସଭ୍ୟତା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିଥିବା କଟକ ମହାନଗରୀର ଇତିହାସ ଏବେବି ଅସ୍ଥିର ଅନାଲୋଚିତର ବିକ୍ଷୁବ୍ଧ ବାଲୁକାଶଯ୍ୟାରେ । ପୁରୁଷାନୁକ୍ରମରେ ପାଳିତ ହୋଇଆସୁଥିବା ଐତିହାସିକ ବାଲିଯାତ୍ରା ମଧ ଲେଖକ କବି ଓ ଐତିହାସିକମାନଙ୍କ ଦ୍ୱାରା ବହୁ ଆଲୋଚିତ ପ୍ରସାରିତ ଓ ସମାଲୋଚିତ ମଧ। ମୁଖ୍ୟତଃ ଏହାର ଜନ୍ମଜାତକର ପରିସୀମାକୁ ନେଇ ବହୁ ସଂଦିଗ୍ଧ ମତାମତ ପ୍ରକାଶ ପାଇଥାଏ।

**ଏ**ଥିମଧ୍ୟରୁ ପ୍ରଥମ ମତଟି ହେଲା ଏହି ଯାତ୍ରା ମହାନଦୀତଟସ୍ଥ ବାଲୁକା ପ୍ରାନ୍ତରରେ ପାଳିତ ହୋଇଆସୁଥିବାରୁ ଏହାର ନାମ ବାଲିଯାତ୍ରା ହୋଇଅଛି। କିଛି ପ୍ରାଜ୍ଞ ଗବେଷକମାନଙ୍କ ମତରେ ପୂର୍ବେ ସାଧବମାନେ ବାଣିଜ୍ୟରୁ ଫେରିଲା ପରେ ବା ଯିବା ସମୟରେ ଆଣିଥିବା ସାମଗ୍ରୀ ବିକ୍ରି ପାଇଁ ଏହି ଗଡଗଡିଆ ଘାଟରେ ରଖୁଥିଲେ ଓ ଏଥିପାଇଁ ଯେଉଁ ଜନ ସମାଗମ ବା ଯାତ୍ରା ଅନୁଷ୍ଠିତ ହେଉଥିଲା, ତାହାକୁ 'ବାଲିଯାତ୍ରା' ବୋଲି କୁହାଗଲା। ପ୍ରଖ୍ୟାତ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ସଂସ୍କୃତ ସାହିତ୍ୟ ପୃଷ୍ଠାରେ ଜାଭା, ବୋର୍ଣ୍ଣିଓ, ସୁମାତ୍ରା ଓ ବାଲିଦ୍ୱୀପର ଯଥାକ୍ରମେ ନାମ ହେଉଛି ବରୁଣ ଦ୍ୱୀପ, ସ୍ୱର୍ଣ୍ଣଦ୍ୱୀପ ଓ ବଳୀଦ୍ୱୀପ। କିନ୍ତୁ ଇଂରେଜମାନଙ୍କ ଶାସନ କାଳରେ ଇବକ୍ଷସ ଶବ୍ଦକୁ ବାଲି ବୋଲି ଉଚ୍ଚାରଣ କରାଯାଇଥିବାରୁ ଏହାକୁ ବାଲିଯାତ୍ରା' ବୋଲି କୁହାଯାଏ। ତାଙ୍କ ମତରେ କଟକର ଗଡଗଡିଆ ଘାଟରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଯେଉଁ ବାଲିଯାତ୍ରା ଅନୁଷ୍ଠିତ ହେଉଛି, ତାହା ଯଦି ପ୍ରାଚୀନ ଓଡିଶାବାସୀମାନଙ୍କ ବଳୀଦ୍ୱୀପକୁ ଯାତ୍ରାର ସ୍ମୃତି ସହିତ ସଂଶ୍ଲିଷ୍ଟ ହୋଇଥାଆନ୍ତା, ତେବେ ଏହାର ନାମ ବାଲିଯାତ୍ରା ନ ହୋଇ 'ବଳୀଯାତ୍ରା' ହୋଇଥାଆନ୍ତା। ତୃତୀୟ ଓ ବହୁ ଆଲୋଚ୍ୟ ମତାମତଟି ହେଲା ୧୫୧୦ ଖ୍ରୀ.ଅରେ ଗୌଡୀୟ ବୈଷ୍ଣବ ଧର୍ମର ପ୍ରଚାରକ ଶ୍ରୀଚୈତନ୍ୟ ମହାପ୍ରଭୁ ଶ୍ରୀକ୍ଷେତ୍ରଙ୍କୁ ଯାତ୍ରା କରିବା ପରିପ୍ରେକ୍ଷୀରେ ଗଡଗଡିଆ ମହାନଦୀ ବାଲିରେ ଚାଲି ଚାଲି ଯାଇଥିଲେ ଓ ସେହି ସ୍ମୃତିଚାରଣ ପାଇଁ ଉକ୍ତ ସମୟ ଠାରୁ ବାଲିଯାତ୍ରା ଆରମ୍ଭ ହୋଇଅଛି। ୧୯୧୧ ମସିହାରେ ପ୍ରକାଶିତ 'ମୁକୁର' ପତ୍ରିକାରେ ପ୍ରକାଶିତ 'ବାଲିଯାତ୍ରା' ପ୍ରବନ୍ଧର ଲେଖକ ପାର୍ବତୀ ଚରଣ ଦାସ କହିଛନ୍ତି ଯେ କଟକରୁ ବୃନ୍ଦାବନ (ଶ୍ରୀକ୍ଷେତ୍ର) ଯାତ୍ରା ଉପଲକ୍ଷେ ଶ୍ରୀଚୈତନ୍ୟଙ୍କ ବିଦାୟ କାଳରେ ଗଜପତି ପ୍ରତାପରୁଦ୍ରଦେବ ମହାନଦୀ କୂଳ ଗଡଗଡିଆ ଘାଟ ଠାରେ ଗୋଟିଏ ଜୟସ୍ତମ୍ଭ ନିର୍ମାଣ କରି ଆଜିର 'ବାଲିଯାତ୍ରା' ପ୍ରବର୍ତ୍ତନ କରିଥିଲେ। ଚତୁର୍ଥ ମତଟି ହେଲା କାର୍ତ୍ତିକ ପୂର୍ଣ୍ଣିମା ଠାରୁ ଓଡିଆ ସାଧବପୁଅମାନଙ୍କର ଦକ୍ଷିଣ ପୂର୍ବ ଏସୀୟ ବାଲିଦ୍ୱୀପ ଉଦ୍ଦେଶ୍ୟରେ ନୌକାଯାତ୍ରା କରିବାର ସ୍ମୃତିଚାରଣ ପାଇଁ ଏହି ଯାତ୍ରାର ନାମ 'ବାଲିଯାତ୍ରା' ହୋଇଅଛି।

ଉପରୋକ୍ତ ପର୍ଯ୍ୟାଲୋଚନାର ନିର୍ଯାସ ପାଇଁ ଆମକୁ ଅତୀତର ପୁରାଣ, ସାହିତ୍ୟ ଓ ଇତିହାସକୁ ଅନୁଧ୍ୟାନ କରିବାକୁ ହିଁ ହେବ । ଅତଏବ ଖ୍ରୀଷ୍ଟ ଜନ୍ମର ହଜାର ହଜାର ବର୍ଷ ପୂର୍ବରୁ ପ୍ରତିଷ୍ଠା ଲାଭ କରିଥିବା ବରୁଣ ଓ ଅସି ନଦୀ ଦ୍ୱୟ ମଧ୍ୟରେ ଅବସ୍ଥିତ ପବିତ୍ର ବାରାଣସୀ ସହର ଅନୁକରଣରେ ପ୍ରାଚୀନ ମହାନଦୀ ଓ ତାହାର ଶାଖାନଦୀ କାଠଯୋଡି ମଧ୍ୟରେ କେବେ, ବିଡାନାସୀ (ବାରାଣସୀ) କଟକର ମାଟିରେ ପ୍ରଥମେ ମଣିଷ କେବେ ପାଦ ଥାପି ଥିଲା, ତାହା କେହି କହିପାରିବେ ନାହିଁ । ତଥାପି ୨୫୨୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ମହାନଦୀ ଆଜକୁ ୧୫୦୦ ଲକ୍ଷ ବର୍ଷ ତଳେ ମଧ୍ୟପ୍ରଦେଶ (ସଂପ୍ରତି ଛତିଶଗଡ) ଅନ୍ତର୍ଗତ ଧାମତରୀ ଜିଲ୍ଲାସ୍ଥ ସିହାୱା ପର୍ବତ (ଋଷ୍ୟ ଶୃଙ୍ଗ ଆଶ୍ରମ ନିକଟସ୍ଥ) ଗହ୍ୱରରୁ ବାହାରି ପ୍ରାଚୀନ କାଳରେ 'କନକନନ୍ଦିନୀ' ବା ସୁକାନ୍ତି ତନୟା, ତ୍ରେତୟା ଯୁଗରେ 'ନୀଳୋତ୍ପଳା' (ବାୟୁପୁରାଣ), ଦ୍ୱାପରଯୁଗରେ 'ଚିତ୍ରୋତ୍ପଳା' (ମତ୍ସ୍ୟପୁରାଣ) ଓ ଆଜକୁ ୬୨୦୦ ବର୍ଷ ତଳେ ଆରମ୍ଭ ହୋଇଥିବା କଳିଯୁଗରେ 'ମହାନଦୀ' ନାମଧାରଣ କରି ସମୁଦ୍ରରେ ମିଶିଅଛି। ମଧ୍ୟପ୍ରଦେଶ କି ନଦୀୟାଁ ପୁସ୍ତକରେ ଡକ୍ଟର ଶ୍ୟାମସୁନ୍ଦର ତ୍ରିପାଠୀ ମହାନଦୀକୁ ନୀଳୋତ୍ପଳା ଓ ଚିତ୍ରୋତ୍ପଳା ବୋଲି କହିଛନ୍ତି । ମହାନଦୀର ପବିତ୍ରତା ସଂପର୍କରେ ମହର୍ଷି ଭରଦ୍ୱାଜ 'କପିଳ ସଂହିତା'ର ୨/୪୦୫ ଶ୍ଳୋକରେ ଲେଖିଛନ୍ତି- ତତ୍ର ଦେଶେ (ଉତ୍କଳେ) ଦ୍ୱିଜ ଶ୍ରେଷ୍ଠା ନଦୀ ନାମ୍ନଉମାନଦୀ, ମହାନଦୀତି ବିଖ୍ୟାତା ସର୍ବପାପ ପ୍ରଣାଶିନୀ ଭୂତତ୍ତ୍ୱବିଦ୍‌ମାନଙ୍କ ମତରେ ଆଜକୁ ୬୫୦୦୦ ବର୍ଷ ତଳୁ ଆଦିମାନବ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ଅବବାହିକାରେ ବାସ କରିବା ଆରମ୍ଭ କରିଥିଲେ । ନିର୍ଦ୍ଦିଷ୍ଟ ଭାବେ ଖ୍ରୀ.ପୂ ୩୮୦୦ ବର୍ଷ ପୂର୍ବେ ଲୋମାନେ କଟକରେ ବସବାସ କରୁଥିଲେ। ୪୨୦୦ ବର୍ଷ ପୂର୍ବେ ରଚିତ ଋକ୍‌ବେଦ ସହିତ ରାମାୟଣ, ମହାଭାରତ ପୃଷ୍ଠାରେ 'କଳିଙ୍ଗ'ର ନାମ ଉଲ୍ଲେଖ ଅଛି । ଏହି ଭୂଖଣ୍ଡ ଦକ୍ଷିଣରେ ଗୋଦାବରୀ ଠାରୁ ଗଙ୍ଗାନଦୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା। ମହାଭାରତ ଯୁଦ୍ଧରେ କଳିଙ୍ଗରୁ ୬୦ ହଜାର ରଥ, ଏବଂ ୧୦ ହଜାର ହାତୀ ସହିତ କଳିଙ୍ଗ ରାଜା ଶ୍ରୁତାୟୁ, ତାଙ୍କ ପୁତ୍ର କେତୁମାନ, ତାଙ୍କର ଦୁଇ ଚକ୍ର ରକ୍ଷକ ସତ୍ୟ ଓ ସତ୍ୟଦେବ କୌରବ ସପକ୍ଷରେ ଯୁଦ୍ଧକରି ମହାବଳୀ ଭୀମଙ୍କ ଦ୍ୱାରା ନିହତ ହୋଇଥିଲେ । ସମୟକ୍ରମରେ ଗୋଦାବରୀନଦୀ ଠାରୁ ବଂଶଧାରା ପର୍ଯ୍ୟନ୍ତ 'ମୁଖ୍ୟକଳିଙ୍ଗ' ଏହିଠାରୁ ଋଷିକଲ୍ୟା ପର୍ଯ୍ୟନ୍ତ 'ମଧ କଳିଙ୍ଗ' ଏବଂ ଋଷିକୁଲ୍ୟା ଠାରୁ ଗଙ୍ଗାନଦୀ ପର୍ଯ୍ୟନ୍ତ 'ଉତ୍ତରକଳିଙ୍ଗ' ଭାବରେ ବିଭକ୍ତ ହୋଇ ତ୍ରି କଳିଙ୍ଗ ନାମଧାରଣ କରିଥିଲା ଏବଂ କଟକ ମୁଖ୍ୟ କଳିଙ୍ଗର ଅନ୍ତର୍ଗତ ଥିଲା। ଖ୍ରୀଷ୍ଟପୂର୍ବ ସମୟରେ କଟକର ନାମ ଥିଲା କଟିକର୍ଦ୍ଦମ, ମହାନନ୍ଦ ଓ ଏହାର ବନ୍ଦରକୁ କଟିକର୍ଦ୍ଦମ ବା ମନ୍ମଥ ବନ୍ଦର ବୋଲି ଟଲେମୀ ଉତ୍‌ଥାପନ କରି ପ୍ରଥମ ଶତାବ୍ଦୀରେ ଚୀନ୍‌ର ରାଜକନ୍ୟା ବୌଦ୍ଧତନ୍ତ୍ର ବିଷୟରେ ଜାଣିବା ପାଇଁ ମନ୍ନଦ ବନ୍ଦର ନେଇ ଚେଳିତାଲୋ ବନ୍ଦରରେ ପହଁଚି ସେଠାରୁ ପୁଣି ନୌକା ସାହାଯ୍ୟରେ ପୁଷ୍ପଗିରିରେ ପହଁଚିଥିଲେ ଆଜି ସମୟ ବଦଳିଯାଇଛି ଏବଂ ତା' ସହିତ ଇତିହାସ ବହୁ ତଥ୍ୟ ବଦଳି ଯାଇଛି। ଇଂରେଜମାନଙ୍କୁ ଅନୁସରଣ କରି ଯେଉଁ ଇତିହାସ ଲେଖା ଯାଉଥିଲା ସେ ସମୟ ଆଜି ଅତିକ୍ରାନ୍ତ, ପୁଷ୍ପଗିରିକୁ ପ୍ରମାଣ କରିବା ପାଇଁ କୌଣସି ଐତିହାସିକଙ୍କ ଦ୍ୱାରା ପୂର୍ବରୁ ସୂଚୀତ ମତାମତର ଆବଶ୍ୟକତା ଆଦୌ ନାହିଁ । ୧୯୯୭ ମସିହାରେ ଓଡିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ, ଉତ୍କଳୀୟ ନୌବାଣିଜ୍ୟ ସଂସ୍ଥା ଓ ଏସୀୟ ଗବେଷଣା ସଂସ୍ଥାର ମିଳିତ ଉଦ୍ୟମରେ ପ୍ରତ୍ନତତ୍ତ୍ୱବିଦ୍ ଦେବରାଜ ପ୍ରଧାନ ଯାଜପୁର ଜିଲ୍ଲା ଅନ୍ତର୍ଗତ ଧର୍ମଶାଳା ବ୍ଲକସ୍ଥିତ ଲାଙ୍ଗୁଡ ପାହାଡ ଖନନ କରି ସେଥିରୁ ଅଶୋକଙ୍କ ମୂର୍ତ୍ତି ସହିତ ୧) ପୁଷ୍ପଗିରି ବିହାରୀୟ ୨) ପୁଷ୍ପଗିରହ ୩) ପୁଷ୍ପଗିରି ବିହାର ଇତ୍ୟାଦି ପ୍ରାଚୀନ ଶିଳାଲିପିକୁ ଉଦ୍ଧାର କରିଥିଲେ।





ପ୍ରଖ୍ୟାତ ଲିପିତତ୍ତ୍ୱବିଦ୍ ପ୍ରଫେସର ବି.ଏ. ମୁଖାର୍ଜି ଏହିସବୁ ଲିପିର ପାଠୋଦ୍ଧାର କରି ୧୯୯୭ ମସିହା ଜୁଲାଇ ୨୫ ତାରିଖ ଦିନ ରାଜ୍ୟ ସଂଗ୍ରହାଳୟ ଭବନରେ, ସରକାରୀ ସ୍ତରରେ 'ଲାଙ୍ଗୁଡା ପାହାଡ'କୁ ପ୍ରାଚୀନ 'ପୁଷ୍ପଗିରି ବିହାର' ବୋଲି ଘୋଷଣା କରିଥିଲେ। ଆଜି ଲାଙ୍ଗୁଡା ଉପରେ ଠିଆ ହୋଇ ଦକ୍ଷିଣପୂର୍ବ ଦିଗରେ ପ୍ରବାହିତ ଚିତ୍ରୋତ୍ପଳା (ମହାନଦୀ) କୂଳସ୍ଥ 'ତିର୍ତ୍ତୋଲ'କୁ ନିର୍ବିବାଦରେ 'ଚେଳିତାଲୋ' ବନ୍ଦର ଥିଲା ବୋଲି କୁହାଯାଇପାରିବ। ତେଣୁ ଚୀନ୍ ରାଜକନ୍ୟା ମନ୍ନଦ (କଟକ) ବନ୍ଦର ଦେଇ ସିଧା ଚେଳିତାଲୋ ବନ୍ଦର ବାଟେ ସମୁଦ୍ର, ତା'ପରେ ଧାମରା ମୁହାଣ ଦେଇ ବ୍ରାହ୍ମଣୀ ଓ ଏହି ବ୍ରାହ୍ମଣୀର ଶାଖାନଦୀ କେଲୁଅରେ ପହଁଚି ପୁଷ୍ପଗିରିରେ ପହଁଚିବା ସୁସ୍ପଷ୍ଟ ଅଟେ । ତେଣୁ ଆର୍ଯ୍ୟମାନେ ଭାରତ ବାହାରୁ ଆସିଥିବାର କଥାକୁ ଇଂରେଜମାନଙ୍କୁ ଅନୁସରଣ କହିବାର ସମୟ ଚାଲିଯାଇଛି । ୧୮୫୪ ମସିହା ଯେଉଁ ଖ୍ୟାତନାମା ଶିକ୍ଷାବିତ୍ ଫେଡ୍‌ରିକ୍ ମାକସ୍‌ମୁଲାର ତାଚ୍ଛଲ୍ୟ କରି ହିନ୍ଦୁମାନଙ୍କୁ ସମାଲୋଚନା କରିଥିଲେ । ସେ ୧୮୬୭ ମସିହାରେ ଇଂଲଣ୍ଡ ରାଣୀଙ୍କୁ ଚିଠି ଲେଖିଥିଲେ- ହିନ୍ଦୁମାନେ ମଧ ପ୍ରାଚ୍ୟରୁ ଭାରତକୁ ଆସିନାହାଁନ୍ତି ବରଂ ଭାରତରୁ ସ୍ଥାନାନ୍ତରିତ ହୋଇ ଇଜିପଟ୍, ପାରସ୍ୟ, ଗ୍ରୀସ୍ ଓ ରୋମକୁ ସଭ୍ୟତା ଓ ସଂସ୍କୃତି ପ୍ରଦାନ କରିଛନ୍ତି । ଭାରତ ହେଉଛି ସମଗ୍ର ୟୁରୋପ ଓ ମାନବ ସଂସ୍କୃତିର ଜନନୀ (ସତ୍ୟବାଦୀ- ଅକ୍ଟୋବର ୨୦୧୯, ପୃ-୩୪)

ବିଶ୍ୱ ପ୍ରସିଦ୍ଧ ଭୌଗୋଳିକ ଓ ନୌବତ୍ ଜି.ଇ. ଜେରିନ୍ ତାଙ୍କ ରଚିତ ରିସର୍ଚ୍ଚ ଅନ୍ ଟଲେମୀଙ୍କ ଜିଓଗ୍ରାଫିରେ ଖ୍ରୀଷ୍ଟପୂର୍ବ ସମୟରୁ ମହାନଦୀର ମୁହାଣ ଦେଶରେ ମନ୍ନଦ ନାମକ ଏକ ବନ୍ଦର ଥିବା କଥା ଉଲ୍ଲେଖ କରିଛନ୍ତି । ଏହି କଥାକୁ ସ୍ୱୀକାର କରି ପ୍ରଖ୍ୟାତ ଐତିହାସିକ ଟଲେମୀ କହିଛନ୍ତି ଯେ ସେହି ବନ୍ଦର ମହାନଦୀ ତୀରରେ ଅବସ୍ଥିତ ଥିବାରୁ ଏହାର ନାମ ମନ୍ମଥ ରଖାଯାଇଥିଲା । ଐତିହାସିକମାନେ ମନ୍ମଥ ବନ୍ଦରକୁ 'କଟକ' ସହିତ ତୁଳନା କରିଛନ୍ତି । ସମ୍ବଲପୁର ଇତିହାସର ଲେଖକ ଶିବ ପ୍ରସାଦ ଦାଶ ଉକ୍ତ ପୁସ୍ତକର ୫୩ ପୃଷ୍ଠାରେ ଲେଖିଛନ୍ତି ବାଲିଯାତ୍ରାର ଅର୍ଥ ବାଣିଜ୍ୟାର୍ଥେ ବାଲିଦ୍ୱୀପକୁ ବା ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜକୁ ଯାତ୍ରା । ତେଣୁ ସମ୍ବଲପୁରରୁ ଉତ୍ପନ୍ନ, ହୀରା ଓ ସୁବର୍ଣ୍ଣ ଇତ୍ୟାଦିକୁ ନେଇ ଯେତେବେଳେ ସାଧବପୁଅମାନେ ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜକୁ ଯାଉଥିଲେ ଓ ସେହି ସମୟରେ ସେମାନେ ନିଶ୍ଚିତ କଟକ ପଥ ଦେଇ ତତ୍କାଳୀନ କଳିଙ୍ଗ ସାଗରକୁ ଯାଉଥିବେ। ଅଗତ୍ୟା ଦୂରରୁ ନୌକା ସାହାଯ୍ୟରେ ମହାନଦୀ ପଥରେ ଆସି କଟକରେ ବିଶ୍ରାମ ନେବା କଥା ଅସ୍ୱୀକାର କରାଯାଇନପାରେ। ପୁଣି ତତ୍କାଳୀନ କୋଶଳ ରାଜ୍ୟଲୋକେ କଳିଙ୍ଗବାସୀ ବୋଲି ବର୍ଣ୍ଣିତ ହେଉନଥିଲେ। ପତଞ୍ଜଳୀ କହିଛନ୍ତି- କଳିଙ୍ଗ ସାହାସିକାଃ। ତେଣୁ ମହାନଦୀରେ ଅବସ୍ଥିତ ନଦୀବନ୍ଧର ମନ୍ନଦ, ମହାନନ୍ଦ ଅଥବା କଟିକର୍ଦ୍ଦମ ବା ଆଧୁନିକ କଟକ ନିଶ୍ଚିତ ରୂପେ ଏକ ପ୍ରସିଦ୍ଧ ବନ୍ଦର ଥିଲା। ମୁଖ୍ୟ କଳିଙ୍ଗର ଅଧିବାସୀମାନେ କଟକରେ ସଂଗୃହୀତ ହୀରା, ସୁବର୍ଣ୍ଣ, ଲୁଣ ଓ ନଡିଆ ଆଦି ନେଇ ବାଲିଦ୍ୱୀପ ସମେତ ଅନ୍ୟାନ୍ୟ ଦ୍ୱୀପମାନଙ୍କୁ ଯାତ୍ରା କରୁଥିଲେ । ତେଣୁ 'ବାଲିଯାତ୍ରା' ଏହାର ଏକ ସ୍ମୃତି ବୋଲି କହିବା ଉଚିତ୍ ହେବ।



ଦ୍ୱିତୀୟ କଥା ହେଉଛି- ଶ୍ରୀଚୈତନ୍ୟ ଦେବଙ୍କର ମହାନଦୀ ପାର ହୋଇ ଚାଲି ଚାଲି ଯିବା ପ୍ରସଙ୍ଗ। ଏ ସଂପର୍କରେ ପାର୍ବତୀଚରଣ ଦାସ, ଯାହା ମୁକୁର ପତ୍ରିକା (୧୯୧୧ ମସିହା)ରେ ଲେଖିଛନ୍ତି, ତାହା ସଂପୂର୍ଣ୍ଣ ରୂପେ କପୋଳକଳ୍ପିତ କାହାଣୀ। ପ୍ରଥମତଃ ୧୫୧୦ ଖ୍ରୀ.ଅ ଫେବୃୟାରୀ ମାସରେ ଚୈତନ୍ୟ ଯେତେବେଳେ ଚୌଦ୍ୱାର ନିକଟସ୍ଥ ଚଷାପଡାଘାଟ ପାରିହୋଇ ବାରବାଟୀ ଦୁର୍ଗରେ ପହଁଚିଲେ, ସେହି ସମୟରେ ଗଜପତି ପ୍ରତାପରୁଦ୍ର ଦେବ ଦାକ୍ଷିଣାତ୍ୟ ଯୁଦ୍ଧରେ ବ୍ୟସ୍ତ ଥିଲେ। (Gajpati Prataprudar Dev was absent when chaitanya arrived at Puri. (Journal of Kalinga Historical Researc Society March-1947. P.332) ୧୫୧୨ ଖ୍ରୀ.ଅରେ ଗଜପତିଙ୍କ ସହିତ ଚୈତନ୍ୟଙ୍କର ପ୍ରଥମ ସାକ୍ଷାତ୍ ପୁରୀ ଠାରେ ହୋଇଥିଲା । ପୁଣି ୧୫୧୪ ଖ୍ରୀ.ଅରେ ଅକ୍ଟୋବର ମାସରେ ଚୈତନ୍ୟ ବୃନ୍ଦାବନ ଧାମକୁ ପୁରୀ ଠାରୁ ଯାତ୍ରା କରିଥିଲେ ଏବଂ ୧୫୧୬ ଖ୍ରୀ.ଅରେ ପୁରୀ ପ୍ରତ୍ୟାବର୍ତ୍ତନ କରିଥିଲେ। କିନ୍ତୁ ୧୫୧୪ ଫେବୃୟାରୀ ଠାରୁ ୧୫୧୫ ଖ୍ରୀ.ଅ ପର୍ଯ୍ୟନ୍ତ ଗଜପତି ଦାକ୍ଷିଣାତ୍ୟରେ କୃଷ୍ଣଦେବ ରାୟଙ୍କ ସହିତ ଯୁଦ୍ଧରେ ବ୍ୟସ୍ତ ଥିଲେ । ପୁନଶ୍ଚ ଚୈତନ୍ୟ ଯେତେବେଳେ ପୁରୀ ଆସିଲେ, ତାଙ୍କ ସଂପର୍କରେ କେହିବି କିଛି ଜାଣିନଥିଲେ । ତେଣୁ ଓଡିଶା ଗଜପତି କାହିଁକି ତାଙ୍କୁ ମହାନଦୀ ବାଲିରେ ବିଦାୟ ଦେବାକୁ ଯିବେ? ଏ ସବୁ ଗୌଡୀୟ ବୈଷ୍ଣବମାନଙ୍କର ନିରାଟ ଅସତ୍ୟ କାହାଣୀ । କାରଣ ଚୈତନ୍ୟ କୌଣସି ଧର୍ମପ୍ରଚାରକ ନଥିଲେ, ତାଙ୍କ ଜନ୍ମର ବହୁବର୍ଷ ପୂର୍ବରୁ ଓଡିଶାରେ ବୈଷ୍ଣବଧର୍ମ ଥିଲା । କେବଳ କିଛି ଖ୍ୟାତନାମା ବ୍ୟକ୍ତି ତାଙ୍କର ଶିଷ୍ୟ ହେବା ଫଳରେ ସେ 'ମହାପ୍ରଭୁ' ବୋଲି କୁହାଗଲେ । ଯେଉଁଥିରେ କିଛି ଐତିହାସିକ ସତ୍ୟତା ନାହିଁ । ଏହି ଚୈତନ୍ୟ ମହାପ୍ରଭୁ ତା ୨୭।୪।୧୫୩୩ ମସିହା ଅକ୍ଷୟ ତୃତୀୟା ଦିନ ପ୍ରାତଃ କାଳରେ ଇହଧାମ ତ୍ୟାଗ କରିଥିଲେ, ଯାହା ମାଧବ ପଟ୍ଟନାୟକଙ୍କ 'ବୈଷ୍ଣବ ଲୀଳାମୃତ' ପୁସ୍ତକର ୭୫ ପୃଷ୍ଠାରେ ବର୍ଣ୍ଣିତ ହୋଇଅଛି- ଅକ୍ଷୟ ତୃତୀୟା ପ୍ରବେଶ, ଚନ୍ଦନଯାତ ଅବକାଶ। ବ୍ରାହ୍ମମୁହୂର୍ତ୍ତ ଆସି ହେଲା, ପ୍ରଭୁର ପିଣ୍ଡୁ ପ୍ରାଣ ଗଲା । ଏକା ସେ ଜଗନ୍ନାଥ ଦାସ, ମନ୍ଦିରେ ଅଛି ତାର ପାଶ। 'ବାଲିଯାତ୍ରା'ର ବିଶେଷ ଲୋକପ୍ରିୟତାକୁ ଦେଖି ଚୈତନ୍ୟଙ୍କୁ କେନ୍ଦ୍ର କରି ଲେଖିବା ଗୌଡୀୟ ବୈଷ୍ଣବ ସପକ୍ଷବାଦୀମାନଙ୍କର ଏକ ବିଭ୍ରାନ୍ତି କରି ମତାମତ ବୋଲି କୁହାଯାଇପାରେ । ଦ୍ୱିତୀୟରେ ସୁଦୂର ବଙ୍ଗଳାଦେଶସ୍ଥ ନଦୀଆ ନବଦ୍ୱୀପ ଅନ୍ତର୍ଗତ କୁଳିଆ ଗ୍ରାମରୁ ବିଶ୍ୱମ୍ଭରମିଶ୍ର ବା ୧୫୦୯ ମସିହା ଡିସେମ୍ବର ମାସ ଠାରୁ ସନ୍ନ୍ୟାସୀ କେଶବଭାର ତାଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିବା କୃଷ୍ଣ ଚୈତନ୍ୟ ୧୫୧୦ ମସିହା ଜାନୁୟାରୀ ୧୨ ତାରିଖ ଦିନ ଓଡିଶା- ଗୌଡଦେଶ (ବଙ୍ଗଳା) ସୀମାନ୍ତରେ ଥିବା ପୂଣ୍ୟତୋୟା ଗଙ୍ଗାନଦୀକୁ ଜୟପୁର- ମାଜିଲପୁର ଠାରେ ନୌକା ଦ୍ୱାରା ପାର ହୋଇ ଜଳେଶ୍ୱର, ବ୍ରହ୍ମକୁଣ୍ଡ, ମନ୍ଦାର ଦେଇ ରେମୁଣା ଓ ସେଠାରୁ ଯାଜପୁର, ଧନେଶ୍ୱର, ଗୋପୀନାଥପୁର, ପଦ୍ମପୁର ଦେଇ ଚୌଦ୍ୱାର ଚଷାପଡା ଘାଟରେ ମହାନଦୀ ପାର ହୋଇ କଟକ ବାରବାଟୀରେ ପହଁଚିଥିଲେ। ଯଦି ସେହି ସମୟରେ ଓଡିଶାର ନୌବାଣିଜ୍ୟ ପ୍ରସାରିତ ହେଉଥାଆନ୍ତି, କିମ୍ବା ଚୈତନ୍ୟ ନୌକାରେ କଟକରେ ପହଁଛିଥାଆନ୍ତେ, ତେବେ ଚୈତନ୍ୟଙ୍କୁ କେନ୍ଦ୍ରକରି ଏପରି ମନ୍ତବ୍ୟ ଦେବା ସମୀଚିନ ହୋଇଥାଆନ୍ତା । ଜଣେ ସାଧାରଣ ପରିବ୍ରାଜକ ସନ୍ନ୍ୟାସୀ ଭାବେ ଚୈତନ୍ୟ ପୁରୀରେ ପହଁଚିଥିଲେ, ତେଣୁ ତତ୍କାଳୀନ ବିଶାଳ ଉତ୍କଳ ରାଜ୍ୟର ଗଜପତି ଅଥବା ଓଡିଶାର ଲୋକମାନେ କାହିଁକି ତାଙ୍କୁ ଗୁରୁତ୍ୱ ଦେଇଥିବେ? ପୁଣି ଚୈତନ୍ୟ ବୃନ୍ଦାବନ ଯାତ୍ରା କଲେ ଅକ୍ଟୋବର ୧୫୧୪ ଖ୍ରୀ.ଅ ଯେଉଁ ସମୟରେ ଗଜପତି ଦାକ୍ଷିଣାତ୍ୟର ରାଜା କୃଷ୍ଣଦେବରାୟଙ୍କ ସହିତ ଯୁଦ୍ଧରେ ବ୍ୟସ୍ତ ଥିଲେ । ତେଣୁ ଶ୍ରୀଚୈତନ୍ୟଙ୍କର ତତ୍କାଳ ଓଡିଶା ଉପରେ ବିଶେଷ କିଛି ପ୍ରାଧାନ୍ୟ ନଥିଲା ବରଂ ୧୫୧୬ ଖ୍ରୀ.ଅ ପରେ ଶ୍ରୀକ୍ଷେତ୍ର ଠାରେ ଚୈତନ୍ୟଙ୍କ ଦୀର୍ଘ ୧୭ ବର୍ଷ ରହଣୀ ଧର୍ମାଚାର ଭିତ୍ତିକ ଅନେକ ପ୍ରଭାବ କେବଳ ଶ୍ରୀକ୍ଷେତ୍ରରେ ପକାଇଥିଲା, କିନ୍ତୁ ନୌ- ବାଣିଜ୍ୟ ଇତିହାସ ବା କଟକ ବାଲିଯାତ୍ରା ତାଙ୍କ ସ୍ମୃତିରେ ହେଉଛି କହିବା ପଛରେ କୌଣସି ଐତିହାସିକ ତଥ୍ୟ ମିଳେ ନାହିଁ। ଅଥଚ ପଂଚଦଶ ଶତାବ୍ଦୀରେ ଆଦିକବି ଶାରଳାଦାସଙ୍କ ଦ୍ୱାରା ଲିଖିତ ମହାଭାରତ ଆଦି ପର୍ବରେ କୁହାଯାଇଛି-

'କାର୍ତ୍ତିକ ମାସ ଶୁକଳ ପକ୍ଷ ବୁଧବାର
ଯେ ପୂର୍ଣ୍ଣିମା
ଆ କା ମା ଉଇ ସ୍ନାହାନ ଦିନ
ଗଙ୍ଗାକୁ ଗଲେ କୁନ୍ତ ବୋଜି ସ୍ୱାମୀ ।'



ତେଣୁ ଓଡିଶା ରାଜ୍ୟର ପ୍ରାଚୀନ ରାଜଧାନୀସ୍ଥ ମହାନଦୀ କୂଳରେ ଏହି ଡଙ୍ଗା ଭସାଇବା ପର୍ବ ଚୈତନ୍ୟଙ୍କ ବହୁ ଆଗରୁ ପ୍ରଚଳିତ ହୋଇଅଛି । ଡକ୍ଟର ପି.ସି ମହାନ୍ତି, ନିତିଶ ଅଗ୍ରୱାଲଙ୍କ ମତରେ ଖ୍ରୀ.ପୂ ୮ମ ଶତାବ୍ଦୀ କଳିଙ୍ଗ ରାଜ୍ୟ ଗ୍ରୀସ୍, ରୋମ, ଜାଭା, ସୁମାତ୍ରା, ବର୍ମା ସହିତ ବାଣିଜ୍ୟ କରୁଥିଲା । ପ୍ରଫେସର ଆର.ଡି ବାନାର୍ଜି କହିଛନ୍ତି ଯେ ଖ୍ରୀ.ପୂ ୭୫ ରେ କଳିଙ୍ଗର ହିନ୍ଦୁମାନେ ଜାଭାରେ ଏକ ହିନ୍ଦୁଜନବସତି ସ୍ଥାପନ କରିଥିଲେ। ସେତେବେଳେ ଚୀନ୍ ଦେଶରେ ତାଙ୍ଗ୍ ରାଜବଂଶ (ଖ୍ରୀ.୬୧୮ ରୁ ୯୦୬ ଖ୍ରୀ.ଅ) ରାଜୁତି କରୁଥିଲା ।

ଶେଷରେ ଖ୍ୟାତନାମା ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତ ଅନେକ ତର୍ଜ୍ଜମା ବହୁଳା ତାଙ୍କ ମତରେ ବାଲିଦ୍ୱୀପର ସଂସ୍କୃତ ନାମ ହେଉଛି ବଳୀ। ତେଣୁ ପ୍ରାଚୀନ କାଳରେ ଯଦି ଓଡିଶା ସହିତ ବାଲିଦ୍ୱୀପର ସଂପୃକ୍ତି ଥିଲା । ତେବେ 'କଟକ ବାଲିଯାତ୍ରା'କୁ 'ବଳୀଯାତ୍ରା ନ କହି କାହିଁକି 'ବାଲିଯାତ୍ରା' କୁହାଯାଉଛି- ଏହା ପ୍ରମାଦପୂର୍ଣ୍ଣ ଏବଂ କଟକର କୌଣସି ନୌବାଣିଜ୍ୟ ସଂପର୍କ ବାଲି ବା ବଳୀଦ୍ୱୀପ ସହିତ ନଥିଲା । ଏହି ପରିପ୍ରେକ୍ଷୀରେ ଆମେ ଇତିହାସରୁ ଅବଗତ ହେଉ ଯେ ଆଜକୁ ୨୦୦୦ ବର୍ଷ ତଳେ ବାଲିଦ୍ୱୀପରେ ଅଷ୍ଟ୍ରେଲିଆର କିଛି ଲୋକ ନୌକାରେ ଆସି ଉତ୍ତର ବାଲିରେ ବାସ କରୁଥିଲେ ଓ ଷଷ୍ଠ ଶତାବ୍ଦୀ ବେଳକୁ କୈାଣ୍ଡିନ୍ୟ ନାମ ଜଣେ ଭାରତୀୟ ହିନ୍ଦୁ ସେଠାରେ ପ୍ରଥମେ ରାଜତ୍ୱ କରୁଥିଲେ । ତେବେ ଖ୍ରୀ.ପୂ ଅଷ୍ଟମ ଶତାବ୍ଦୀ ବେଳକୁ କଳିଙ୍ଗ ଅଧିବାସୀମାନେ ବାଲିଦ୍ୱୀପର ପଶ୍ଚିମରେ ଅବସ୍ଥିତ ଜାଭା ଦ୍ୱୀପ ସହିତ ଘୋର ନୌବାଣିଜ୍ୟରେ ବ୍ୟସ୍ତ ଥିଲେ। ଚୀନର ସୁଙ୍ଗ ରାଜବଂଶ ଇତିହାସରୁ ଜଣାପଡେ ଯେ ୪୩୫ ଖ୍ରୀ.ଅରେ ରାଜା ଶ୍ରୀପଦ ଧର୍ମବର୍ମନ ଜାଭା ଦ୍ୱୀପରେ ଶାସନ କରୁଥିଲେ ଓ ତାଙ୍କ ରାଜବଂଶ ତଥ୍ୟରୁ ଜଣାପଡେଯେ ଷଷ୍ଠ ଶତାବ୍ଦୀ ବେଳକୁ ଜାଭାର ରାଜଧାନୀ ନାମ ଥିଲା 'କଳିଙ୍ଗ'। (J.K.H.R.S- 1847 March-P.353).

The Indianized states of South-East of Asia- By Coedes Gerorge (1968) ରେ ଉଲ୍ଲେଖ ଅଛି ଯେ ଖ୍ରୀ.ପୂ ସମୟରୁ କଳିଙ୍ଗରେ ନାବିକମାନେ ବାଲି, ଜାଭା, ସୁମାତ୍ରା, ଚମ୍ପା, କାମ୍ବୋଡିଆ, ଗ୍ରୀସ୍, ପାରସ୍ୟ ସହିତ ନୌବାଣିଜ୍ୟ ଆରମ୍ଭ କରିଥିଲେ। ବାଲିଦ୍ୱୀପରୁ ଆବିଷ୍କୃତ ୯୧୪ ଖ୍ରୀ.ଅରେ ରାଜତ୍ୱ କରୁଥିବା ଶ୍ରୀ କେଶରୀ ବର୍ମାଦେବଙ୍କ ଶିଳାଲେଖରେ 'ବାଲିଦ୍ୱୀପ' ନାମ 'ବାଲି' ବୋଲି ଉଲ୍ଲେଖ ଅଛି। The name of Bali Dipa (Bali Island)jas been discovered from various inscriptions, including that the Blanjong inscription written by Sri Kesari varmadeva in 914 and mentioning "Walidwipa" ତେଣୁ ଇଂରାଜୀ ଶବ୍ଦ ୱାଲି କେବେ ବଳୀକୁ ବୁଝାଉନାହିଁ । ଏସବୁ ବ୍ୟତୀତ ବାଲିଦ୍ୱୀପର ଭୌଗୋଳିକ ସ୍ଥିତିକୁ ନେଇ ବିଚାର କଲେ ଦେଖାଯାଏ ଯେ ବାଲିଦ୍ୱୀପର ଦକ୍ଷିଣଦିଗ ବେଳାଭୂମିରେ ଥିବା ବାଲିର ରଙ୍ଗ ସଫା ଚକ୍‌ଚକ୍ ଧଳା ଓ ଉତ୍ତର ଏବଂ ପଶ୍ଚିମ ସାମୁଦ୍ରିକ ଅଂଚଳ କଳାବାଲିରେ ପରିପୂର୍ଣ୍ଣ। ହୁଏତ ଏହି ବାଲିର ବିଭିନ୍ନ ରଙ୍ଗକୁ ନେଇ ଓଡିଶା ଲୋକ ଏହାକୁ 'ବାଲି' ଦ୍ୱୀପ ବୋଲି କହୁଥିବେ। ତେଣୁ ଇଂରାଜୀ ଶବ୍ଦ ବା ସଂସ୍କୃତ ଶବ୍ଦକୁ ନେଇ 'ବାଲିଯାତ୍ରା' ସଂପର୍କରେ ମତାମତ ଦେବାକୁ ଗଲେ ଇଂରାଜୀ ଶବ୍ଦ Calcutta- କଲିକତା ଶବ୍ଦକୁ ତର୍ଜ୍ଜମା କରିବା ଅଥବା ବିଜୟପତ୍ତନମ୍‌କୁ ବିଶାଖାପାଟଣା ଓ Indiaକୁ ଭାରତ କହିବାର ତାତ୍ପର୍ଯ୍ୟକୁ ନିହାତି ବିଚାର କରିବାର ଅଛି ।

ଦ୍ୱିତୀୟରେ ଏହା ନିଶ୍ଚିତ ଯେ ଓଡିଆ ସୌଦାଗରମାନଙ୍କର ଭାରତ ମହାସାଗର ମଧ୍ୟରେ ବାଣିଜ୍ୟର ମୁଖ୍ୟସ୍ଥଳୀ ଥିଲା ବାଲିଦ୍ୱୀପ, ଆଜି ସେହି ଦ୍ୱୀପର ମୋଟ ୪, ୪୬ ୧୨୬୦ ଅଧିବାସୀମାନଙ୍କ ଭିତରୁ ୮୬.୪୦% ହିନ୍ଦୁ ଜନସଂଖ୍ୟାରୁ ପରିଷ୍କାର ଜଣାପଡିଥାଏ। କାରଣ କରମଣ୍ଡଳ ଉପକୂଳ (ବଙ୍ଗୋପସାଗର ଉପକୂଳ- ବଙ୍ଗରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ)ରେ ଯେତେ ରାଜ୍ୟ ସମ୍ପ୍ରତି ରହିଛି । ତନ୍ମଧ୍ୟରୁ ପ୍ରାଚୀନ ଓଡିଶା (ଗଙ୍ଗା ଠାରୁ ଗୋଦାବରୀ) ବ୍ୟତୀତ କୌଣସି ରାଜ୍ୟ ନୌବାଣିଜ୍ୟରେ ପଟୁତା ହାସଲ କରିନଥିଲା। ସେଥିପାଇଁ ମହର୍ଷି ପତଞ୍ଜଳି କହିଛନ୍ତି କଳିଙ୍ଗାଃ ସାହାସିକାଃ ତେଣୁ ଆଜି କଳା, ସ୍ଥାପତ୍ୟ ଓ ସଂଗୀତ, ନୃତ୍ୟ ଆଦିରେ ସୁନାମ ଅର୍ଜନ କରିଥିବା ଇଣ୍ଡୋନେସିଆ ଦେଶର ବାଲିଦ୍ୱୀପ (ରାଜ୍ୟ)କୁ ପ୍ରାଚୀନ କଳିଙ୍ଗ ସଭ୍ୟତାର ଦାନ ଅତୁଳନୀୟ। ଯାହା ଜଣାଯାଏ ବାଲି ଦ୍ୱୀପରେ ଏହି ହିନ୍ଦୁ ପ୍ରକ୍ରିୟା ପ୍ରାଚୀନ କଳିଙ୍ଗ ଜାତି (ହୋଲିଙ୍ଗ) ମାନଙ୍କ ଦ୍ୱାରା ପ୍ରଥମ ଶତାବ୍ଦରୁ ହିଁ ଆରମ୍ଭ ହୋଇଥିଲା। ଯାହାର ପ୍ରକ୍ରିୟା ଆଜିଯାଏ ବାଲି ଦ୍ୱୀପ ଲୋକଙ୍କ ସଭ୍ୟତାରେ ରହିଅଛି। ଆଜିବି ବାଲିରେ ପ୍ରଚଳିତ ବେଶଭୂଷା, ଆଚାର ବ୍ୟବହାର ପୂଜାପଦ୍ଧତି, ପର୍ବପର୍ବାଣି, ଖାଦ୍ୟାଭ୍ୟାସ, ପାରିବାରିକ ଜୀବନ ଉପରେ ଉତ୍କଳୀୟ ପ୍ରଭାବ ସ୍ପଷ୍ଟ ହୋଇ ଉଠିଥାଏ।

ବାଲିଦ୍ୱୀପରେ ବାସ କରୁଥିବା ହିନ୍ଦୁଧର୍ମ ଲୋକମାନଙ୍କ ମଧ୍ୟରେ ପାଶୁପତ, ଶିବ, ଶକ୍ତି, ବୈଷ୍ଣବ, ବ୍ରାହ୍ମଣ, ଗାଣପତ୍ୟ, ବୌଦ୍ଧ ଆଦି ଗୋଷ୍ଠୀର ଲୋକେ ଅଛନ୍ତି । ଏଠିକାର ଲୋକେ ତାଙ୍କ ଧର୍ମକୁ 'ଆଗମ ହିନ୍ଦୁଧର୍ମ' ବୋଲି କହନ୍ତି। ବାଲିଦ୍ୱୀପରେ ମହାଲକ୍ଷ୍ମୀଙ୍କୁ 'ଶ୍ରୀଦେବୀ' ବୋଲି କହନ୍ତି ଓ ଗୁରୁବାର ଦିନ ଧାନକେଣ୍ଡା ଦ୍ୱାରା ତାଙ୍କୁ ଆରାଧନା କରିଥାଆନ୍ତି । ବାଲିଦ୍ୱୀପ ପ୍ରାୟ ୨୦, ୦୦୦ ଉର୍ଦ୍ଧ୍ୱ ବିଭିନ୍ନ ମନ୍ଦିର ରହିଛି । ବାଲିର ଲୋକମାନେ ମନ୍ଦିରକୁ 'ପୁର' ବୋଲି କହନ୍ତି । ବାଲିଦ୍ୱୀପରେ ଶିବ ହେଉଛନ୍ତି ସବୁଠାରୁ ବଡଦେବତା ଓ ତାଙ୍କୁ ଜଗନ୍ନାଥ ଭାବେ ଲୋକେ ଆରାଧନା କରନ୍ତି। ଶିବଙ୍କୁ ବୁଦ୍ଧଙ୍କର ଜ୍ୟେଷ୍ଠ ଭ୍ରାତା ଭାବରେ ଚିତ୍ରଣ କରାଯାଇଥାଏ। ବାଲିରେ ପୂଜାର୍ଚ୍ଚନାରେ ଚାରିଜଣ ପୁରୋହିତ ଶୈବ ଓ ଜଣେ ବୌଦ୍ଧପୂଜକ ରୁହନ୍ତି । ସେମାନେ ମନ୍ତ୍ର ଉଚ୍ଚାରଣ ବେଳେ କହନ୍ତି- ଓଁ କ୍ଷମସ୍ୱମାନ ଶିବଦେବ, ଜଗନ୍ନାଥ ହିତକରଂ ଓ କ୍ଷମସ୍ୟ ମଂ ଜଗନ୍ନାଥ ସର୍ବପାପ ବିନାଶନମ୍ ସର୍ବକାର୍ଯ୍ୟ ପ୍ରାଣଦେବମ୍, ପ୍ରାଣାମାମି ସୁରେସୁରମ୍ । ଏଠାରେ ଶ୍ରୀ ଜଗନ୍ନାଥଙ୍କୁ ଆଦିବୁଦ୍ଧି ବୋଲି କୁହାଯାଇଥାଏ । ସେହିପରି କୌଣସି ପ୍ରତିଷ୍ଠାଦି କର୍ମ କଲା ସମୟରେ ବାଲିର ପୁରୋହିତମାନେ ଓଁ ଗଙ୍ଗା, ସିନ୍ଧୁ, ସରସ୍ୱତୀ, ବିପାଶା, କୌଶିକ, ଯମୁନା, ମହାନଦୀ ଶ୍ରେଷ୍ଠ ସର୍ଜ୍ୟୁ ମହତି, ବୋଲି ଶ୍ଳୋକ ପାଠ କରିଥାଆନ୍ତି । ବାଲିଦ୍ୱୀପରେ ଓଡିଶାପରି ପୂଜକଙ୍କୁ 'ପଣ୍ଡା' ବୋଲି ନ କହି 'ପାଦାଣ୍ଡା' ବୋଲି କୁହନ୍ତି । ଏହି ଦ୍ୱୀପରେ କାଳୀ, ଦୁର୍ଗା, ଚାମୁଣ୍ଡା, ଓ ଭୈରବୀ ଆଦିଙ୍କୁ ଲୋକେ ପୂଜା କରନ୍ତି। ଏଠାରେ 'ଓଡାଲନ୍ ସରସ୍ୱତୀ ପୂଜା' ଓ 'ପାଠୋରୱେସି' ନାମରେ ଦୁର୍ଗାପୂଜା ଓ ତିନି କାଷ୍ଠ ବିଗ୍ରହକୁ ନେଇ ରଥଯାତ୍ରା ମଧ୍ୟ ଅନୁଷ୍ଠିତ ହୁଏ । ପୂଜାର୍ଚ୍ଚନାରେ ବାଲିବାସୀ ଓଡିଶାପରି ମହୁ, ଗୋଘୃତ, କୁଶ ତିଳ ଆଦି ବ୍ୟବହାର କରନ୍ତି ।

ସେହିପରି ଭାଷା ପ୍ରୟୋଗରେ ବାଲିବାସୀ 'ବୋଉ'କୁ 'ବୁ' ବା 'ବାଇ', 'ଗୁଆ'କୁ 'ବୁଆ' ଚିନାବାଦାମକୁ 'ଚୀନା' ଅରୁଆ ଚାଉଳକୁ ଅରୁଆ ଓ ପେଜକୁ ମଧ 'ପେଜ' ବୋଲି କହନ୍ତି। ଏମାନେ ଓଡିଆଙ୍କ ପରି ସଜନା ଶାଗ, କଖାରୁ, ମଞ୍ଜା, କଦଳୀଭଣ୍ଡା ଆଦି ତରକାରୀ କରି ଖାଇଥାନ୍ତି। ପିଠାପଣା ମଧ୍ୟରେ 'ଏଣ୍ଡୁରୀ ପିଠା' ଓ 'ମଣ୍ଡା ପିଠାର' ବିଶେଷ ଆଦର ବାଲି ଲୋକମାନେ କରିଥାଆନ୍ତି ।

ଏଠାକାର ଅଧିବାସୀମାନେ ଓଡିଶାର ଚିତ୍ରିତ ଶାଢି ପରି ଶାଢି ଗୁଡିକୁ ଆଦର କରିଥାଆନ୍ତି। ଝିଅ ଓ ବୋହୂମାନେ କେଶବିନ୍ୟାସ କରି ମୁଣ୍ଡରେ ଖୋସା ବାନ୍ଧନ୍ତି । ବିଶେଷକରି ବାଲିଦ୍ୱୀପର ନାରୀମାନେ ଆମ ରାଜ୍ୟ ସମ୍ବଲପୁରୀ ଶାଢି ପରି 'ପଟୋଳୀ ଇକତ' ନାମକ ଏକ ଶାଢିକୁ ବିଶେଷ ପସନ୍ଦ କରିଥାଆନ୍ତି। ବିବାହ ଉତ୍ସବରେ ବରକନ୍ୟା ଓଡିଶା ଲୋକଙ୍କ ପରି ପୋଷାକ ପରିଧାନ କରି ବର ମୁଣ୍ଡରେ ପଗଡି ବାନ୍ଧି ଥାଆନ୍ତି । ଏମାନେ ଶିଳ୍ପକଳାରେ ନିର୍ମିତ ଅଳଙ୍କାର ମଧ ବ୍ୟବହାର କରନ୍ତି। ବାଲିର ଲୋକମାନେ କୌଣସି ସଭା ବା ଲୋକମ ଗହଳି ସ୍ଥାନରେ ବସିଥିବାବେଳେ ଉଠି ଗୁରୁଜନଙ୍କ ପାଖରେ ଗଲାବେଳେ ହାତ ତଳକୁ ରଖି ନଇଁ ନଇଁ ଚାଲିଯାଆନ୍ତି। କାହା ଦେହରେ ଗୋଡ ବାଜିଲେ ନମସ୍କାର ହୁଅନ୍ତି ।

ନୃତ୍ୟକଳାରେ ଭାରତୀୟ ପୁରାଣକଥାକୁ ବାଲିଦ୍ୱୀପରେ ନାଟକ, ନାଟିକା ଓ ନୃତ୍ୟ ପର୍ଯ୍ୟାୟରେ ଅଭିନୟ ଏବଂ ଗାୟନ କରାଯାଇଥାଏ। ସେଠାରେ ଅନୁଷ୍ଠିତ 'ରୁମବୁଙ୍ଗ' ନୃତ୍ୟ ଶୈଳୀର ଗଭୀର ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ଓଡିଶାର ଓଡିଶୀ ନୃତ୍ୟ ଓ ପୂର୍ବ ଭାରତୀୟ ନୃତ୍ୟକଳା ସହିତ। ସେଠାକାର କେକକ ଓ ବାରୋଙ୍ଗ ନୃତ୍ୟ ଓଡିଶାର ବାନର ନୃତ୍ୟ ଓ ବ୍ୟଘ୍ରନୃତ୍ୟ ସହିତ ସମାନ କହିବା ଠିକ୍ ହେବ। ସେହିପରି ବାଲିରେ ନିର୍ମିତ ମନ୍ଦିର ଗୁଡିକରେ ଅଙ୍କିତ ପ୍ରସ୍ତର ସ୍ଥାପତ୍ୟ ସହିତ ଭୁବନେଶ୍ୱରସ୍ଥିତ ରାଜାରାଣୀ ମନ୍ଦିର ଓ ବୈତାଳ ମନ୍ଦିର ଗାତ୍ରରେ ଅଙ୍କିତ କାରୁକାର୍ଯ୍ୟ ସହିତ ନିବିଡ ସମ୍ପର୍କ ରହିଅଛି। ଉଦୟଗିରିର ଗୁମ୍ଫା, ରତ୍ନଗିରିର ସୂକ୍ଷ୍ମ ଚିତ୍ରକଳାର ନିଦର୍ଶନ ବାଲି ମନ୍ଦିରଗୁଡିକରେ ଦେଖିବାକୁ ମିଳିଥାଏ। ଅଧିକନ୍ତୁ ବାଲିବାସୀ ମଧ ଓଡିଶା ପରି ନୌବାଣିଜ୍ୟ ସ୍ମରଣ କରିବା ପାଇଁ 'କେପେସିହ' ଉତ୍ସବ ପାଳନ କରିବା ଅବସରରେ ଛୋଟ ଛୋଟ ଡଙ୍ଗା ତିଆରି କରି, ତହିଁରେ ମହମବତୀ ଜଳାଇ ପାଣି ଭସାଇ ଥାଆନ୍ତି। ଏହି ଉତ୍ସବରେ ସେମାନେ ନିଜର ପୂର୍ବପୁରୁଷ କଳିଙ୍ଗ ଦେଶକୁ ଡଙ୍ଗାଯାତ୍ରା କଲା ବୋଲି ପିଲାମାନଙ୍କୁ ସୂଚାଇ ଅଭିନୟ କରିଥାଆନ୍ତି ।

ଏସବୁ ହେଉଛି ବାଲିଦ୍ୱୀପ ସହିତ ଉତ୍କଳବାସୀଙ୍କର ନୌବାଣିଜ୍ୟ ସମ୍ପର୍କର ଘନିଷ୍ଠ ଚାକ୍ଷ୍ୟୁସ ପ୍ରମାଣ। ସେଥିପାଇଁ କେଉଁ ଅଜ୍ଞାତ କାଳରୁ କଟକ ଗଡଗଡିଆ ଘାଟରେ ବାଲିଦ୍ୱୀପ ନୌଯାତ୍ରା ଓ ନୌବାଣିଜ୍ୟକୁ ସ୍ମରଣ କରିବା ପାଇଁ ମହାଆଡମ୍ବରରେ ପାଳିତ ହେଉଛି ଐତିହାସିକ ବାଲିଯାତ୍ରା। ବାସ୍ତବରେ ଏହା ହେଉଛି ବାଲିଦ୍ୱୀପ ସହିତ ନୌବାଣିଜ୍ୟର ସ୍ମୃତି ସନ୍ତକ, ଏଥିରେ ଦ୍ୱିଧା ପ୍ରକାଶ କରିବା ବା ଦ୍ୱିମତ ହେବାରେ ପ୍ରଶ୍ନ ଉଠୁଛି କେଉଁଠୁ...?

*ଇଚ୍ଛାପୁର, ଶ୍ରୀବଳଦେବଜୀଉ*
*କେନ୍ଦ୍ରାପଡା,*
*ମୋ.-୭୮୭୩୯୮୩୯୧୧*

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୮ ନଭେମ୍ବର ୨୦୨୫ । ଶନିବାର

# ବିଭିନ୍ନ ସ୍ଥାନରେ 'ବନ୍ଦେ ମାତରମ୍' ଉତ୍ସବ



**କବିସୂର୍ଯ୍ୟନଗର:୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଡ଼ଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ଶ୍ରେଣୀ ପ୍ରକୋଷ୍ଠରେ ଶୁକ୍ରବାର ଦିନ ବନ୍ଦେ ମାତରମ୍ ଉତ୍ସବ ଉଦ୍ଯାପିତ ହୋଇଯାଇଛି । ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଡଃ.ଅବନୀ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଏହି ଅନୁଷ୍ଠାନର ଦର୍ଶନ ବିଭାଗର ବରିଷ୍ଠ ଅଧାପକ ହେମନ୍ତ କୁମାର ଗନ୍ତାୟତ ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ । ଅଧାପକ ଗନ୍ତାୟତ ବକ୍ତବ୍ୟ ଦେଇ କହିଥିଲେ ଯେ ବନ୍ଦେ ମାତରମ୍ ଏକ ରାଷ୍ଟ୍ର ଭକ୍ତି କବିତା, ଯାହାକି ବଙ୍କିମ ଚ଼ନ୍ଦ୍ର ଚ଼ଟୋପାଧ୍ୟାୟଙ୍କ ଦ୍ୱାରା ୧୮୮୨ ମସିହାରେ ଆନନ୍ଦ ମଠ ଉପନ୍ୟାସରେ ଲେଖାଯାଇଥିଲା । ଏହି କବିତାଟି ଉଭୟ ସଂସ୍କୃତ ଓ ବଙ୍ଗଳା ଭାଷାର ମିଶ୍ରଣରେ ରଚ଼ନା ହେବା ସହ ମା' ଦୁର୍ଗାଙ୍କୁ ଭାରତ ମା'ତାଙ୍କ ଅବତାର ସହିତ ତୁଳନା କରି ତା'ଙ୍କୁ ବନ୍ଦନା କରାଯାଇଛି । ପୁନର୍ବାର ଇତିହାସକୁ ମନେ ପକାଇବାକୁ ଅଧାପକ ଗନ୍ତାୟତ କହିଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏହି କବିତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ବହନ କରିଥିଲା । ବନ୍ଦେ ମାତରମ୍ କବିତାଟିକୁ ପ୍ରଥମ ଥର ପାଇଁ ରବୀନ୍ଦ୍ରନାଥ ଠାକୁର ୧୮୯୬ରେ କଂଗ୍ରେସ ଅଧିବେସନରେ ଆବୃତ୍ତି କରିଥିଲେ ଏବଂ ୧୯୫୦ରେ ସରକାରୀ ଭାବରେ ଭାରତ ଗଣରାଜ୍ୟର ରାଷ୍ଟ୍ର ଗାନ ମର୍ଯ୍ୟାଦା ପାଇଥିଲା ବୋଲି ଉପସ୍ଥିତ ଥିବା ସମସ୍ତ ଅଧାପକ, ଅଧାପିକା, କର୍ମଚ଼ାରୀ, ଛାତ୍ର ଓ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଏ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅଧାପକ ନରସିଂହ ପାଢ଼ୀ, ଚ଼ିତ୍ତରଞ୍ଜନ ମିଶ୍ର, ଗ୍ରନ୍ଥାଗାରିକା ସୁଇଟି ସ୍ୱାଇଁ, କିରାଣୀ ଧରିତ୍ରୀ ପ୍ରଧାନ, କର୍ମଚ଼ାରୀ ସୀତାପତି ମହାରଣା, ବାବୁଲା ମଣ୍ଡଳ ତଥା ଛାତ୍ରଛାତ୍ରୀମାନେ ଯୋଗଦାନ କରି ବନ୍ଦେ ମାତରମ୍ ବିଷୟରେ ଭାଷଣ ଦେଉଥିଲେ । ଅଧାପିକା ଡ଼ଃ.ସୌଭାଗ୍ୟ ମଞ୍ଜରୀ ନାଥ ସଭା ସଞ୍ଚାଳନ କରିଥିବା ବେଳେ ଅଧାପକ ପ୍ରଭାତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ସାମୁହିକ ଭାବରେ ବନ୍ଦେ ମାତରମ୍‌କୁ ସ୍ୱସ୍ୱରରେ ଗାନ କରାଯାଇଥିଲା ।

**ଘୁ.ଉଦୟଗିରି:** ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟରେ ରାଷ୍ଟ୍ର ଆରାଧନା ଓ ଦେଶ ପ୍ରୀତିର ଐକ୍ୟତାନ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ 'ବନ୍ଦେ ମାତରମ୍' ସଙ୍ଗୀତ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଅଧକ୍ଷ ତପନ ଚ଼ନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧାପକ ଅଧାପିକାଙ୍କ ସମେତ ସମସ୍ତ କର୍ମଚ଼ାରୀ ଯୋଗଦାନ କରିଥିଲେ ।

**କେନ୍ଦୁଝର:** ରାଷ୍ଟ୍ରଗାନ ବନ୍ଦେ ମାତରମ୍ ର ୧୫୦ ପୂର୍ତ୍ତୀ ଉପଲକ୍ଷେ ବିଜେପି କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟ ଠାରେ ଶତାଧିକ ଦେଶପ୍ରେମୀ ସାମୁହିକ ଭାବେ ସମ୍ପୂର୍ଣ୍ଣ ବନ୍ଦେମାତରମ୍ ଗାନ କରିଥିଲେ । ରାଷ୍ଟ୍ରଗାନ ବନ୍ଦେ ମାତରମ୍ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି କେନ୍ଦୁଝର ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଉପସ୍ଥିତ ରହି ରାଷ୍ଟ୍ରଗାନ ବନ୍ଦେ ମାତରମ୍‌ର ବିଶେଷତ୍ୱ ସମ୍ପର୍କରେ



ଉଦବୋଧନ ଦେଇ କହିଥିଲେ ରାଷ୍ଟ୍ରକୁ ଏହି ସଂଗୀତ ଏକତାର ସୂତ୍ରରେ ଏକତ୍ରିତ କରିରଖିବା ସହିତ ଦେଶପ୍ରୀତି ଭବ ଜାଗ୍ରତ କରିଥାଏ । ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ମଞ୍ଚ ପରିଚ଼ାଳନା କରିଥିବାବେଳେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମର କେନ୍ଦୁଝର ଜିଲ୍ଲା ସଂଯୋଜକ ବ୍ରଜକିଶୋର ରାୟ, ରାଜ୍ୟ ସମ୍ପାଦିକା ମମତା ସିଂ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ଜିଲ୍ଲା ଉପସଭାପତି ଦେବପ୍ରସାଦ ମିଶ୍ର, ସଦର ନିର୍ବାଚ଼ନ ମଣ୍ଡଳୀ ସଂଯୋଜକ ବିବେକାନନ୍ଦ ମାହାନ୍ତ, କେନ୍ଦୁଝର ନଗର ସଭାପତି ଅସିତନନ୍ଦନ ମହାନ୍ତି, ଯୁବନେତା ଭାରତଭୂଷଣ କୁଅଁର ପ୍ରମୁଖ ମଞ୍ଚାସିନ ଥିଲେ । ଶେଷରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମର କେନ୍ଦୁଝର ଜିଲ୍ଲା ସଂଯୋଜକ ବ୍ରଜକିଶୋର ରାୟ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ ।

ସେହିପରି ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରଠାରେ ଶୁକ୍ରବାର ମହାବିଦ୍ୟାଳୟ ସଭା ଗୃହରେ ବନ୍ଦେ ମାତରମ୍ ଗୀତର ୧୫୦ ବର୍ଷ ପୂର୍ତ୍ତିର ପାଳନ କରାଯାଇଥିଲା । ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଲଳିତ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବା ସହ ପିଲାମାନଙ୍କୁ ଜାତୀୟ ଗୀତର ମାହାତ୍ମ୍ୟ ବିଷୟରେ ଅବଗତ କରିଥିଲେ । ଏହାକୁ ଭିତି କରି ସଂଯୋଜକ ପ୍ରଫେସର ଡକ୍ଟର ନିବେଦିତା ଦାସ ଜାତୀୟ ଗୀତ ଆମ ଦେଶର ଏକତା, ଭକ୍ତି ଓ ଦେଶ ପ୍ରେମର ପ୍ରତୀକ ବୋଲି କହିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ, ଅଧାପକ ଅଧାପିକା, ଅଣଶିକ୍ଷକ କର୍ମଚ଼ରୀ ଓ ଛାତ୍ରୀଗଣ ସାମୁହିକ ଭାବରେ ବନ୍ଦେ ମାତରମ୍ ଗୀତ ଗାନ କରିଥିଲେ । ବନ୍ଦେ ମାତରମ୍‌ର ୧୫୦ ବର୍ଷ ପାଳନ ଉପଲକ୍ଷେ ମହାବିଦ୍ୟାଳୟରେ ରଚନା, ସାଧାରଣ ଜ୍ଞାନ, କବିତା ଲିଖନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜନ ହୋଇଥିଲା ।

ସେହିପରି ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରରେ ସ୍କାଉଟ ଓ ଗାଇଡ଼ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଲଳିତ ରଞ୍ଜନ ସାହୁ ପତାକା ଉତ୍ତୋଳନ କରିବା ସହ ଏହି ଦିବସର ଆରମ୍ଭ ଓ ଲକ୍ଷ୍ୟ ବିଷୟରେ ଅବଗତ କରାଇଥିଲେ । ପ୍ରଫେସର ଡ଼କ୍ଟର ଚିତ୍ତରଂଜନ ସାହୁ ଭାରତର ସ୍କାଉଟ ଓ ଗାଇଡ଼ର ଏକତା, ଶିଷ୍ଟତା ଓ ଏହାର ମୌଳିକ ବାର୍ତ୍ତା ପ୍ରଦାନ କରିଥିଲେ । ପ୍ରଫେସର ଡ଼କ୍ଟର ବିଷ୍ଣୁ ଚରଣ ଦାଶ ନିଜ ମାତୃଭୂମିର ସେବା କରିବା ପାଇଁ ଛାତ୍ରୀମାନଙ୍କୁ ପ୍ରବର୍ତ୍ତାଇଥିଲେ । ରେଞ୍ଜର ଲିଡର ସନ୍ଧ୍ୟାରାଣୀ ଶଙ୍ଖୁଆଳ ଏହି ଅବସରରେ ପରିଚ଼ଳନା କରିବା ସହ ଏହାର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ । ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ପଦଯାତ୍ରା, ଚିତ୍ରାଙ୍କନ ପ୍ରତିଯୋଗିତା ପାଇଁ ଉପହାର ବଣ୍ଟନ ଓ ନୃତ୍ୟ ପରିବେଷଣ ହୋଇଥିଲା । ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ଅଣଶିକ୍ଷକ କର୍ମଚ଼ରୀ ତଥା ଛାତ୍ରୀମାନେ ଉପସ୍ଥିତ ରହି ନୂଆ ଅନୁଭୂତି ସାଉଣ୍ଟିବା ସହ ଦିନଟିକୁ ସାଫଲ୍ୟ ମଣ୍ଡିତ କରିଛନ୍ତି ।

# ମନମାନୀରେ ଚାଲିଛି ଝାଡେଶ୍ୱରପୁର ଅଙ୍ଗନୱାଡି କେନ୍ଦ୍ର: ୯ଟା ୧୫ ପର୍ଯ୍ୟନ୍ତ ଝୁଲୁଛି ତାଲା

**ମାହାଙ୍ଗା:୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ସରକାରଙ୍କ ପକ୍ଷରୁ କୁନି କୁନି ପିଲାମାନଙ୍କ ପାଠ ପଢାଇବା ନିମନ୍ତେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଅଛି । ଏହି ପିଲାମାନଙ୍କୁ ଗୀତ, ନାଚ ଓ ଖେଳନା ମାଧ୍ୟମରେ ପଢା ଯାଇଥାଏ । କିନ୍ତୁ କେତେକ କେନ୍ଦ୍ରମାନଙ୍କରେ ନିଯୁକ୍ତ ଅଙ୍ଗନୱାଡ଼ୀ କର୍ମୀ ଓ ସହାୟିକା ସଠିକ୍ ସମୟରେ ଦେଖା ମିଳୁନାହାନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ହଳଦିଆ ପଞ୍ଚାୟତ ଝାଡେଶ୍ୱରପୁର ଅଙ୍ଗନୱାଡି କେନ୍ଦ୍ରରେ । ସରକାରଙ୍କ ନିୟମ ଅନୁଯାୟୀ କେନ୍ଦ୍ରଗୁଡିକ ସକାଳ ୯ଟାରେ ଖୋଲିବା ସହ ଅପରାହ୍ନ ୧ଟା ସମୟରେ ବନ୍ଦ ହୋଇଥାଏ । କିନ୍ତୁ ଏହି କେନ୍ଦ୍ରରେ ନିଯୁକ୍ତ ଅଙ୍ଗନୱାଡି କର୍ମୀ ଶଶିକଳା ମିଶ୍ର ଓ ସହାୟିକା ୯ଟା ୧୫ ପର୍ଯ୍ୟନ୍ତ କେନ୍ଦ୍ରକୁ ଆସିନଥିଲେ ଯାହା ଫଳରେ ୯ଟା ୧୫ ପର୍ଯ୍ୟନ୍ତ କେନ୍ଦ୍ରରେ ତାଲା ଝୁଲିଥିବା ଦେଖିବାକୁ ମିଳିଛି । ଯାହାକି ସରକାରଙ୍କ ନିୟମକୁ ଉଭୟ ଫୁ କରିଦେଇଛନ୍ତି । ସେହିପରି ପିଲାମାନଙ୍କ ପାଠପଢା ଓ କିପରି ଖାଦ୍ୟ ଖାଇବାକୁ ଦେଉଥିବେ ତଦନ୍ତ କଲେ ଜଣାପଡିବ । ଏ ନେଇ କେନ୍ଦ୍ର ଦାୟିତ୍ୱରେ ଥିବା ସୁପରଭାଇଜର କଲ୍ୟାଣୀ ପତିଙ୍କୁ ଯୋଗାଯୋଗ କରିବାରୁ ସରକାରଙ୍କ ନିୟମ ଅନୁଯାୟୀ ସକାଳ ୯ଟାରୁ ୧ଟା ପର୍ଯ୍ୟନ୍ତ କେନ୍ଦ୍ର ଖୋଲା ରହିବ । କେନ୍ଦ୍ରରେ କୌଣସି କର୍ମଚାରୀ ଛୁଟି ନେଇ ନାହାନ୍ତି । ଏ ନେଇ ମୁଁ ମୋ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବି । ସେହିପରି ଏ ସଂପର୍କରେ ସିଡିପିଓ ଗରୁବାରୀ ସିଂହଙ୍କୁ ଯୋଗାଯୋଗ କରିବାରୁ ଯଦି କୌଣସି ଅଙ୍ଗନୱାଡୀ କର୍ମୀ କିମ୍ବା ସହାୟିକା କାର୍ଯ୍ୟରେ ଅବହେଳା କରିଛନ୍ତି । ଏ ନେଇ ମୁଁ ମୋ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବି । ତଦନ୍ତ ପରେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

# 'ମିଶନ ପାୱାର' ପାଇଁ ବଡ ପ୍ରସ୍ତୁତି

**କଳିଙ୍ଗନଗର:୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗ୍ରାମ୍ୟ ଅଞ୍ଚଳର ସମଗ୍ର ଉନ୍ନତିକୁ ମୁଖ୍ୟ ଲକ୍ଷ୍ୟ କରି ରାଜ୍ୟ ସରକାର 'ମିଶନ ପାୱାର' ଆରମ୍ଭ କରିଛି । ୨୦୨୭ ଡିସେମ୍ବର ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍, ପାଣି ଓ ରାସ୍ତା ସଂଯୋଗ ପହଞ୍ଚାଇବା ଏହାର ସରକାରଙ୍କ ମୁଖ୍ୟ ଟାର୍ଗେଟ । ଏହି ଅଭିଯାନକୁ ରାଜ୍ୟ ସରକାର 'ଡେଡଲାଇନ୍ ନୁହେଁ, ଏବେ ସିଧା ଟାଇମଲାଇନ୍' ଭାବରେ ଆଗେଇ ନେଉଛନ୍ତି । ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ନଭେମ୍ବର ସୁଦ୍ଧା ଅପହଞ୍ଚ ଅଞ୍ଚଳର ସ୍ଥିତି ରିପୋର୍ଟ ଦେବେ । ଏହି ତଥ୍ୟ ଆଧାରରେ ବ୍ଲକ୍ ଓ ପଞ୍ଚାୟତ ଭିତ୍ତିକ କାର୍ଯ୍ୟ ଯୋଜନା ତିଆରି ହେବ । ଯାଜପୁର ଜିଲ୍ଲାର ଦାନଗଦି ବ୍ଲକ ଏହି ମିଶନରେ ମୁଖ୍ୟ ଗୁରୁତ୍ୱ ପାଇଛି । ଏଠାରେ ଅନେକ ଗାଁ ଆଜିବି ପ୍ରାଥମିକ ସୁବିଧା ଠାରୁ ବଞ୍ଚିତ ପ୍ରାୟ ୨୫% ଗାଁରେ ନିୟମିତ ବିଦ୍ୟୁତ୍ ଯୋଗାଣ ନାହିଁ । ଅନେକ ଗାଁରେ ପାନୀୟ ଜଳ ପାଇଁ ଦିନେ କିଲୋମିଟର ଯିବାକୁ ପଡ଼େ । ରାସ୍ତା ଅଭାବରୁ ଆମ୍ବୁଲାନ୍ସ ଓ ଶିକ୍ଷା ସୁବିଧା ଅସୁବିଧାରେ ରହିଛି । ସରକାରୀ ତଥ୍ୟ ଅନୁସାରେ, ଦାନଗଦି ବ୍ଲକର ୨୩ ପଞ୍ଚାୟତ ମଧ୍ୟରୁ ଅନେକକୁ 'ଅପହଞ୍ଚ ଅଞ୍ଚଳ' ଭାବେ ଚ଼ିହ୍ନଟ କରାଯାଇଛି । ସେଠାରେ ମୌଳିକ ଅଧିକାର ଭଳି ବିଦ୍ୟୁତ୍, ଜଳ ଓ ରାସ୍ତା ଆଜିବି ସ୍ୱପ୍ନ ହୋଇ ରହିଛି । 'ମିଶନ ପାୱାର' ଅନୁସାରେ ପ୍ରତ୍ୟେକ ବ୍ଲକ୍‌ରେ ଏକ ବିଶେଷ ଟିମ୍ ଗଠିତ ହେବ । ଏହି ଟିମ୍ ନିକଟରୁ ନିରୀକ୍ଷଣ କରି ସପ୍ତାହିକ ରିପୋର୍ଟ ଦେବ । ସରକାର ଆସନ୍ତା ଦୁଇ ଆର୍ଥିକ ବର୍ଷରେ ବିଶେଷ ଅନୁଦାନ ଦେବାକୁ ଯୋଜନା କରିଛି । ଏହି ଯୋଜନାକୁ 'ମିଶନ ମୋଡ୍‌ରେ' କାର୍ଯ୍ୟକାରୀ କରିବା ପାଇଁ ଅନୁଭବୀ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଏହି ମିଶନ ନେଇ ଭଲ ଆଶା ଓ ଉତ୍ସାହ ଦେଖାଯାଉଛି । ଦୀର୍ଘ ଅବହେଳା ପରେ ଏବେ ଗାଁଗୁଡ଼ିକ ଆଲୋକ, ପାଣି ଓ ରାସ୍ତା ଦେଖିବା ଆଶା କରୁଛନ୍ତି । ଏହି ଯୋଜନା ସଫଳ ହେଲେ, ଦାନଗଦି ବ୍ଲକ ଯାଜପୁର ଜିଲ୍ଲାରେ ଗ୍ରାମ୍ୟ ବିକାଶର ମଡେଲ୍ ହେବା ସୁନିଶ୍ଚିତ ସମ୍ଭାବନା ଅଛି ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**କେନ୍ଦ୍ରାପଡ଼ା:୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଶିଶୁ ହସିଲେ ଦେଶ ହସିବ । ଗାଁ ଗହଳିରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ଅନ୍ୱେଷଣ କରିବା ଓ ତାହାକୁ ବିକଶିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଶିଶୁ ମହୋତ୍ସବ ସୁରଭି । ଜିଲ୍ଲାପ୍ରଶାସନ ଓ ଜିଲ୍ଲା ସମଗ୍ର ଶିକ୍ଷାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପବିତ୍ର ମୋହନ ବାରିକ ଅଧକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭସ୍ମିତା ତ୍ରିପାଠୀ, ସ୍ୱାଗତିକା ସ୍ୱାଇଁ ଓ ଦୀପ୍ତି ନାୟକ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ସମସ୍ତ ବ୍ଲକରୁ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ରଚନା, ବକ୍ତୃତା, ଏଲୋକେସନ, ଚିତ୍ରକଳା, ସୃଜନଶୀଳ ଲିଖନ, ସଙ୍ଗୀତ ଓ ନୃତ୍ୟ ଆଦି ସାତଟି ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଉକ୍ତ ସାତଗୋଟି ବିଭାଗର ଜୁନିଅର ଓ ସିନିୟର ବର୍ଗରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ୩୯ଜଣ କୃତୀ ପ୍ରତିଯୋଗୀ ଭୁବନେଶ୍ୱରରେ ଚଳିତ ମାସ ୧୨, ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ସୂଚନା ଯୋଗ୍ୟ ଯେ, ଜିଲ୍ଲାର ୧୧ଟି ପିଏମଶ୍ରୀ ସ୍କୁଲମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ମଡେଲ ପାର୍ଲିଆମେଣ୍ଟ ପିଏମଶ୍ରୀ ଓଡ଼ିଶା-୨୦୨୫ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ରଘୁରାମ ଆର. ଆୟର ଜିଲ୍ଲାସ୍ତରୀୟ ମଡେଲ ପାର୍ଲିଆମେଣ୍ଟ ପିଏମଶ୍ରୀ ଓଡ଼ିଶା- ୨୦୨୫ ପ୍ରତିଯୋଗିତାକୁ ଶୁଭ ଉଦଘାଟନ କରିଥିଲେ । ଏହି ପ୍ରତିଯୋଗିତାରୁ ଚୟନ କରାଯାଇଥିବା ୨ ଜଣ କୃତୀ ପ୍ରତିଯୋଗୀ ୧୨ ଓ ୧୩ ତାରିଖରେ ହେବାକୁଥିବା ରାଜ୍ୟସ୍ତରୀୟ ମଡେଲ ପାର୍ଲିଆମେଣ୍ଟ ପିଏମଶ୍ରୀ ଓଡ଼ିଶା-୨୦୨୫ ପ୍ରତିଯୋଗିତାରେ ଭାଗ ନେବେ । ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ, ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତୀ ମଲ୍ଲିକ, କେନ୍ଦ୍ରାପଡ଼ା ଉପ ଆରକ୍ଷୀ ଅଧିକ୍ଷକ (ଦୁର୍ନୀତି ନିବାରଣ) ଭାଗ୍ୟଲକ୍ଷ୍ମୀ ପୁହାଣ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ରାନ୍ତିକାରୀ ଶିକ୍ଷକ ନେତା ଅବନୀ ବରାଳଙ୍କ ଦ୍ୱାଦଶତମ ସ୍ମୃତିଚାରଣ ସମାରୋହ

**ଭୁବନେଶ୍ୱର:୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କ୍ରାନ୍ତିକାରୀ ସଂଗ୍ରାମୀ ଶିକ୍ଷକ ନେତା ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ସମ୍ପାଦକ ଓ ବିଶ୍ୱ ଶିକ୍ଷକ ସଂଘର ଉପସଭାପତି ପ୍ରଫେସର ଅବନୀ ବରାଳଙ୍କ ଦ୍ୱାଦଶତମ ସ୍ମୃତିଚାରଣ ସମାରୋହ ବୁଦ୍ଧ ମନ୍ଦିର ପରିସରରେ ଶିକ୍ଷକ ମହାସଂଘର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଡ. ଦୁଷ୍ମନ୍ତ କୁମାର ନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ଅବନୀ ବରାଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ବିଶିଷ୍ଟ ହୃଦରୋଗ ଚିକିତ୍ସକ କ୍ୟାପିଟାଲ୍ ହସ୍ପିଟାଲ୍‌ର ହୃଦରୋଗ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ଡା.ପ୍ରଭାତ କୁମାର ଦାସଙ୍କୁ ଅବନୀ ବରାଳ ସେବା ସମ୍ମାନ, ମହେନ୍ଦ୍ର ଆଚାର୍ଯ୍ୟଙ୍କୁ ସାହିତ୍ୟ କଳା ସଂସ୍କୃତି ସମ୍ମାନ, ଅଧାପକ ନୀଳମଣି ସାହୁଙ୍କ ଶିକ୍ଷା ସମ୍ମାନ, ବିଶିଷ୍ଟ ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କୁ ନାଟ୍ୟକଳା ସମ୍ମାନରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ସନ୍ତକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଡ. ଅମୀୟ ମହାନ୍ତିଙ୍କ ସଂଯୋଜନାରେ ଓଡ଼ିଶାର ସାମ୍ପ୍ରତିକ 'ଶିକ୍ଷା ସୁଯୋଗ ଓ ଆହ୍ୱାନ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅଧାପକ ଗୌରାଙ୍ଗ ନନ୍ଦ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ । ରାଜ୍ୟ କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ପ୍ରଶାନ୍ତ ମିଶ୍ର, ସିପିଏମ୍ ନେତା ସନ୍ତୋଷ ଦାସ, ସିପି (ଏମ୍-ଏଲ୍) ନେତା ଯୁଧିଷ୍ଠିର ମହାପାତ୍ର, ଅଖିଳ ଭାରତ ଛାତ୍ର ସଂଗଠନ ନେତ୍ରୀ ସଂଘମିତ୍ରା ଜେନା, ଓଡ଼ିଶା ରାଜ୍ୟ ଶିକ୍ଷକ-କର୍ମଚାରୀ ବିକାଶ ମଞ୍ଚର ସମ୍ପାଦକ ଲୋକନାଥ ରଥ, ଅଖିଳ ଭାରତ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ସଂଘର ଉପସଭାପତି ଡ. ମାନସ ବେହେରା, ଅଖିଳ ଭାରତ ଶିକ୍ଷା ବଞ୍ଚାଅ ସଂଗଠନର ସୁବାଶିଷ ନାୟକ, ଶିକ୍ଷକ ନେତା ତ୍ରିଲୋଚନ ମହାପାତ୍ର ପ୍ରମୁଖ ସ୍ମୃତିଚାରଣ କରିବା ସହିତ ଆଲୋଚନାରେ ଭାଗ ନେଇଥିଲେ । ଅଧାପକ ବୃନ୍ଦାବନ ମହାପାତ୍ର, ଅଧାପକ ଡ. ଦିଲ୍ଲୀପ ମିଶ୍ର ସଭା ପରିଚାଳନା କରିଥିଲେ । ଅଧାପକ ରଂଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଗବାନପୁର ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ

**ମାର୍ଶାଘାଇ:୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ବେରୁହାଁ ପଞ୍ଚାୟତ ଭଗବାନପୁର ଗ୍ରାମର ଶ୍ରୀ ଶ୍ରୀ ଅନନ୍ତେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପାଞ୍ଚଦିନ ଧରି ଅନୁଷ୍ଠିତ ଯଜ୍ଞରେ ପୂର୍ଣ୍ଣମୀ ରାତ୍ରୀରେ ପୂର୍ଣ୍ଣାହୂତି ହୋଇଯାଇଛି । ଗ୍ରାମର ମହିଳା ଓ ପୁରୁଷମାନେ ଚିତ୍ରୋତ୍ପଳା ନଦୀର ତାଳସଙ୍ଗା ମହାଦେବ ମନ୍ଦିର ଘାଟରୁ ୧୦୮ କଳସ ଶୋଭାଯାତ୍ରାରେ ଆଣି ଘଟସ୍ଥାପନ କରିଥିଲେ । ଯଜ୍ଞର ପ୍ରତ୍ୟେକ ଦିନ ସଂଧ୍ୟାରେ ଭଜନ, ଜଣାଣ ଏବଂ ପ୍ରବଚନ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶହଶହ ସଂଖ୍ୟାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ଧିରେନ୍ ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯଜ୍ଞରେ ପ୍ରତାପ ଚନ୍ଦ୍ର ବେହେରା, ପ୍ରକାଶ ନାୟକ, ଅଲେଖ ନାୟକ, ନିଲୁ ନାୟକ ଏବଂ ବଙ୍ଗାଳି ନାୟକ ସମେତ ଗ୍ରାମବାସୀମାନେ ସହଯୋଗ କରିଥିଲେ । ଏହି ଯଜ୍ଞରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ ।

# ଜିଲ୍ଲାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା

**ଭଦ୍ରକ:୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ଭଦ୍ରକ ଗସ୍ତ ସମୟରେ ପ୍ରଥମେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୧୧୭ ଜଣ ବରିଷ୍ଠ ନାଗରିକଙ୍କୁ ୩ଟି ବସ୍‌ରେ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହାପରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ଓ ସରକାରୀ ଯୋଜନା ସଂପର୍କରେ ଏକ ବୈଠକ ଜିଲ୍ଲା ସଦଭାବନା ସଭାଗୃହରେ ଯୋଗଦେଇଥିଲେ । ଏହି ସଭାରେ ଜିଲ୍ଲାପାଳ ଦିଲିପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବଂ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ । ପ୍ରଥମେ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚ଼ନା ହୋଇଥିଲା । ଏଥିରେ ଆରକ୍ଷୀ ଅଧୀକ୍ଷକ ଜିଲ୍ଲାରେ ବିଭିନ୍ନ ପର୍ବ ପର୍ବାଣୀକୁ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିବାର ସୂଚ଼ନା ପ୍ରଦାନ କରିଥିଲେ । ବିଶେଷ କରି ଐତିହାସିକ କାଳୀପୂଜା ଓ ଧାମନଗର ଉର୍ସରେ ହୋଇଥିବା ପ୍ରବଳ ଜନ ସମାଗମକୁ ଅତି ସୁସଂଗଠିତ ଭାବରେ ପରିଚ଼ାଳନା କରାଯାଇଥିଲା । ଯାହା ଫଳରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା । ଏହା ଛଡା ମହିଳାଙ୍କ ଉପରେ ହେଉଥିବା ନିର୍ଯାତନାକୁ ରୋକିବା ପାଇଁ ପ୍ରତ୍ୟେକ ଥାନାରେ ଏକ ମହିଳା ଶକ୍ତି କେନ୍ଦ୍ର କ୍ରିୟାଶିଳ ଅଛି । ମିଶନ ଶକ୍ତି କାଫେ ସମସ୍ତ ବ୍ଲକ ଏବଂ ଜିଲ୍ଲା ମୁଖ୍ୟାଳୟରେ ଅବିଳମ୍ବେ କାର୍ଯ୍ୟାନ୍ୱିତ କରିବା ସହିତ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟରେ ସ୍ଥାପନ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସମସ୍ତ ଅଙ୍ଗନୱାଡିର ନିଜସ୍ୱ ଗୃହ ଉପଲବ୍ଧି କରିବାପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା, ସୁଭଦ୍ରା ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ସଠିକ ତଦନ୍ତ କରି ବାଦ ଦେବା, ଶିଶୁ ସୁରକ୍ଷା ଯୋଜନାରେ ଉଦ୍ଧାର ହେଉଥିବା ଶିଶୁଙ୍କୁ ଶିଶୁ ପରିଚ଼ର୍ଯ୍ୟା ସଂସ୍ଥା ମାଧ୍ୟମରେ ଉପଯୁକ୍ତ ଶିକ୍ଷା ପ୍ରଦାନ ସହିତ ସେମାନଙ୍କୁ ଥଇଥାନ କରିବା ଦିଗରେ ପଦକ୍ଷେପ, ମିଶନ ବାତ୍ସଲ୍ୟ ଓ ଯଶୋଦା ଯୋଜନାକୁ ଠିକଭାବରେ କାର୍ଯ୍ୟକାରୀ କରିବା, ଶିଶୁ ହେଲ୍ପଲାଇନ ନମ୍ବର ୧୯୦୮ ଓ ପୋଲିସ ହେଲ୍ପଲାଇନ ନମ୍ବର ୧୧୨କୁ ବହୁଳଭାବରେ ଜନସମାଗମ ହେଉଥିବା ସ୍ଥାନରେ ଯଥା ବସ ଷ୍ଟାଣ୍ଡ, ରେଲୱେ ଷ୍ଟେସନ, ଅଟୋ ଷ୍ଟାଣ୍ଡ ଇତ୍ୟାଦିରେ ପ୍ରଚ଼ାର ପ୍ରସାର କରିବା, ପର୍ଯ୍ୟଟନ ପ୍ରକଳ୍ପ ଯଥା ଚ଼ାରବାଟିଆରେ ଏକ ପାର୍କ, କାନ୍ତ କବି ଲକ୍ଷ୍ମୀକାନ୍ତ ମେମୋରିଆଲ ପାର୍କ, ବିରଞ୍ଚି ନାରାୟଣ ମନ୍ଦିର, ପାଳିଆବିନ୍ଧାର ଉନ୍ନତିକରଣ, ଗୋହିରାଟିକିରିରେ ଏକ ପାର୍କ, ଲାଇବ୍ରେରୀ, ଇଣ୍ଟରପ୍ରିଟେସନ୍ କେନ୍ଦ୍ର, ବାବା ଆଖଣ୍ଡଳମଣୀ ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ, ମା ଭଦ୍ରକାଳୀଙ୍କ ପୀଠର ଉନ୍ନତିକରଣ, ରକ୍ତତୀର୍ଥ ଇରମର ପାରିପାର୍ଶ୍ୱିକ ଉନ୍ନତିକରଣ, ଜିଲ୍ଲାର ବିଭିନ୍ନ ରାସ୍ତା ପ୍ରକଳ୍ପର ଅଗ୍ରଗତି, ଆରଡି ରାସ୍ତାର ସଂପ୍ରସାରଣ, ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟରେ ଆଇସିୟୁ ସ୍ଥାପନ କରିବା, ଆଦି ବିଭିନ୍ନ କାର୍ଯ୍ୟର କାର୍ଯ୍ୟକାରୀ ଓ ଅଗ୍ରଗତି ଉପରେ ଗୁରୁତ୍ୱ ପ୍ରଦାନ କରି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଯେପରି ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରିବ ସେଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

![AERA emblem]

ଭାରତୀୟ ବିମାନବନ୍ଦର ଅର୍ଥନୈତିକ ନିୟାମକ ପ୍ରାଧିକରଣ

**Airports Economic Regulatory Authority of India (AERA)**

ଭାରତ ସରକାର/Government of India

3rd Floor, Udaan Bhawan, Safdarjung Airport, New Delhi – 110003

Ph.: 011-24695044

**ସର୍ବସାଧାରଣ ବିଜ୍ଞପ୍ତି**

**ଦ୍ୱିତୀୟ ନିୟନ୍ତ୍ରଣ ଅବଧି ନିମନ୍ତେ ସ୍ୱାମୀ ବିବେକାନନ୍ଦ ଅନ୍ତର୍ଜାତିୟ ବିମାନବନ୍ଦର, ରାୟପୁର ପାଇଁ ବିମାନ ସେବା ନିମନ୍ତେ ଶୁଳ୍କ ନିର୍ଦ୍ଧାରଣ ପାଇଁ ହିତାଧିକାରୀଙ୍କ ପରାମର୍ଶ ବୈଠକ (୦୧.୦୪.୨୦୨୫ ରୁ ୩୧.୦୩.୨୦୩୦)**

ଭାରତୀୟ ବିମାନବନ୍ଦର ଅର୍ଥନୈତିକ ନିୟାମକ ପ୍ରାଧିକରଣ (AERA) ଦ୍ୱିତୀୟ ନିୟନ୍ତ୍ରଣ ଅବଧି (01.04.2025 - 31.03.2030) ପାଇଁ ସ୍ୱାମୀ ବିବେକାନନ୍ଦ ଅନ୍ତର୍ଜାତୀୟ ବିମାନବନ୍ଦର, ରାୟପୁର ପାଇଁ ବିମାନ ସେବା ପାଇଁ ଶୁଳ୍କ ନିର୍ଦ୍ଧାରଣ ପାଇଁ ପରାମର୍ଶ ପତ୍ର - ସଂଖ୍ୟା 04/2025-26 30.10.2025 ରେ (ଯାହା AERA ୱେବସାଇଟ୍ URL www.aera.gov.in ରେ ଉପଲବ୍ଧ) ଜାରି କରିଛି ।

AERA ଆଇନ, 2008 ର ଧାରା 13(4) ର ବ୍ୟବସ୍ଥା ଅନୁଯାୟୀ, ପରାମର୍ଶ ପତ୍ରରେ ଥିବା ଶୁଳ୍କ ନିର୍ଣ୍ଣୟ ସମ୍ପର୍କରେ AERA ର ବିଭିନ୍ନ ପ୍ରସ୍ତାବଗୁଡ଼ିକ ହିତାଧିକାରୀଙ୍କ ପରାମର୍ଶ ପାଇଁ ଉପସ୍ଥାପନ କରାଯାଇଛି । ଏହି ସମ୍ପର୍କରେ ହାଇବ୍ରିଡ୍ ମୋଡ୍ (ଭୌତିକ / ଅନଲାଇନ୍) ରେ ଏକ ହିତାଧିକାରୀଙ୍କ ପରାମର୍ଶ ବୈଠକ 14 ନଭେମ୍ବର, 2025 (ଶୁକ୍ରବାର) ଦିନ 2:30 PM ରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି:

ହିତାଧିକାରୀ କୋଠରୀ, 3ୟ ମହଲା, ଉଦୟ ଭବନ,
ସଫଦରଜଙ୍ଗ ବିମାନବନ୍ଦର, ନୂଆଦିଲ୍ଲୀ - 110003 |

ସମସ୍ତ ଅଂଶୀଦାର ଯେପରିକି ଯାତ୍ରୀ/ଯାତ୍ରୀ ସଂଘ, ସାଧାରଣ ଜନତା, ବିମାନବନ୍ଦର ଅପରେଟର, ବିମାନ କମ୍ପାନୀ, ଶିଳ୍ପ ସଂଘ/ସଂସ୍ଥା, କାର୍ଗୋ, ଭୂମି ହସ୍ତାନ୍ତର ଇନ୍ଧନ ଫାର୍ମ ପାଇଁ ସ୍ୱାଧୀନ ସେବା ପ୍ରଦାନକାରୀ ଇତ୍ୟାଦିଙ୍କୁ ଉକ୍ତ ବୈଠକରେ ଯୋଗଦେବାକୁ ଏବଂ ସ୍ୱାମୀ ବିବେକାନନ୍ଦ ଅନ୍ତର୍ଜାତୀୟ ବିମାନବନ୍ଦର, ରାୟପୁରର ଶୁଳ୍କ ପ୍ରସ୍ତାବ ଉପରେ ଉପରୋକ୍ତ ପରାମର୍ଶ ପତ୍ର ଉପରେ ସେମାନଙ୍କର ମୂଲ୍ୟବାନ ପରାମର୍ଶ ପତ୍ର/ମତାମତ ଦେବାକୁ ଅନୁରୋଧ କରାଯାଇଛି ।

ଯୋଗଦାନ କରୁଥିବା ଅଂଶଗ୍ରହଣକାରୀମାନେ ୧୨ ନଭେମ୍ବର, ୨୦୨୫ ସୁଦ୍ଧା AERAକୁ ସେମାନଙ୍କର ନିଶ୍ଚିତକରଣ ଇମେଲ୍ ମାଧ୍ୟମରେ (director- ps@aera.gov.in ଏବଂ satish.kr@aera.gov.in କୁ) ପଠାଇପାରିବେ । ଅଂଶଗ୍ରହଣ ପାଇଁ ଅନଲାଇନ୍ ଲିଙ୍କ୍ AERA ୱେବସାଇଟ୍ (https://aera.gov.in) ରେ "ସମ୍ବାଦ ଏବଂ ଘୋଷଣା" ଟ୍ୟାବ୍ ଅଧୀନରେ ଅଂଶୀଦାରମାନଙ୍କ ବୈଠକ ପୂର୍ବରୁ ସେୟାର କରାଯିବ ।

ସ୍ୱା/-
ସମ୍ପାଦକ,AERA

CBC03112/12/0011/2526

# ବୋଇତ ବନ୍ଦାଣ ଉତ୍ସବର ଦ୍ୱିତୀୟ ରଜନୀ

**ବ୍ରହ୍ମପୁର:୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଗୋପାଳପୁର ବୋଇତ ବନ୍ଦାଣ ମହୋତ୍ସବର ଦ୍ୱିତୀୟ ରଜନୀରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବ ହେଉଛି ଆମର ସଂସ୍କୃତି । ଆମ ସଂସ୍କୃତିକୁ ବଜାଇ ରଖିବା ହେଉଛି ଆମ କର୍ତ୍ତବ୍ୟ । ଭାରତ ବର୍ଷରେ ପ୍ରସିଦ୍ଧ ଲାଭ କରୁଛି ଆମ କଳା ସଂସ୍କୃତି । ବୋଇତ ବନ୍ଦାଣ ଉତ୍ସବର ତାତ୍ପର୍ଯ୍ୟ ବିଷୟରେ କହିଥିଲେ । ଏହି ଉତ୍ସବ ସୁନ୍ଦର ଭାବେ ଆୟୋଜନ କରିଥିବାରୁ ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ପ୍ରଶଂସା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍, ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ୍ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ହୁଳ ହୁଳି ଓ ପୁଚ଼ି ପ୍ରତିଯୋଗିତା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସମ୍ମାନୀତ କରାଯାଇଥିଲା । ବୋଇତ ବନ୍ଦାଣ ପୁସ୍ତକ ଏହି ମଞ୍ଚରେ ଉନ୍ମୋଚ଼ନ ହୋଇଥିଲା ।

ସାନ୍ଧ୍ୟ କାର୍ଯ୍ୟକ୍ରମର ଦ୍ୱିତୀୟ ରଜନୀରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ତେଲୁଗୁ ପାଲା, ଘଟ କଳସୀ ନୃତ୍ୟ, ରଣପା ନାଚ଼, ଓଡ଼ିଶୀ, କୁଚ଼ିପୁଡ଼ି, ବିହୁ, ବାଘ ନାଚ଼ ଆଦି ନୃତ୍ୟ ପରିବେଷଣ ହୋଇଥିଲା । ଓଡ଼ିଆ କଣ୍ଠ ଶିଳ୍ପୀ ସୁଗ୍ୟାନୀ ମହାପାତ୍ର, ଅନୁରାଗ ଦାସ ସଙ୍ଗୀତ ପରିବେଷଣ ଓ ଆରଡିଏକ୍ସ ଡ୍ୟାନସ୍ ଗ୍ରୁପ୍ ନୃତ୍ୟ ପରିବେଷଣ କରିଥିଲେ ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪

ଇପିଏବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍: www.oshb.org

CAD-2205

ବିଜ୍ଞାପନ

ପତ୍ର ସଂଖ୍ୟା: ୨୧୭ ତା: ୯.୧୦.୨୫

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି କପିଳ ପ୍ରସାଦ, ପ୍ରଥମ ପର୍ଯ୍ୟାୟ କମ୍ପୋଜିଟ୍ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଇ.ଡବ୍ଲୁ.ଏସ୍-୧୪୨ (EWS-142)ଟି କୁ (୧) ବନମାଳୀ ସାହୁ, ପି ⁄ ନଟବର ସାହୁ, (୨) ଅଞ୍ଜଳି ସାହୁ, ସ୍ୱା- ⁄ ପ୍ରଦୋଷ କୁମାର ସାହୁ (୩) ଅର୍ଚ୍ଚନା ସାହୁ, ସ୍ୱା- ଶ୍ରୀବତ୍ସ ପାଇକରାୟ (୪) ବିରଞ୍ଚି ନାରାୟଣ ସାହୁ (୫) ପଦ୍ମାଳୟ ସାହୁ, ସ୍ୱା-ମନୋରଞ୍ଜନ ସାହୁ, (୨ରୁ ୫ ନମ୍ବର ପର୍ଯ୍ୟନ୍ତ) ଏ ସମସ୍ତଙ୍କର ପିତା ହେଉଛିି ବନମାଳୀ ସାହୁ, ଗ୍ରା/ପୋ-ବାଲକାଟୀ, ଥା-ବାଲିଅନ୍ତା, ଜି-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଉଷା ପର୍ଶୁରାମ ବାବର, ସ୍ୱା-ପର୍ଶୁରାମ ବାବର, ପ୍ଲଟ ନଂ-ଇ.ଡବ୍ଲ୍ୟୁ.ଏସ.-୧୪୨, କପିଳ ପ୍ରସାଦ, ପ୍ରଥମ ପର୍ଯ୍ୟାୟ, ପୋ- ଓଲଡ୍ ଟାଉନ୍, ଥା-ଏୟାରଫିଲ୍ଡ, ଜି- ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ

**ଯାଜପୁର:୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲାରେ ତୀର୍ଥଯାତ୍ରୀଙ୍କ ଅଯୋଧ୍ୟା-ବାରଣାସୀ ଯାତ୍ରାକୁ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଗୁରୁବାର ଦିନ ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାପସ କୁମାର ସାହୁ, ଟିଆରଓ ସୂର୍ଯ୍ୟାଙ୍କିତା ସାହୁ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଯାଜପୁର ଜିଲ୍ଲାରେ ସମୁଦାୟ ୧୪୧ଜଣ ବରିଷ୍ଠ ତୀର୍ଥଯାତ୍ରୀ ଅଯୋଧ୍ୟା-ବାରଣାସୀ ଯାତ୍ରା କରିଛନ୍ତି । ତୀର୍ଥଯାତ୍ରୀଙ୍କ ନିମନ୍ତେ ୫ଜଣ ଏସ୍କର୍ଟ ଅଫିସରଙ୍କୁ ନିୟୋଜିତ କରାଯାଇଛି । ତୀର୍ଥଯାତ୍ରୀମାନେ ବାଲେଶ୍ୱର ରେଳ ଷ୍ଟେସନରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା କରିବେ । ସେମାନେ ଗୁରୁବାର ରାତିରେ ବାଲେଶ୍ୱରରେ ରାତ୍ରୀଯାପନ କରିବେ । ତୀର୍ଥଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ୍‌ଟି ଶୁକ୍ରବାର ସକାଳ ୧୧.୦୦ ଘଟିକାରେ ବାଲେଶ୍ୱର ରେଳଷ୍ଟେସନରୁ ଛାଡ଼ିବ । ଏହି ଯାତ୍ରାକୁ ବସ୍ତା ବିଧାୟକ, ଜଳେଶ୍ୱର ବିଧାୟକ ଏବଂ ବାଲେଶ୍ୱର ଜିଲ୍ଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହି ତୀର୍ଥଯାତ୍ରୀମାନେ ଆସନ୍ତା ୧୨ ତାରିଖରେ ବାଲେଶ୍ୱର ଫେରିବେ । ସେମାନେ ବାଲେଶ୍ୱର ରେଳ ଷ୍ଟେସନରେ ପହଂଚିବା ପରେ ସେମାନଙ୍କୁ ବାଲେଶ୍ୱରରୁ ଫେରାଇ ଅଣାଯିବ ଏବଂ ଯାଜପୁରରେ ଥିବା ସେମାନଙ୍କର ଜନ୍ମସ୍ଥାନକୁ ପଠାଯିବ ।

# ଜିଲ୍ଲାସ୍ତରୀୟ ସୁରଭି ତର୍କରେ ପ୍ରଥମ

**ରାଜନଗର:୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ବରିଷ୍ଠ ତର୍କ ବିଭାଗରେ ରାଜନଗର ବ୍ଲକ ଅନ୍ତର୍ଗତ ଓସ୍ତିଆ ବନ୍ଧପଟଣା ନୋଡାଲ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରରେ ପୁରସ୍କୃତ ହେବା ସହ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି । ସୌମ୍ୟଙ୍କ ସଫଳତା ପାଇଁ ରାଜନଗର ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ -ଶିକ୍ଷୟିତ୍ରୀ, ଶିକ୍ଷକ ନେତା ହେମନ୍ତ ବାରିକ ପ୍ରମୁଖ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ବ୍ରହ୍ମପୁର ଏସପିଙ୍କୁ ୧୧ରେ ବ୍ୟକ୍ତିଗତ ହାଜର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଇନଜୀବି ପୀତବାସ ପଣ୍ଡା ହତ୍ୟା ମାମଲାରେ ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ପଡ଼ିଛନ୍ତି ବ୍ରହ୍ମପୁର ଏସପି । ହାଇକୋର୍ଟ ପୂର୍ବରୁ ଏସପିଙ୍କୁ ରିପୋର୍ଟ ତଲବ କରିଥିବାବେଳେ, ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୧୦ଟା ୩୦ରେ ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ସେହିଦିନ ଏସପିଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିବ କି ନାହିଁ ତାହାର ନିଷ୍ପତ୍ତି ହେବ । ତେବେ ଏହା ପୂର୍ବରୁ ଏସପି ନିଜର ଉତ୍ତର ଆସନ୍ତା ୧୦ ତାରିଖରେ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ଆଇନଜୀବି ପୀତବାସ ପଣ୍ଡା ହତ୍ୟା ମାମଲା ପର୍ଦ୍ଦାଫାଶ ସମୟରେ ସାମ୍ବାଦିକ ସମ୍ମିଳନୀରେ ଏସପି ନିର୍ବାଚନ ମାମଲା କଥା ଉଠାଇଥିଲେ । ହାଇକୋର୍ଟରେ ବିଚାରାଧୀନ ଥିବା ଏକ ନିର୍ବାଚନୀ ମାମଲା ପ୍ରସଙ୍ଗରେ ଏସପି ମନ୍ତବ୍ୟ ଦେଇଥିଲେ । ଏସପି ବିକ୍ରମ ପଣ୍ଡା ଓ ଶିବ ଶଙ୍କର ଦାସଙ୍କ ମଧ୍ୟରେ କମନ ଲିଙ୍କ ଥିବାନେଇ ଟିପ୍ପଣୀ ଦେଇଥିଲେ । ଏସପି କହିଥିଲେ, ଏହି କମନ ଲିଙ୍କ ଥିଲା ସ୍ଥାନୀୟ ବିଧାୟକଙ୍କ ବିରୋଧରେ ଦାୟର ହୋଇଥିବା ନିର୍ବାଚନୀ ମାମଲା । ଶିବଶଙ୍କର ମାମଲା କରିଥିଲେ ଓ ବିକ୍ରମ ଖର୍ଚ୍ଚ ବହନ କରୁଥିଲେ । ଏସପିଙ୍କ ଏହି ଟିପ୍ପଣୀ ତାଙ୍କପାଇଁ ଅଡୁଆ ସୃଷ୍ଟି କରିଥିଲା । ଏହାକୁ ନେଇ ଗତ ୩୧ ତାରିଖରେ ହାଇକୋର୍ଟ ଖପ୍ପା ହେବା ସହିତ ଏସପିଙ୍କୁ ରିପୋର୍ଟ ତଲବ କରିଥିଲେ ।

## ଟାଟା ଷ୍ଟିଲ ଫାଉଣ୍ଡେସନ୍‌ର ପୋଷଣ ପ୍ରକଳ୍ପ



**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଅଞ୍ଚଳରେ ପୁଷ୍ଟି ସାଧନ ଓ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସୁଧାର ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସଏଫ)ର 'ପୋଷଣ ପ୍ରକଳ୍ପ' ଉଲ୍ଲେଖନୀୟ ଭାବରେ କାମ କରୁଛି । ୨୦୨୩ରୁ ଆରମ୍ଭ ହୋଇଥିବା ଏହି ପ୍ରୟାସ ଯାଜପୁର ଜିଲ୍ଲାର ସୁକିନ୍ଦା, ଦାନଗଦି ଓ ଗଞ୍ଜାମ ଜିଲ୍ଲାର ଅଞ୍ଚଳରେ ପୋଷଣ ସୁଧାର ଲକ୍ଷ୍ୟରେ ଚାଲିଛି । ସ୍ଥାନୀୟ ପ୍ରଶାସନ ସହ ମିଳିତ ଭାବରେ ଟିଏସଏଫ କୁପୋଷଣ ପ୍ରତିରୋଧ, ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବୃଦ୍ଧି ଓ ସଚେତନତା ବିସ୍ତାର ଉପରେ ଜୋର ଦେଇଛି । ପ୍ରକଳ୍ପ ଅଧୀନରେ ସୁକିନ୍ଦା ଓ ଦାନଗଦିରେ ୩୭,୦୦୦ରୁ ଅଧିକ ମହିଳା ଓ କିଶୋରୀ ସଚେତନତା ଅଭିଯାନରେ ସାମିଲ ହୋଇଥିଲେ । ପାଞ୍ଚ ବର୍ଷରୁ କମ ୧୯,୦୦୦ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା, ଯେଉଁମଧ୍ୟରୁ ୧,୭୦୦ ଶିଶୁ ନିର୍ଦ୍ଦିଷ୍ଟ ପୋଷଣ ସହାୟତା ଦ୍ୱାରା ସୁସ୍ଥ ହୋଇପାରିଛନ୍ତି । ଏହାସହ ରକ୍ତହୀନତା ନିରାକରଣ ପାଇଁ ୧୬,୦୦୦ ମହିଳାଙ୍କ ପରୀକ୍ଷା ହୋଇ, ୬,୦୦୦ ଜଣଙ୍କୁ ଚିକିତ୍ସା ଓ ଆଇରନ ସପ୍ଲିମେଣ୍ଟ ପ୍ରଦାନ କରାଯାଇଛି । ସ୍ଥାନୀୟ ପରିବାରମାନେ ନିଜ ଘରେ ପାରିବ ବଗିଚା ସ୍ଥାପନ ମାଧ୍ୟମରେ ପୋଷଣ ସୁନିଶ୍ଚିତ କରୁଛନ୍ତି । ବର୍ତ୍ତମାନ ୬,୦୦୦ରୁ ଅଧିକ ପରିବାର ଏହି ଅଭିଯାନ ସହ ଜୁଡ଼ିଛନ୍ତି । ଦାନଗଦି ଅଞ୍ଚଳର ଜଣେ ମାତା ମଞ୍ଜୁ ତାମସୋୟ କହିଛନ୍ତି, "ଟିଏସଏଫ ଟିମ୍ ମୋ ଶିଶୁର କୁପୋଷଣ ଚିହ୍ନଟ କରି ଚିକିତ୍ସା ସୁବିଧା ଦେଇଥିଲେ, ଆଜି ସେ ସୁସ୍ଥ ଅଛି ।" ଟାଟା ଷ୍ଟିଲ ଫାଉଣ୍ଡେସନଙ୍କ ଏହି ପୋଷଣ ପ୍ରକଳ୍ପ ସ୍ଥାନୀୟ ସ୍ୱାସ୍ଥ୍ୟ ସେବାକୁ ଶକ୍ତିଶାଳୀ କରି ଅଞ୍ଚଳର ଦୀର୍ଘସ୍ଥାୟୀ ବିକାଶକୁ ଅଗ୍ରସର କରୁଛି ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରଥମ ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି କନଭେନସନ୍ ଉଦଘାଟିତ




**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

"ଦିନ ଥିଲା ଅଷ୍ଟିଓପ୍ୟାଥି ବା ଅସ୍ଥି ଚିକିତ୍ସା ବିଜ୍ଞାନ କ'ଣ, ଲୋକେ ଜାଣି ନ ଥିଲେ । ଏପରିକି ଡାକ୍ତରମାନେ ମଧ୍ୟ ଏହା କ'ଣ ଅଷ୍ଟିଓପୋରୋସିସ୍ କିମ୍ବା ଅର୍ଥପେଡିକ୍ ବୋଲି ଦ୍ୱନ୍ଦ୍ୱରେ ରହୁଥିଲେ । ତା' ଛଡ଼ା ଏ ସମ୍ବନ୍ଧୀୟ ପାଠ ପଢ଼ିଲେ ଚାକିରି ମିଳିବା ନେଇ ଛାତ୍ରଛାତ୍ରୀଙ୍କ ସାଙ୍ଗକୁ ଅଭିଭାବକମାନେ ମଧ୍ୟ ଥିଲେ ସନ୍ଦିହାନ । ମାତ୍ର ସମୟ ବଦଳିଛି । ଏବେ ଅଷ୍ଟିଓପ୍ୟାଥି ସମଗ୍ର ବିଶ୍ୱରେ ନିଜର ଲୋକପ୍ରିୟତା ବୃଦ୍ଧି କରିପାରିଛି । ମାନବ ସମାଜର ସାମଗ୍ରିକ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଏହାର ଅବଦାନ ଅତୁଳନୀୟ ।" ଚଳିତ ବର୍ଷ ପ୍ରଥମ ଥର ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ତିନିଦିନିଆ ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି କନଭେନସନ (ଆଇଓସି)ର ଉଦଘାଟନୀ ଉତ୍ସବରେ ଯୋଗଦେଇ ଏକଥା କହିଛନ୍ତି ମାନବବାଦୀ ଆଧ୍ୟାତ୍ମିକ ଗୁରୁ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଆଜୀବନ ସଭାପତି ଶ୍ରୀ ଶ୍ରୀ ରବିଶଙ୍କର । ଏହି କନଭେନସନ ବିଶ୍ୱର ପ୍ରାୟ ସମସ୍ତ କୋଣ ଅନୁକୋଣରୁ ଅଷ୍ଟିଓପ୍ୟାଥି ଏବଂ ସ୍ୱାସ୍ଥ୍ୟରକ୍ଷାରେ ନିୟୋଜିତ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ଏକାଠି କରିବା ସହ ଅଷ୍ଟିଓପ୍ୟାଥି ଶିକ୍ଷା ଓ ଅନୁସନ୍ଧାନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । କନଭେନସନରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରୁ ଅଷ୍ଟିଓପ୍ୟାଥିରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ୧୨୦ ଜଣ ପୂର୍ବତନ ଛାତ୍ରଛାତ୍ରୀ ମଧ୍ୟ ଯୋଗ ଦେଇଥିଲେ । ଏହି କନଭେନସନରେ ଇଂଲଣ୍ଡ, ଫ୍ରାନ୍ସ, ସ୍ୱିଜରଲ୍ୟାଣ୍ଡ, କାନାଡ଼ା, ଇଟାଲୀ, ସ୍ପେନ୍ ଏବଂ ଲିଥୁନିଆରୁ ବହୁ ସ୍ୱନାମଧନ୍ୟ ଅତିଥି ବକ୍ତା ଯୋଗ ଦେଇଛନ୍ତି । ସେମାନେ ଏହି ତିନିଦିନିଆ ସମ୍ମିଳନୀରେ ଅଷ୍ଟିଓପ୍ୟାଥିର ବିଭିନ୍ନ ଦିଗକୁ ନେଇ ବ୍ୟାପକ ଚର୍ଚ୍ଚା, ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ଅତିଥିମାନଙ୍କୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧକ୍ଷ ପ୍ରୋ. ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ ଓ ଆୟୋଜକ କମିଟି ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗର ଡିନ୍ ପ୍ରଫେସର (ଡ.) ତୀର୍ଥଙ୍କର ଘୋଷ ପ୍ରମୁଖ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଓ କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର (ଡ.) ଅନିଲ କୁମାର ଶର୍ମା ମଧ୍ୟ ଉପସ୍ଥିତ ଥିଲେ । ବିଦେଶରୁ ଆସିଥିବା ବିଶେଷଜ୍ଞ ଅତିଥି ବକ୍ତାମାନଙ୍କ ମଧ୍ୟରୁ ପ୍ରଫେସର ରେଞ୍ଜି ମୋଲିନାରୀ (ଇଂଲଣ୍ଡ) ମହିଳାଙ୍କ ସ୍ୱାସ୍ଥ୍ୟ ସଂରଚନା ଏବଂ କାର୍ଯ୍ୟ ସମ୍ପର୍କରେ, ତେଜିନ୍ଦର ଦେଓରା (ଇଂଲଣ୍ଡ) ପ୍ରତିରକ୍ଷା ତନ୍ତ୍ରକୁ ନେଇ ଅଷ୍ଟିଓପ୍ୟାଥିର ଆଭିମୁଖ୍ୟ ସମ୍ପର୍କରେ, କ୍ରିଷ୍ଟିନ୍ ଡିଫ୍ରାନ୍ସ (ଫ୍ରାନ୍ସ) ଶରୀର ପରିବର୍ତ୍ତନ ଅବସ୍ଥା ସମ୍ପର୍କରେ, ଲରେନ୍ସ ଫୋର୍ଡଗ୍ରିୟର (ୟୁକେ-ଫ୍ରାନ୍ସ) ବିରଳ ପଦ୍ଧତିକୁ ନେଇ ଅଷ୍ଟିଓପ୍ୟାଥିର ଆଭିମୁଖ୍ୟ ସମ୍ପର୍କରେ, ଏମ୍ରିନ୍ ଫୁର୍ (ଇଂଲଣ୍ଡ) ମୁଖଗହ୍ୱର ସ୍ୱାସ୍ଥ୍ୟ ସମ୍ପର୍କରେ ଏବଂ ସିବିଲେ ଗ୍ରାଫ୍ (ସ୍ୱିଜରଲ୍ୟାଣ୍ଡ) ପିଲାଙ୍କ ମଧ୍ୟରେ ଏନ୍ୟୁରିସିସ ଓ ମୂତ୍ରାଶୟ ସମସ୍ୟା ସମ୍ପର୍କରେ କହିବେ । ସେହିପରି ହ୍ୟୁଗାଟ୍ ଲାମ୍ବାର୍ଟ (କାନାଡ଼ା) ଥାଇରଏଡର କାରଣ ସମ୍ପର୍କରେ, ଆଲେସାନ୍ଦ୍ରା ଅବେନାବୋଲି (ଇଟାଲୀ) "ଅଷ୍ଟିଓପ୍ୟାଥି ଏଜ୍ ଏବଂ ପରସେପଚୁଆଲ ପ୍ରାକ୍ଟିସ୍" ଉପରେ ତଥା ଡ. ଓଲଗା ଏଷ୍ଟାଡେଲା (ସ୍ପେନ୍) ଅର୍ଗାନ୍ ମୋବିଲିଟି ଏବଂ ଲିଭର-ଗଟ୍ ସମ୍ପର୍କକୁ ନେଇ କହିବେ । ଏଥିସହ ପେଡ୍ରୋ ଲାସନ (ୟୁରୋପ) ଶ୍ୱାସରୋଗରେ ପରିସଞ୍ଚରଣ ରଣନୀତି ସମ୍ପର୍କରେ, ହ୍ୟୁଗୋ ଚିଏରା (ୟୁରୋପ) ସାମଗ୍ରିକ ଭାବରେ ସ୍ୱାସ୍ଥ୍ୟ ପରିଚର୍ଯ୍ୟା ଓ ଏହାର ଉତ୍ପତ୍ତି ସମ୍ପର୍କରେ ଏବଂ ଡ. କେଷ୍ଟୁଟିସ୍ ଅଡାମୋନିସ (ୟୁକେ) ଅଷ୍ଟିଓପ୍ୟାଥି ଇଣ୍ଟ୍ୟୁଜନ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି ।

## ସୋଆରେ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ ଉତ୍ସବ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ୨୦୨୫-୨୬ ଶିକ୍ଷା ବର୍ଷ ନିମନ୍ତେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇଥିବା ନୂତନ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଶୁକ୍ରବାର ଓରିଏଂଟେସନ୍ କମ୍ ଫାଉଣ୍ଡେସନ୍ କୋର୍ସ ପ୍ରୋଗ୍ରାମ ଏବଂ ହ୍ୱାଇଟ୍ କୋଟ ଉତ୍ସବ ଆୟୋଜିତ ହୋଇଯାଇଛି । ଭୁବନେଶ୍ୱର ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ-୧ରେ ଏମ୍‌ବିବିଏସ୍ ନୂତନ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ହ୍ୱାଇଟ୍ କୋଟ ଉତ୍ସବରେ ୨୫୦ ଜଣ ଛାତ୍ରଛାତ୍ରୀ ମହର୍ଷି ଚରକଙ୍କ ଶପଥ ନେବା ସହ ମୂଲ୍ୟବୋଧ ଭିତ୍ତିକ ଚିକିତ୍ସା କରିବା ନିମନ୍ତେ ଶପଥ ନେଇଥିଲେ ।

ଓରିଏଂଟେସନ୍ କମ୍ ଫାଉଣ୍ଡେସନ୍ କୋର୍ସ ପ୍ରୋଗ୍ରାମ୍‌ରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ବର୍ଷର ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁସନ୍ ର‍୍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନଆଇଆରଏଫ) ର‍୍ୟାଙ୍କିଙ୍ଗସ ୨୦୨୫ରେ ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ହାସଲ କରିଥିବା ବେଳେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ ଦେଶର ୨୧ତମ ଶ୍ରେଷ୍ଠ ମେଡିକାଲ୍ କଲେଜ ଭାବେ ସ୍ଥାନୀତ ହୋଇଛି । ଏଭଳି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିବା ନିମନ୍ତେ ଚୟନ କରିଥିବାରୁ ସେ ଉଭୟ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଥିଲେ । ଡାକ୍ତରୀ ଶିକ୍ଷାକୁ ଏକ ମହାନ ବୃତି ଭାବେ ବର୍ଣ୍ଣନା କରି ସେ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ଲାଭ କରିବା ସହିତ ସମାଜ ଓ ରୋଗୀଙ୍କ ପ୍ରତି ଦୟାଳୁ ମନୋଭାବ ସହ ଉତ୍ତମ ଡାକ୍ତର ହେବା ପାଇଁ ବାର୍ତ୍ତା ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ସୋଆର ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡାକ୍ତରୀ ବୃତିକୁ କେବଳ ପେସା ଭାବେ ଗ୍ରହଣ ନ କରି ଛାତ୍ରଛାତ୍ରୀମାନେ ସେବା ମନୋଭାବ ରଖି ଏହା ଅଧ୍ୟୟନ କରିବା ଉଚିତ୍ ବୋଲି କହିଥିଲେ । ଆଧ୍ୟାତ୍ମିକ ଚିନ୍ତନ ଦ୍ୱାରା ମନୁଷ୍ୟର ସର୍ବାଙ୍ଗୀନ ଉନ୍ନତି ହୋଇଥାଏ । କଠିନ ପରିଶ୍ରମ, ସମୟାନୁବର୍ତ୍ତିତା ଓ ସକାରାତ୍ମକ ଚିନ୍ତାଧାରା ଆଦି ଗୁଣସବୁ ଛାତ୍ରଛାତ୍ରୀଙ୍କ ଠାରେ ରହିବା ଉଚିତ୍ ବୋଲି ପ୍ରଫେସର ମହାପାତ୍ର କହିଥିଲେ ।

ଏହି କାର୍ଯ୍ୟକ୍ରମର ପ୍ରଥମ ଅଧ୍ୟାୟରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ଶିକ୍ଷାନୁଷ୍ଠାନ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ଡାକ୍ତରୀ ଶିକ୍ଷାର ମହତ୍ୱ ବିଷୟରେ ମଧ୍ୟ ସେ ବୁଝାଇଥିଲେ । ସେହିପରି ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ନୂତନ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଏହି କାର୍ଯ୍ୟକ୍ରମରେ କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସର୍ବଦା ସେବା ମନୋଭାବ ନେଇ ରୋଗୀଙ୍କ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ । ଫାଉଣ୍ଡେସନ୍ କୋର୍ସ କୋଅର୍ଡିନେଟର ତଥା ଫିଜିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଏଲୋରା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସେହିପରି ହ୍ୱାଇଟ କୋଟ୍ ଉତ୍ସବରେ ସୋଆ ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନୂତନ ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରତି ଛାତ୍ରଛାତ୍ରୀଙ୍କ ଭିତରେ ନିଃସ୍ୱାର୍ଥପର ସେବା, କରୁଣା ଓ ସମର୍ପଣ ମନୋଭାବ ରହିବା ଉଚିତ୍ ବୋଲି ମତ ରଖି ସେ କହିଥିଲେ ଯେ ଏହି ହ୍ୱାଇଟ କୋଟ୍ ଉତ୍ସବ ସେମାନଙ୍କ ଏହି ଯାତ୍ରାର ଆରମ୍ଭ ନୁହେଁ ମାତ୍ର ଏହା ମନୁଷ୍ୟ ସମାଜର ସେବା କରିବା ନିମନ୍ତେ ଏକ ପ୍ରତିବଦ୍ଧତା । ଏହି କୋଟ ପରିଧାନ କରିବା ପରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ କ'ଣ ରହିଛି ସେ ବିଷୟରେ ପ୍ରଥମେ ଅବଗତ ହେବା ଜରୁରୀ ।

ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇବା ସହ ଏହା କେବଳ ଏକ କୋଟ ନୁହେଁ ବରଂ ପ୍ରତି ଡାକ୍ତରର ପ୍ରଥମ ପରିଚୟ ଅଟେ ବୋଲି କହିଥିଲେ । ଏହାକୁ ପିନ୍ଧି ପ୍ରତ୍ୟେକ ଡାକ୍ତରୀ ଛାତ୍ରଛାତ୍ରୀ ଗର୍ବ ଅନୁଭବ କରିବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ହସ୍ପିଟାଲର ସମସ୍ତ ବିଭାଗୀୟ ମୁଖ୍ୟ, ସିନିୟର ଫ୍ୟାକଲ୍ଟି, ଆଡିସ୍‌ନାଲ୍ ଡିନ୍, ଡାକ୍ତର, ନର୍ସ ଛାତ୍ରଛାତ୍ରୀଙ୍କର ଅଭିଭାବକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।




ଭୁବନେଶ୍ୱରର ୮୪ତମ ଆଇଆରସି ଭେନ୍ୟୁରେ ବୈଷୟିକ ପ୍ରଦର୍ଶନୀ ଷ୍ଟଲରେ ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ ଓଡ଼ିଶା ଚାପ୍ଟର ଟିମ୍ । ସଭାପତି ଇଞ୍ଜିନିୟର ବି.ସି. ତ୍ରିପାଠୀ, ଉପାଧ୍ୟକ୍ଷ ପ୍ରଫେସର ପ୍ରଭାତ ପାଢ଼ୀ, ସଚିବ ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ ଏବଂ ଅନ୍ୟମାନେ ଉପସ୍ଥିତ ।

## ଭ୍ରମ ସୃଷ୍ଟି କଲା ଛାୟା ସଂସଦ କାର୍ଯ୍ୟକ୍ରମ

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ସ୍ତରୀୟ ଛାୟା ସଂସଦ କାର୍ଯ୍ୟକ୍ରମ ସମଗ୍ର ଶିକ୍ଷା ଯାଜପୁର ତରଫରୁ ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ଉଦ୍ଘାଟକ ରୂପେ ଜିଲ୍ଲାପାଳ ଅମ୍ବର୍ କୁମାର କର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ର ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରି ସଂସଦ ସମ୍ପର୍କରେ ସମ୍ୟକ୍ ଧାରଣା ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯାଜପୁର ବ୍ଲକ୍ ଶିକ୍ଷା ଅଧିକାରୀ ଦେବିଲାଲ ମଲିକ, ଅତିରିକ୍ତ ଶିକ୍ଷା ଅଧିକାରିଣୀ ସବିତା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ଯୋଗଦେଇ ଏହି କାର୍ଯ୍ୟକ୍ରମର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ୧୨ ପି.ଏ. ଶ୍ରୀ. ବିଦ୍ୟାଳୟର ୯୬ ଛାତ୍ରଛାତ୍ରୀ ଛାୟା ସଂସଦ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭିନ୍ନ ରାଜ୍ୟକୁ ପ୍ରତିନିଧିତ୍ୱ କରିଥିଲେ । ପୁନଃଶ୍ଚ ୧୨ ପି. ଏମ୍. ଶ୍ରୀ ବିଦ୍ୟାଳୟ ବିଭିନ୍ନ ଷ୍ଟଲରେ ନିଜନିଜ ରାଜ୍ୟର ଆବଣ୍ଟନ ଅନୁସାରେ ଏହି ଛାୟା ସଂସଦ ପ୍ରଦର୍ଶନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଉଦଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଶିବାନନ୍ଦ ସ୍ୱାଇଁ ଓ ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

## ପିକଅପ ଧକ୍କାରେ ସାଇକେଲ୍ ଆରୋହୀ ଗୁରୁତର

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ବାଗଲପୁର ବସଷ୍ଟାଣ୍ଡ ଛକରେ ଜଣେ ସାଇକଲ ଆରୋହୀଙ୍କୁ ଦ୍ରୁତଗାମୀ ପିକଅପ ଧକ୍କା ଦେବା ଫଳରେ ଆରୋହୀ ଜଣକ ଗୁରୁତର ହୋଇଛନ୍ତି । ସୂଚନା ମୁତାବକ କଟକ ଜିଲ୍ଲା ଓଲଟପୁର ଥାନା ଅଧୀନସ୍ଥ ବାଗଲପୁର ବସଷ୍ଟାଣ୍ଡ ଛକରେ ଓଡି-୦୫ଚ-୧୦୧୮ ପିକଅପ୍ ସାଇକଲ ଆରୋହୀ ଗୋବିନ୍ଦପୁର ଥାନା ପୋଷ୍ଟଲ ପଂଚାୟତ ରହମ୍ଯା ଗ୍ରାମର ଅଗାଧୁ ମଲିକଙ୍କ ପୁଅ ବାପୁନି ମଲିକ (୪୦) ବାଗଲପୁରରୁ ଅଡଶପୁରକୁ ଆସୁଥିବା ବେଳେ ପଛପଟୁ ଧକ୍କା ଦେଇଥିଲା । ଗାଡ଼ିଟି ଦ୍ରୁତ ବେଗରେ ଥିବାରୁ ପ୍ରାୟ ଶହେ ମିଟର ପର୍ଯ୍ୟନ୍ତ ବାପୁନିକୁ ଘୋଷାଡି ନେଇଥିଲା । ଘଟଣା ସ୍ଥଳରେ ଓଲଟପୁର ଥାନା ପୋଲିସ ପହଂଚି ଗୁରୁତର ଅବସ୍ଥାରେ ବାପୁନିକୁ ଉଦ୍ଧାର କରି ଅଡସପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା । ଅଡସପୁରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିବା ଜଣାଯାଇଛି । ସୂଚନା ଥାଉକି ପିକଅପ୍ ଡ୍ରାଇଭର ଅତ୍ୟଧିକ ମଦ୍ୟପାନ କରି ଦୁର୍ଘଟଣା କରିଥିବା ସ୍ଥାନୀୟ ଲୋକ କହିଛନ୍ତି ।

## ବିଭିନ୍ନ ସ୍ଥାନରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି

**ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ:** ଭାରତ ସରକାରଙ୍କ ଦ୍ୱାରା ୭ ନଭେମ୍ବର ୨୦୨୫ରୁ ୭ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଭାରତର ଜାତୀୟ ସଂଗୀତ 'ବନ୍ଦେ ମାତରମ୍' ର ୧୫୦ ବର୍ଷ ପୂର୍ତ୍ତି ପାଳନ ପାଇଁ ଏକବର୍ଷ ପର୍ଯ୍ୟନ୍ତ ଦେଶବ୍ୟାପୀ ସ୍ମାରକୀ ପାଳନ ଆରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ କାର୍ଯ୍ୟାନ୍ୱୟନ କମିଟି (ଏନଆଇସି) ଦ୍ୱାରା ସ୍ମାରକୀ କାର୍ଯ୍ୟକଳାପକୁ ଅନୁମୋଦନ କରାଯାଇଛି । ବର୍ଷସାରା ୪ଟି ପର୍ଯ୍ୟାୟରେ ଏହି ସ୍ମୃତିଚାରଣ ପାଳନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୭ରୁ ୧୪ ନଭେମ୍ବର ୨୦୨୫ ମଧ୍ୟରେ ପାଳନ କରାଯାଉଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ୧୯ରୁ ୨୬ ଜାନୁଆରୀ ୨୦୨୬ (ଗଣତନ୍ତ୍ର ଦିବସ) ପର୍ଯ୍ୟନ୍ତ, ତୃତୀୟ ପର୍ଯ୍ୟାୟ ୭ରୁ ୧୫ ଅଗଷ୍ଟ ୨୦୨୬ (ହର ଘର ତିରଙ୍ଗା ୨୦୨୬ ସହିତ ସମନ୍ୱୟ) ପର୍ଯ୍ୟନ୍ତ ଏବଂ ଚତୁର୍ଥ ପର୍ଯ୍ୟାୟ ୧ରୁ ୭ ନଭେମ୍ବର ୨୦୨୬ (ସମାପନ ସପ୍ତାହ ଭାବରେ) ପାଳନ କରାଯିବ । ଏହି ଜାତୀୟ ପଦକ୍ଷେପର ଅଂଶ ସ୍ୱରୂପ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୭ ନଭେମ୍ବର ୨୦୨୫ରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମୁଖ୍ୟାଳୟ ଏବଂ କଟକ ରେଳ ଷ୍ଟେସନରେ 'ବନ୍ଦେ ମାତରମ୍' ସମୂହ ଗାନ ଆୟୋଜନ କରିଥିଲା, ଯାହା ସ୍ମାରକୀ ବର୍ଷର ପ୍ରାରମ୍ଭ ଥିଲା । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇ ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକମାନଙ୍କ ସହ ସମସ୍ତ ସଖା ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ଜାତୀୟ ସଙ୍ଗୀତର ସାମୂହିକ ପରିବେଷଣରେ ଯୋଗ ଦେଇଥିଲେ । ଏହି ସମୂହ ଜାତୀୟ ସଂଗୀତ ସମସ୍ତ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକତା, ଗର୍ବ ଏବଂ ଦେଶପ୍ରେମର ମନୋଭାବକୁ ପ୍ରତିଫଳିତ କରିଥିଲା । ଏହି କାର୍ଯ୍ୟକ୍ରମକୁ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର.ଏନ.ଏ. ପରିଡ଼ା ସଂଯୋଜନା କରିଥିଲେ ।

ଏକକାଳୀନ, ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଅଧୀନରେ ଥିବା ସମସ୍ତ ଷ୍ଟେସନରେ ଅଡିଓ-ଭିଜୁଆଲ୍ ମୋଡ୍‌ରେ ଜାତୀୟ ସଂଗୀତ 'ବନ୍ଦେ ମାତରମ୍' ବଜାଇ ଦିଆଯାଇଥିଲା, ଯାହା ଫଳରେ ରେଳମଣ୍ଡଳର ଯାତ୍ରୀ ଏବଂ ରେଳ କର୍ମଚାରୀମାନେ ଦେଶପ୍ରେମ ପାଳନରେ ଯୋଗଦାନ କରିପାରିଥିଲେ ।

ଖୋର୍ଦ୍ଧା ରୋଡ ଏବଂ କଟକରେ ମୁଖ୍ୟ କାର୍ଯ୍ୟକ୍ରମ ବ୍ୟତୀତ ପୁରୀ, ବ୍ରହ୍ମପୁର ଏବଂ ଅନ୍ୟାନ୍ୟ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ୍‌ମାନଙ୍କରେ 'ବନ୍ଦେ ମାତରମ୍'ର ଗଣସଂଗୀତ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଠାରେ ରେଳ କର୍ମଚାରୀ ଏବଂ ଯାତ୍ରୀମାନେ ମିଳିତ ଭାବରେ ଉତ୍ସାହ ଏବଂ ଦେଶପ୍ରେମ ସହିତ ଜାତୀୟ ସଂଗୀତ ଗାନ କରିଥିଲେ । ଐତିହାସିକ ଅବସରକୁ ପାଳନ କରିବା ଏବଂ ଜନସାଧାରଣଙ୍କୁ ଦର୍ଶନୀୟ ଭାବରେ ଉତ୍ସବରେ ସାମିଲ କରିବା ପାଇଁ କଟକ ଷ୍ଟେସନ୍‌ରେ 'ବନ୍ଦେ ମାତରମ୍ ୧୫୦ ବର୍ଷ' ଦର୍ଶନ ଉପରେ ଏକ ସେଲ୍ଫି ପଏଣ୍ଟ ମଧ୍ୟ ସ୍ଥାପନ କରାଯାଇଛି ।

ବର୍ଷବ୍ୟାପୀ ସ୍ମୃତି ଅବଧି ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ବିଭିନ୍ନ ସଚେତନତା ଏବଂ ପ୍ରସାର କାର୍ଯ୍ୟକ୍ରମ ଗ୍ରହଣ କରିବ ଯେଉଁଥିରେ ରେଳ ଷ୍ଟେସନଗୁଡ଼ିକରେ 'ବନ୍ଦେ ମାତରମ୍' ସମ୍ବନ୍ଧରେ ଅଡିଓ ବାର୍ତ୍ତା ଏବଂ ବିଶେଷ ଘୋଷଣା, ଷ୍ଟେସନଗୁଡ଼ିକରେ ଏଲଇଡି ସ୍କ୍ରିନରେ 'ବନ୍ଦେ ମାତରମ୍' ସମ୍ବନ୍ଧୀୟ ଦୃଶ୍ୟ ଏବଂ ଐତିହାସିକ ସୂଚନା ପ୍ରଦର୍ଶନ, ପୂର୍ବତଟ ରେଳପଥ କ୍ଷେତ୍ରାଧିକାର ଅଧୀନରେ ବିଶାଖାପାଟଣା, କଟକ ଏବଂ ସମ୍ବଲପୁର ସମେତ ଦେଶର ୫୦ଟି ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନରେ 'ବନ୍ଦେ ମାତରମ୍' ଉପରେ ପ୍ରଦର୍ଶନୀ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମଗୁଡ଼ିକର ଲକ୍ଷ୍ୟ 'ବନ୍ଦେ ମାତରମ୍' ଜାତୀୟ ସଂଗୀତର ଐତିହାସିକ ଏବଂ ସାଂସ୍କୃତିକ ଗୁରୁତ୍ୱକୁ ସମ୍ମାନ କରିବା ଏବଂ ରେଳ କର୍ମଚାରୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଦେଶପ୍ରେମ, ଏକତା ଏବଂ ଜାତୀୟ ଗର୍ବର ଭାବନାକୁ ପୁନର୍ଜୀବିତ କରିବା ।

**ଫୁଲନଖରା:** ବୟାଳିଶମୌଜା ବେଣ୍ଟକାର ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ଆନୁକୂଲ୍ୟରେ ରାଷ୍ଟ୍ର ଗାନ ବନ୍ଦେ ମାତରମର ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ବେଣ୍ଟକାର ଭଜଗୋବିନ୍ଦ ପୀଠ ନିକଟସ୍ଥ ପଡ଼ିଆରେ ସାମୁହିକ ରାଷ୍ଟ୍ର ଗାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଅତିଥି ଭାବେ ସନାତନୀ ସେନାର ରାଜ୍ୟ ସଭାପତି ସମୀର ପଣ୍ଡା, ବୟାଳିଶ ମୌଜା ସାମ୍ବାଦିକ ସଂଘର ସଭାପତି ଅନୀଲ କୁମାର ଦାସ, ଅମର ଦାଶ, ସୌମ୍ୟ ରଂଜନ ଦାଶ ପ୍ରମୁଖ ଯୋଗ ଦେଇ ବନ୍ଦେ ମାତରମର ସୃଷ୍ଟି ଏବଂ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଶିଶୁମନ୍ଦିରର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ଗୁରୁଜି-ଗୁରୁମାମାନଙ୍କ ସହିତ ଅତିଥିମାନେ ସମବେତ ଭାବରେ ଏକ ସ୍ୱରରେ ବନ୍ଦେ ମାତରମକୁ ଗାନ କରିଥିଲେ । ଭାରତୀୟଙ୍କ ମଧ୍ୟରେ ଥିବା ବିଭିନ୍ନ ପ୍ରକାର ଭେଦଭାବକୁ ଭୁଲି ଏକ ମନୋଭାବରେ ଦେଶପ୍ରୀତି ସୃଷ୍ଟି କରିବା ପାଇଁ ପ୍ରସିଦ୍ଧ ବଙ୍ଗୀୟ କବି ବଂକିମ ଚନ୍ଦ୍ର ଚାଟାର୍ଜୀ ଏହି ଗୀତକୁ ରଚନା କରିଥିଲେ । ଶିଶୁମନ୍ଦିରର ମାର୍ଗଦର୍ଶକ ମନୋରଂଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବବୁଲ ଗୁରୁଜି ମଞ୍ଚ ପରିଚାଳନା କରିଥିଲେ । ଶିଶୁମନ୍ଦିରର ସମସ୍ତ ଗୁରୁଜୀଗୁରୁମା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

**ଖୋର୍ଦ୍ଧା:** ଆଜି ପୂର୍ବାହ୍ନ ୦୯.୪୫ ମି ସମୟରେ ସମଗ୍ର ଭାରତ ବର୍ଷରେ ସ୍ୱର୍ଗତ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଅମର କୃତୀ ଯାହା ଭାରତ ମାତାର ଜଳ ସ୍ଥଳ ଓ ଆକାଶ, ବଣ, ଜଙ୍ଗଲ ପାହାଡ, ହିମାଳୟ ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସ୍ୱର୍ଗୀୟ ସ୍ଲୋଗାନ ତଥା ସଙ୍ଗୀତ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଜାତୀୟ ସ୍ଲୋଗାନ ଓ ସଙ୍ଗୀତର ସିଧା ପ୍ରସାରଣ କାର୍ଯ୍ୟକ୍ରମ ନୂଆଦିଲ୍ଲୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଂସ୍କୃତି, ତଥା ରାଜ୍ୟ ସଂସ୍କୃତି ବିଭାଗ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ସମଗ୍ର ଦେଶରେ ବନ୍ଦେ ମାତରଂର ୧୫୦ତମ ଉତ୍ସବ ସଙ୍ଗୀତ ଗାନ କରାଯାଇ ଥିବା ବେଳେ ଛିଡା ହୋଇ ଭବ୍ୟ ସମ୍ମାନ ଜ୍ଞାପନ କରାଯାଇଥିଲା । ଦିବସରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଲେନ୍ଦୁ ନାୟକ ଡେପୁଟୀ କଲେକ୍ଟର ଅନନ୍ୟା ସୃଷ୍ଟି ଶତପଥୀ, ନିବେଦିତା ପରିଡ଼ା, ଆର୍ତ୍ତତ୍ରାଣ ମଲ୍ଲିକ, ଆସିଷ୍ଟାଣ୍ଟ କଲେକ୍ଟର କ୍ରିଷ୍ଣା କୁମାର ଜେନା, ଭୁବନେଶ୍ୱରୀ କଅଁର, ଡିଇଜିଏମ, ଓସ୍ୱାନ ମାନସ ବ୍ରହ୍ମ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ ଡେପୁଟୀ କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ସେକ୍ସନ ଅଧିକାରୀ, ବରିଷ୍ଠ ଓ କନିଷ୍ଠ ସହାୟକ, ସହାୟିକା ଯୋଗଦେଇଥିଲେ ।

**ବାଙ୍କୀ:** ଆଜି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବନ୍ଦେମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ କଲେଜ ପରିସରରେ ପାଳିତ ହୋଇଯାଇଛି । ପ୍ରଶାସନିକ ଅଧିକାରୀ ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଅଧକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଯୋଗଦାନ କରି ବନ୍ଦେମାତରମ୍ ଆମର ଜାତୀୟ ସଂଗୀତ ଓ ଏହି ସଂଗୀତ ଦେଶପ୍ରେମର ବାର୍ତ୍ତା ପ୍ରଦାନ କରିଥାଏ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଆଜକୁ ୧୫୦ବର୍ଷ ତଳେ ବଙ୍କିମଚନ୍ଦ୍ର ଚାର୍ଟାର୍ଜି ଏହି ସଂଗୀତକୁ ଆଜିର ଦିନରେ ରଚନା କରି ଜାତୀୟ ଚେତନା ଜାଗ୍ରତ କରିଥିଲେ ବୋଲି କହିଥିଲେ । ଏହା ହେଉଛି ଦେଶ ପ୍ରେମ, ଜାତିପ୍ରେମ ଓ ଦେଶକୁ ଏକତା ସୂତ୍ରରେ ବାନ୍ଧିବାର ମନ୍ତ୍ର ବୋଲି ସେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପିକା ଚିନ୍ମୟୀ ମିଶ୍ର, ଅଧ୍ୟାପିକା ସାଗରିକା ଦାସ, ଡକ୍ଟର ସରୋଜ କୁମାର ସାହୁ, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ନରେଶ ବେହେରା, ଅଧ୍ୟାପିକା ସରସ୍ୱତୀ ଦେଉରୀ, ଅଧ୍ୟାପିକା ଦେବସ୍ମିତା ରାଉତ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଅଧ୍ୟାପିକା ଜୟଶ୍ରୀ ଷଡଙ୍ଗୀ, ଅଧ୍ୟାପିକା ସଚଳା ଦେଇ, ଅଧ୍ୟାପକ ଚିନ୍ମୟୀ ଚିତ୍ତରଞ୍ଜନ ଦାସ, ଭୂପତି ଭୂଷଣ ପ୍ରଧାନ ପ୍ରମୁଖ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଯୋଗଦାନ କରିଥିଲେ । ଏହି ଅବସରରେ ବନ୍ଦେମାତରମ୍ ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଏନ୍.ସି.ସି, ଏନ୍.ଏସ୍.ଏସ୍., ରେଡ୍‌କ୍ରସ୍, ରୋଭରରେଞ୍ଜର ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

## ଘରୋଇ ବସ ମାଲିକ ସଙ୍ଘର ମାଲିକାନା ବିବାଦକୁ ନେଇ ନୂଆ ମୋଡ଼

**କୋରାପୁଟ:ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ ଘରୋଇ ବସ ମାଲିକ ସଂଘକୁ ନେଇ ଦୀର୍ଘ ଏକ ବର୍ଷ ଧରି ଲାଗି ରହିଥିବା ବିବାଦରେ ନୂଆ ମୋଡ଼ ଦେଖିବାକୁ ମିଳିଛି । ସଙ୍ଘର ପୂର୍ବତନ ସଭାପତି ଶରତ ଗୌଡ଼ ଅଭିଯୋଗ କରିଛନ୍ତି ଯେ କିଛି ଲୋକ ଚକ୍ରାନ୍ତ କରି ବିନା ପଞ୍ଜୀକରଣ ଓ ବେଆଇନ ଭାବେ ସଂଘ ଘୋଷଣା କରି ଆତ୍ମଘୋଷିତ ସଭାପତି ଓ ଉପସଭାପତି ସହ ଅନ୍ୟ ସଦସ୍ୟତା ଘୋଷଣା କରି ନିଜ ଆକ୍ତିଆରରେ ରଖିଥିଲେ । ଏହାକୁ ନେଇ ପୂର୍ବତନ ସଭାପତି ପ୍ରଶାସନର ଦ୍ୱାରସ୍ଥ ହେଇଥିଲେ । ସଭାପତି ଶରତ ଗୌଡ଼ଙ୍କ କହିବା ଅନୁସାରେ, କୋରାପୁଟ ଘରେଇ ବସ ମାଲିକ ସଂଘ ସୋସାଇଟି ଅଧିନିୟମ ୧୮୬୦ ଅନୁଯାୟୀ ନଂ.୪୦୧୦/୨/୨୦୦୫-୦୬ର ୨୦୦୫ ମସିହାରେ ନିୟମିତ ଭାବରେ ରେଜିଷ୍ଟର ହୋଇଥିଲା । ସଂଘର ପୁରୁଣା ଲେଖାପତ୍ର, ଦଲିଲ ଓ ଅଧିକାରିକ କାଗଜପତ୍ର ସ୍ପଷ୍ଟ କରୁଥିବା ସତ୍ତ୍ୱେ କିଛି କୁଚକ୍ରୀ ବସ ମାଲିକ ତାଙ୍କ ଅନୁପସ୍ଥିତିରେ ଚକ୍ରାନ୍ତ କରି ଏହି ସଂଘକୁ ନିଜ ନିୟନ୍ତ୍ରଣରେ ନେବାକୁ ଅପଚେଷ୍ଟା କରି ଦୀର୍ଘ ଏକ ବର୍ଷ ଅରାଜକତା ଚଲାଇଛନ୍ତି । ସେମାନଙ୍କ ଉପରେ ତାଙ୍କ ଅଭିଯୋଗ ଅବୈଧ ଭାବେ ନୂଆ ସଦସ୍ୟତା ଦେବା, ରେକର୍ଡ ହେରାଫେରା, ବିନା ଅନୁମତିରେ ସଂଘର ପ୍ରତ୍ୟେକ କାର୍ଯ୍ୟର ନିଷ୍ପତ୍ତି ନେବା ଓ ଜବରଦସ୍ତ ଭାବରେ ପଦ ଦାବି କରିବା କେତେ ଦୂର ଯୁକ୍ତି ଯୁକ୍ତ ତାହା ଆଗାମୀ ସମୟ ହିଁ କହିବ । "ତାଙ୍କ ପାଖରେ ସମସ୍ତ ବୈଧ ଲେଖାପତ୍ର, ରେଜିଷ୍ଟ୍ରେସନ୍ କପି ଓ ପୁରୁଣା ସଭା ରେକର୍ଡ ଅଛି । ତଥାପି କିଛି ଲୋକ ଏହାକୁ ଦଖଲରେ ରଖିବା ପାଇଁ ପ୍ରୟାସ କରୁଛନ୍ତି । ଏହା କେବଳ ଆଇନ ଉଲ୍ଲଂଘନ ନୁହେଁ, ସଂଘରେ ଅସନ୍ତୋଷ ଓ ଅବ୍ୟବସ୍ଥା ସୃଷ୍ଟି କରୁଛି," ବୋଲି ସଭାପତି ଶରତ ଗୌଡ଼ କହିଛନ୍ତି । ଏହି ବିବାଦର ସମାଧାନ ପାଇଁ ଯଥା ଶୀଘ୍ର ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ସୋସାଇଟି ନିୟମ ଅନୁସାରେ ଦାବିଦାର ଥିବା ସଦସ୍ୟମାନଙ୍କୁ ହସ୍ତାନ୍ତର କରିବାକୁ ଅନୁରୋଧ କରିଛନ୍ତି ପୂର୍ବତନ ସଭାପତି ଶରତ ଗୌଡ଼ ଓ ଏହା ଦ୍ୱାରା ବସ ମାଲିକ ସଙ୍ଘ ସୁଚାରୁ ରୂପେ ପରିଚାଳିତ ହେବା ସହ ସମସ୍ତ ଜନ ସାଧାରଣ ଉପକୃତ ହେବେ । ବର୍ତ୍ତମାନ ମାମଲା ପୋଲିସ ପାଖରେ ପହଞ୍ଚିଥିବା ବେଳେ କେବେ ଅନିୟମିତତା ଭାବେ ସଙ୍ଘ କରିଥିବା ଗୋଷ୍ଠୀ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ଅଛି । ବସ ମାଲିକ ଓ ଯାତ୍ରୀମାନଙ୍କ ମଧ୍ୟରେ ଏହା ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇ ପଡ଼ିଛି ।

## ଟ୍ରେନରୁ ପଡି ଶ୍ରମିକ ମୃତ

**ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ବଢୁଛି ଦାଦନ ଦୁଃଖ । ରୋଜଗାର ନମିଳିବାରୁ ପେଟ ପାଇଁ ଦାଦନ ହୋଇ ରାଜ୍ୟ ବାହାରକୁ ଯାଇ ଶବ ହୋଇ ନିଜ ଭିଟାମାଟି ଫେରୁଛନ୍ତି । ଆଉ କିଛି ଘଣ୍ଟା ହୋଇଥିଲେ ଘରେ ପହଞ୍ଚିଥାନ୍ତେ କିନ୍ତୁ ଘରକୁ ଶବ ହୋଇ ଫେରିଲେ । ଏହିପରି ଘଟଣା ଛତ୍ରପୁର ବ୍ଲକ ସୁନ୍ଦରପୁର ଅଞ୍ଚଳରେ ଘଟିଛି । ସୁନ୍ଦରପୁର ତଳସାହି ଶଙ୍କର ପ୍ରଧାନଙ୍କ ସାନ ପୁଅ ସୂର୍ଯ୍ୟ ନାରାୟଣ ପ୍ରଧାନ(୨୬) ଚେନ୍ନାଇରୁ ଟ୍ରେନ ଯୋଗେ ନିଜ ଭିଟାମାଟିକୁ ଫେରୁଥିବା ବେଳେ ଆନ୍ଧ୍ରପ୍ରଦେଶ କାକିନଡା ନିକଟରେ କୌଣସି କାରଣ ବସତଃ ଟ୍ରେନରୁ ଖସି ପଡିଯାଇଥିଲେ ।



ଘଟଣାସ୍ଥଳରେ ହିଁ ସୂର୍ଯ୍ୟ ନାରାୟଣଙ୍କ ମୃତ୍ୟୁ ଘଟିଥିଲା । ସେହି ଟ୍ରେନରେ ବାପା, ମା ଓ ସୂର୍ଯ୍ୟ ନାରାୟଣ ଫେରୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା । ଦୁଇ ବର୍ଷ ତଳେ ପରିବାର ପ୍ରତିପୋଷଣ ପାଇଁ ଚେନ୍ନାଇକୁ ଦାଦନ ଖଟିବାକୁ ଯାଇଥିଲେ । ଘଟଣାର ଖବର ପାଇ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କାଳିଆ ନାହାକ ଘଟଣା ସ୍ଥଳରେ ପହଞ୍ଚି ଶବ କିପରି ନିଜ ଭିଟାମାଟିକୁ ଫେରିବ ତାହାର ବ୍ୟବସ୍ଥା କରିବା ସହ ଜିଲ୍ଲା ପ୍ରଶାସନକୁ ଘଟଣା ସଂପର୍କରେ ଅବଗତ କରାଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲାଦର ମନୋଜ ପ୍ରଧାନ ମୃତକଙ୍କ ଘରେ ପହଞ୍ଚି ମୃତକଙ୍କ ମାଙ୍କୁ ୩୦ ହଜାର ଟଙ୍କାର ରେଡକ୍ରସରୁ ସହାୟତା ପ୍ରଦାନ କରିଥିଲେ । କିଛି ମାସ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ଏହିପରି ଦୁଃଖଦ ଘଟଣା ଦେଖିବାକୁ ମିଳୁଛି । ଦାଦନ ହୋଇ ଯାଇ କିଏ ତ ନିର୍ଯାତିତ ହେଉଛି ତ କିଏ ଶବ ହୋଇ ଗାଁକୁ ଫେରୁଛି ।

## ବାଳିକା କବାଡି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କିସ୍ ଚମ୍ପିୟାନ୍

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**



ଆଜି ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଆନୁକୁଲ୍ୟରେ ବାଙ୍କୀ ରାଣୀ ଶୁକଦେଈ ମହିଳା ଉଚ୍ଚବିଦ୍ୟାଳୟ ସହାୟତାରେ ରାଣୀ ଶୁକଦେଈ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆ ଠାରେ ରାଜ୍ୟ ସ୍ତରୀୟ ୧୯ବର୍ଷରୁ କମ୍ ବାଳିକା କବାଡି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ୫ଦିନ ବ୍ୟାପି ଏହି ଟୁର୍ଣ୍ଣାମେଣ୍ଟରେ ୧୨ଗୋଟି ବାଳିକା ଟିମ୍ କିସ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ସମ୍ପାଟଣା କେନ୍ଦୁଝର, ମୁନିସ୍‌ପାଲ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରାଉରକେଲା, ପିପୁଲସୁ ଉଚ୍ଚମାଧ୍ୟମିକ ବୁଗୁଡା, ରାଣୀ ଶୁକଦେଈ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଆଦିବାସୀ ଉଚ୍ଚମାଧ୍ୟମିକ ବାଲିଗୁଡା, ମାଣ୍ଡୋସିଲ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁରିବାହାଲ, ଶୁଭଦ୍ରା ମହତାବ ଅସୁରେଶ୍ୱର, ସୋର ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ବାଲେଶ୍ୱର, ଉତ୍କଳମଣି ଗୋପବନ୍ଧୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସାକ୍ଷୀଗୋପାଳ ଓ ହୃଷିକେଶ ରାୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରାଉରକେଲା ଭାଗନେଇଥିଲେ । ଆଜି ଫାଇନାଲ୍ ଖେଳରେ କିସ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ବିଜୟ ଲାଭ କରିଥିବା ବେଳେ ମୁନିସ୍‌ପାଲ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରାଉରକେଲା ଉପବିଜେତା ହୋଇଥିଲେ । ଏହି ପରିପ୍ରେକ୍ଷୀରେ ଆୟୋଜିତ ପୁରସ୍କାର ବିତରଣି ଉତ୍ସବରେ ରାଣୀଶୁକଦେଈ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା କବିତା ମହାପାତ୍ର ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଯୋଗଦାନ କରି କବାଡି ଖେଳ ହେଉଛି ଭାରତର ନିଜସ୍ୱ ଖେଳ ବୋଲି ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଏହି କବାଡି ଖେଳ ଏବେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ସମ୍ମାନ ପାଇବା ସହିତ ଭାରତର କବାଡି ଖେଳାଳୀମାନେ ତାଙ୍କର କ୍ରୀଡା ନୈପୁଣତା ପାଇଁ ପ୍ରସିଦ୍ଧ ଅଟନ୍ତି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ରାଣୀ ଶୁକଦେଈ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଜ୍ୟୋସ୍ନା ରାଣୀ ପଟ୍ଟନାୟକ, ବାଙ୍କୀ କଲେଜ କ୍ରୀଡା କ୍ଲବର ଉପସଭାପତି ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ ପ୍ରମୁଖ ଯୋଗଦାନ କରିଥିଲେ । କ୍ରୀଡା ଶିକ୍ଷକ ନିରଞ୍ଜନ ସାହୁ ଖେଳ ସଂପର୍କରେ ସୌମ୍ୟକ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଅଶୋକ କୁମାର ଦାସ, ସୁମନ୍ତ ରାଉତ, ଜଗନ୍ନାଥ ଦଳେଇ, ନାରାୟଣ ଜେନା, କ୍ଷୀରୋଦ କୁମାର ପଟ୍ଟନାୟକ, ସମରେନ୍ଦ୍ର ନାୟକ, ବିଜୟ ମହାପାତ୍ର, ସ୍ନେହଲତା ମହାପାତ୍ର, ମନୋଜ କୁମାର ଦୈଳନା ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଣୀ ଶକୁଦେଈ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ କର୍ମଚାରୀ ଯୋଗଦାନ କରିଥିଲେ । ଶେଷରେ କ୍ରୀଡା ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମସ୍ୟାରେ ସାକ୍ଷୀଗୋପାଳ ରେଳ ଫାଟକ

**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଦୀର୍ଘ ଏକ ମାସ ହେବ ସାକ୍ଷୀଗୋପାଳ ରେଳ ଫାଟକ ନମ୍ବର (କେପି-୨୭) ଖାଲ ଢିପ ଅବସ୍ଥାରେ ରହିଛି । ଫଳରେ ଜନସାଧାରଣ, ତୀର୍ଥ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ରୋଗୀମାନେ ଯାଉଥିବା ଗାଡ଼ି ସବୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀପାବଳି ପୂର୍ବରୁ ଅଧା କାର୍ଯ୍ୟ କରି ଯାଇଥିବା ଠିକାଦାର ଏବେ କାର୍ଯ୍ୟ କରୁଥିବାରୁ ବହୁତ ସମୟ ଧରି ଗେଟ୍ ବନ୍ଦ ରହୁଛି । ଏହି ସମସ୍ୟା ବାବଦରେ ଷ୍ଟେସନ ମାଷ୍ଟରଙ୍କ ସହିତ ଆଲୋଚନା କରିବାରୁ ସେ ଇଂଜିନିୟରଙ୍କ ସହିତ କଥା ହେବାକୁ କହିଲେ ଏବଂ ଇଂଜିନିୟର ବାବୁଙ୍କ ଦରଖାସ୍ତ ଦେବାକୁ କହିଲେ । ସ୍ଥାନୀୟ ବାସିନ୍ଦା ଏବଂ ସାକ୍ଷୀଗୋପାଳ ମନ୍ଦିରକୁ ପ୍ରତିଦିନ ହଜାର ହଜାର ତୀର୍ଥଯାତ୍ରୀ ଏହି ରାସ୍ତା ଦେଇ ଯିବା ଆସିବା ସମୟରେ ଅସୁବିଧା ଭୋଗୁଥିବାରୁ ସାକ୍ଷୀଗୋପାଳ ବଜାର ରେଳ ଫାଟକ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ଜନସାଧାରଣ ଦାବି କରିଛନ୍ତି ।




**AFFIDAVIT**

By virtue of an affidavit sworn before the Excutive Magistrate,Tirtol,dated-28.07.2025,I Subal Kumara Behera, S/o-Dhuleshwara Behera,Vill-Mulisingh, Po-Harisinghpur, Ps-Tirtol, Dist-Jagatsinghpur, Odisha, declare that, I have changed my first name from Subala Kumara Behera to Subal Kumara Behera. Henceforth I shall be known as Subal Kumara Behera for all purposes.

Sd/- Subal Kumara Behera.

ଶେଷ ପୃଷ୍ଠା

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 8th November, 2025 Saturday | RNI Regd. No. ODIODI/2009/28880

## ନୂଆପଡ଼ାରେ ଟାର୍ଗେଟ୍ କଲେ ନବୀନ
## ୩୦୦ ୟୁନିଟ ବିଜୁଳି ମିଳିଲା କି ?




**ନୂଆପଡ଼ା,୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜମୁଛି ନୂଆପଡ଼ା ଉପନିର୍ବାଚନ ପ୍ରଚାର। ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରଚାର କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ଭୋଟ୍ ମାଗିଛନ୍ତି ନବୀନ। ପ୍ରଥମେ ରୋଡ୍ ଶୋ' ପରେ ଏକ ସାଧାରଣ ସଭାରେ ଉଦବୋଧନ ଦେଇଛନ୍ତି ବିଜେଡି ସୁପ୍ରିମୋ। ଏହି ସଭାରେ ସାଧାରଣ ନିର୍ବାଚନ ବେଳେ ସରକାରୀ ଦଳ ଦେଇଥିବା ପ୍ରତିଶ୍ରୁତିକୁ ନେଇ ଟାର୍ଗେଟ୍ କରିଛନ୍ତି ନବୀନ।

ନବୀନ କହିଛନ୍ତି, ରାଜୁ ଭାଇଙ୍କୁ ମୋ କ୍ୟାବିନେଟ୍‌ରେ ମନ୍ତ୍ରୀ କରିଥିଲି। ନୂଆପଡ଼ାର ବିକାଶରେ ସହଯୋଗ କରିଥିଲି। ବିଜେଡି କଥାରେ ନୁହେଁ କାମରେ ବିଶ୍ୱାସ କରେ। ନୂଆପଡ଼ାରେ ବିଜୁ ଏକ୍ସପ୍ରେସ୍ ୱେ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ଆଦିବାସୀ କଲ୍ୟାଣରେ ବିକାଶ ହେଉଥିଲା କିନ୍ତୁ ଏବେ ସବୁ ବନ୍ଦ। ଏବେ ବିକାଶ ହେଉନି। ମିଥ୍ୟା ପ୍ରତିଶ୍ରୁତିରେ ସରକାର ଚଳେନି। ୫୦୦ ଦିନରେ ସରକାର କ'ଣ କରିଛନ୍ତି ? ୩୦୦ ୟୁନିଟ ବିଜୁଳି ମିଳିଲା କି ? ଚାଷୀଙ୍କୁ ୟୁରିଆ ମିଳିଲା କି ? ଯୁବକଙ୍କୁ ନିଯୁକ୍ତି, କଟନୀ ଛଟନୀ ବନ୍ଦ ହେଲା କି ? ତେବେ କ'ଣ ମିଳିଲା, ମିଳିଲା ତ କେବଳ ଧୋକା, ଡବଲ ଧୋକା।

ଗତ ୩ ତାରିଖରେ କୋମନା ଆସିଥିଲି। ଲୋକ ଯେମିତି ଅଧିକ ନ ହେବେ, ସବୁ ପ୍ରକାର ଚେଷ୍ଟା କରିଥିଲେ। ଲୋକ ଭାରି ସଂଖ୍ୟାରେ ଆସିଲେ। ସେଥିପାଇଁ କୋମନା ଭୋଟରଙ୍କୁ ଧନ୍ୟବାଦ। ପ୍ରାର୍ଥୀ ଚୋରି କରିବେ ଭୋଟରଙ୍କ ହୃଦୟ ଜିତିପାରିବେନି। କୋମନାରେ ଭୋଟରଙ୍କ ମନରେ ଯେଉଁ ଦୁଃଖ ଆକ୍ରୋଶ ଥିଲା ତାହା ଆଜି ବି ଦେଖିପାରୁଛି। ଆପଣଙ୍କ ଏବଂ ମୋ ସହିତ ବେଇମାନି ହୋଇଛି ବୋଲି ନବୀନ କହିଛନ୍ତି। ନୂଆପଡ଼ାରେ ଆଜିର ଏହି ନବୀନଙ୍କ ରୋଡ୍ ଶୋ'ରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ନବୀନଙ୍କୁ ଦେଖିବାକୁ ନୂଆପଡ଼ା ରାସ୍ତା ଜନସମୁଦ୍ର ପାଲଟିଥିଲା। ନବୀନଙ୍କ ରୋଡ୍ ଶୋ'ରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସହ ଅନ୍ୟ ବରିଷ୍ଠ ନେତାମାନେ ସାମିଲ ଥିଲେ।

# ସାମିଙ୍କ ପତ୍ନୀଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ମାସକୁ ୪ ଲକ୍ଷ କ'ଣ ଯଥେଷ୍ଟ ନୁହେଁ ?

**ନୂଆଦିଲ୍ଲୀ,୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ କ୍ରିକେଟର ଟିମର ଦ୍ରୁତ ବୋଲର ମହମ୍ମଦ ଶାମି ଓ ପଶ୍ଚିମବଙ୍ଗ ସରକାରଙ୍କୁ ନୋଟିସ କରିଛନ୍ତି ସୁପ୍ରିମକୋର୍ଟ। ସାମିଙ୍କ ଠାରୁ ଅଲଗା ରହୁଥିବା ପତ୍ନୀ ହସିନା ଜାହାନଙ୍କ ଆବେଦନ ପରେ ସୁପ୍ରିମକୋର୍ଟ ଏପରି ନୋଟିସ କରିଛନ୍ତି। ଭରଣ ପୋଷଣ ବାବଦରେ ସାମିଙ୍କଠାରୁ ମାସିକ ୪ ଲକ୍ଷ ଟଙ୍କା ହସିନା ପାଉଛନ୍ତି। ଏହି ଟଙ୍କା ତାଙ୍କୁ ଓ ତାଙ୍କ ଝିଅଙ୍କୁ ପାଉନାହିଁ। ଭରଣପୋଷଣ ଅର୍ଥକୁ ବୃଦ୍ଧି କରିବା ପାଇଁ ସେ ସୁପ୍ରିମକୋର୍ଟରେ ପହଞ୍ଚିଛନ୍ତି। ସୁପ୍ରିମକୋର୍ଟ ତାଙ୍କ ଆବେଦନକୁ ଗ୍ରହଣ କରି ସାମି ଓ ବେଙ୍ଗଲ ସରକାରଙ୍କୁ ନୋଟିସ ପଠାଇଛନ୍ତି। କ୍ୟାଲକାଟା ହାଇକୋର୍ଟ ନିକଟରେ ହସିନା ଜାହାନଙ୍କ ଆବେଦନକୁ ଗ୍ରହଣ କରି ସାମିଙ୍କୁ ଭରଣପୋଷଣ ବାବଦରେ ମାସିକ ୪ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ହସିନାଙ୍କ ପାଇଁ ୧.୫ ଲକ୍ଷ ଓ ଝିଅ ପାଇଁ ଶାମି ମାସିକ ୨.୫ ଲକ୍ଷ ଟଙ୍କା କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦେଉଛନ୍ତି।

ହେଲେ କ୍ୟାଲକାଟା ହାଇକୋର୍ଟରେ ଅଧିକ ଅର୍ଥ ପାଇଁ ଆବେଦନ କରି ବିଫଳ ହେବା ପରେ ହସିନା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛନ୍ତି। ସାମିଙ୍କ ରୋଜଗାର ଓ ଜୀବନ ଶୈଳୀ ତୁଳନାରେ ୪ ଲକ୍ଷ ଟଙ୍କା କିଛି ନୁହେଁ। ଏହାକୁ ବୃଦ୍ଧି କରାଯିବାର ଆବଶ୍ୟକତା ଥିବା ଥିବା ସେ କହିଛନ୍ତି।

ଆଜି ସମ୍ୟକ ଶୁଣାଣି ବେଳେ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ "ମାସିକ ୪ ଲକ୍ଷ ଟଙ୍କା କ'ଣ ଅଧିକ ନୁହେଁ ?" ଏକଥା କହିବା ସତ୍ତ୍ୱେ ସର୍ବୋଚ୍ଚ ଅଦାଲତ ସାମି ଓ ବେଙ୍ଗଲ ସରକାରଙ୍କୁ ନୋଟିସ ପଠାଇ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ଶେଷ ଆଡକୁ ହେବ।

ଶୁଣାଣି ବେଳେ ହସିନା ଜାହାନଙ୍କ ଓକିଲ ଯୁକ୍ତି ଉପସ୍ଥାପନ କରି କହିଥିଲେ ଯେ ଭାରତୀୟ କ୍ରିକେଟର ସାମିଙ୍କ ଆୟ ଓ ସମ୍ପତ୍ତି ତୁଳନାରେ ବର୍ତ୍ତମାନର ଭରଣପୋଷଣ ଖର୍ଚ୍ଚ ବହୁତ କମ। ସାମି ବିପୁଳ ଟଙ୍କା ଆୟ କରୁଛନ୍ତି।



ତାଙ୍କ ପାଖରେ ଶହଶହ କୋଟିର ସମ୍ପତ୍ତି, ଦାମୀ କାର ରହିଛି। ସେ ସବୁବେଳେ ବିଦେଶ ଭ୍ରମଣ କରୁଛନ୍ତି ଓ ବିଳାସପୂର୍ଣ୍ଣ ଜୀବନ ବିତାଉଛନ୍ତି। ସେହି ଅନୁସାରେ ହସିନା ଓ ତାଙ୍କ ଝିଅ ମଧ୍ୟ ଭରଣପୋଷଣ ଅର୍ଥ ପାଇବା ଦରକାର ବୋଲି ଓକିଲ ଜଣଙ୍କ କହିଛନ୍ତି।

ଆବେଦନରେ ଆହୁରି ଅଭିଯୋଗ କରାଯାଇଛି ଯେ ପାରିବାରିକ ଅଦାଲତ ଓ କ୍ୟାଲକାଟା ହାଇକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ସାମି ମାସିକ ଭରଣପୋଷଣ ଖର୍ଚ୍ଚ ଠିକଣା ସମୟରେ ଦେଉ ନାହାନ୍ତି। ଯଦିଓ ହିସନା ତାଙ୍କ ସ୍ୱାମୀଙ୍କ ଆୟ ଉପରେ ଅଧିକାର ଜାହିରି କରୁନାହାନ୍ତି, କିନ୍ତୁ ଏହା ଉପରେ ସେମାନଙ୍କ ଝିଅର ଅଧିକାର ରହିଛି। ବାପାଙ୍କ ଭଳି ଝିଅର ବିଳାସପୂର୍ଣ୍ଣ ଜୀବନ ବିତାଇବାର ଅଧିକାର ରହିଛି। କୋର୍ଟ ଏକଥା ଶୁଣିବା ପରେ ସାମିଙ୍କୁ ଜବାବ ମାଗିଛନ୍ତି।

ନିକଟରେ କ୍ୟାଲକାଟା ହାଇକୋର୍ଟ ସାମିଙ୍କୁ ବଡ ଝଟକା ଦେଇଥିଲେ। ପତ୍ନୀ ହସିନା ଜାହାନଙ୍କ ଠାରୁ ଛାଡ ପତ୍ର ଚାହୁଁଥିବା ସାମିଙ୍କୁ କୋର୍ଟ ଭରଣପୋଷଣ ପାଇଁ ମାସିକ ୪ ଲକ୍ଷ ଟଙ୍କା ଲେଖାଏ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ସାମି ଭରଣପୋଷଣ ପାଇଁ ମାସିକ ୪ ଲକ୍ଷ ଟଙ୍କା ଦେବେ।

ଏହା ମଧ୍ୟରୁ ୧.୫ ଲକ୍ଷ ହସିନା ଓ ବାକି ୨.୫୦ ଲକ୍ଷ ଟଙ୍କା ଝିଅ ପାଇଁ ଖର୍ଚ୍ଚ ହେବ। ଏହି ଭରଣପୋଷଣ ଅର୍ଥ ପିଛିଲା ଭାବେ ୭ ବର୍ଷ ତଳୁ ଲାଗୁ ହେବ। ହାଇକୋର୍ଟ ତଳ କୋର୍ଟଙ୍କୁ ୬ ମାସ ମଧ୍ୟରେ ମାମଲାର ରଫାଦଫା କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଦତ୍ତ ଆଇନ ଅନୁସାରେ ହସିନା ଏପରି ମାମଲା କରିଥିଲେ। ସାମିଙ୍କଠାରୁ ୧୦ ଲକ୍ଷ ଟଙ୍କାର ଭରଣପୋଷଣ ପାଇଁ ହସିନା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ନିଜ ପାଇଁ ୭ ଲକ୍ଷ ଓ ଝିଅ ପାଇଁ ୩ ଲକ୍ଷ ଟଙ୍କା ସାମିଙ୍କ ଠାରୁ ଆଣିବାକୁ ଚାହୁଁଥିଲେ।

କିନ୍ତୁ ତଳ କୋର୍ଟ ଏହାକୁ ଖାରଜ କରି ଦେଇଥିଲେ। କିନ୍ତୁ ହାଇକୋର୍ଟ ଭରଣପୋଷଣ ପାଇଁ ମାସିକ ୪ ଲକ୍ଷ ଟଙ୍କା ଉଭୟ ମା' ଓ ଝିଅଙ୍କୁ ଦେବାକୁ କହିଥିଲେ। ସାମି ୪ ଲକ୍ଷ ଟଙ୍କାର ଭରଣପୋଷଣ ଖର୍ଚ୍ଚ ଦେବାକୁ ସକ୍ଷମ। ସେହିପରି ହସିନା ମଧ୍ୟ ଦ୍ୱିତୀୟ ବିବାହ କରି ନଥିବାର, ସେ କ୍ଷତିପୂରଣ ପାଇବାକୁ ଯୋଗ୍ୟ ବୋଲି କହି କୋର୍ଟ ନିଜ ରାୟରେ କହିଥିଲେ।

# ବାଲି ଚୋରି: ବର୍ଷକୁ ୫୦ କୋଟି ଜରିମାନା

**ଭୁବନେଶ୍ୱର,୭।୧୧ : ତଥ୍ୟ**

ବାଲି ଚୋରଙ୍କ ଠାରୁ ବର୍ଷକୁ ପାଖାପାଖି ୫୦ କୋଟି ଟଙ୍କାର ଜୋରିମାନା ଆଦାୟ ହେଉଥିଲେ ମଧ୍ୟ ଏହି ଚୋରିକୁ ଯେଭଳି ରୋକଯିବାକଥା ତାହା ହୋଇପାରୁ ନାହିଁ। ବାଲି ଚୋରଙ୍କ ଉତ୍ପାତରେ କେବଳ ନଦୀଶଯ୍ୟା ଖାଲି ହୋଇଯାଉଛି ତାହା ନୁହେଁ, ଗାଁ ଗହଳରେ ନିର୍ମାଣ କାର୍ଯ୍ୟ ଉପରେ ମଧ୍ୟ ଏହାର ପ୍ରଭାବ ପଡିଲାଣି। ବାଲି ଚୋରଙ୍କୁ ଧରିବାପାଇଁ ସରକାର ବିଭିନ୍ନ ପ୍ରକାର ପଦ୍ଧତି ଆପଣେଇଛନ୍ତି। ଗତ ଆର୍ଥିକ ବର୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ବାଲି ଚୋରଙ୍କୁ ଧରିବାପାଇଁ ୪ହଜାରରୁ ଅଧିକ ଚଢଉ କରାଯାଇଥିଲା। ଚଢଉ ସମୟରେ ସାଢେ ୪ହଜାରରୁ ଅଧିକ ଗାଡିମୋଟର ଜବତ ହୋଇଥିବାବେଳେ ଚୋରଙ୍କ ଠାରୁ ୪୮ କୋଟି ଟଙ୍କାରୁ ଅଧିକ ଜୋରିମାନା ଆଦାୟ କରାଯାଇଥିଲା। ଚଳିତ ଆର୍ଥିକବର୍ଷରେ ଜୁଲାଇ ଶେଷ ସୁଦ୍ଧା ବାଲି ଚୋରଙ୍କ ଉପରେ ତିନି ହଜାର ଛଢଉ ସହିତ ସେମାନଙ୍କ ଠାରୁ ଆଦାୟ ଜୋରିମାନା ପରିମାଣ ୧୮ କୋଟି ଟଙ୍କାକୁ ଟପିଲାଣି। ଏହି ଜୋରିମାନା ଆଦାୟ ଗତ ଆର୍ଥିକ ବର୍ଷକୁ ଟପିଯିବ ବୋଲି ଆକଳନ କରାଯାଉଛି। ବାଲି ଚୋରମାନେ ଏବେ



ବିଭିନ୍ନ ନଦୀ ଶଯ୍ୟାରେ ଯେତିକି ଅଞ୍ଚଳ ଲିଜ୍ ଆକାରରେ ନେଉଛନ୍ତି ତାହାଠାରୁ ଅଧିକ ପରିମାଣରେ ବାଲି ଉଠାଉଛନ୍ତି। ଦିନ ରାତି ନଦୀଶଯ୍ୟା ଖାଲି କରିବାରେ ଲାଗିଛନ୍ତି। ଯାନ୍ତ୍ରିକ ପଦ୍ଧତିରେ ବାଲି ଉଠାଉଥିବାରୁ ଏହାର ହିସାବ ସରକାରୀକଳ ପାଉ ନାହାନ୍ତି। ଏହି ବାଲି ଚୋରିରେ ମାଫିଆମାନେ ଜଡିତ ଥିବାରୁ ବହୁ ସ୍ଥାନରେ ସରକାରୀ ବାବୁମାନେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାହସ କୁଳାଇ ପାରୁନାହାନ୍ତି। ଯେଉଁଠାରେ ବି ଚଢଉ ହେଉଛି ସେଠାରେ ବାଲି ଚୋରମାନେ ସରକାରୀ ଅଧିକାରୀଙ୍କୁ ମାଡ ମାରିବା ସହିତ ଗାଡି ଚଢାଇ ହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି। ଏ ନେଇ ରାଜ୍ୟର ବିଭିନ୍ନ ସ୍ଥାନରୁ ନିୟମିତ ଖବର ଆସିବାରେ ଲାଗିଛି।

ତେବେ ବାଲି ଚୋରି ଓ ମାଫିଆମାନେ ଏଥିରେ ଜଡିତ ହେଉଥିବାରୁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ସରକାରୀ ଯୋଜନାରେ ଗାଁ ଗହଳରେ ଘର କରୁଥିବା ହିତାଧିକାରୀମାନେ। ମାଫିଆମାନେ ବାଲି ଲୁଟ୍ ସହିତ ଏହାର ଦର ଆଖିବୁଜା ଭାବେ ବଢାଉଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ସରକାରୀ ଯୋଜନାରେ ଘରଖଣ୍ଡିଏ କରିବା ସହଜସାଧ ହେଉନାହିଁ। କାରଣ ସରକାରୀ ଯୋଜନାରେ ଘର ତିଆରି ପାଇଁ ନିର୍ଦ୍ଦିଷ୍ଟ ଅର୍ଥରାଶି ଯୋଗାଇ ଦିଆଯାଉଥିବାବେଳେ ବାଲିର ଦର କିନ୍ତୁ ନିୟନ୍ତ୍ରଣ କରୁନାହାନ୍ତି। ଆବାସ ହିତାଧିକାରୀମାନଙ୍କ ବାଲି ଭଳି ଲଘୁ ଖଣିଜ ସାମଗ୍ରୀ ମାଗଣାରେ ଯୋଗାଣ ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରହିଥିଲେ ମଧ୍ୟ ତାହା ଉପରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ପାରୁନାହିଁ।

ବାଲି ପରିବହନ ପାଇଁ ଅନଲାଇନ୍‌ରେ ଟ୍ରାଞ୍ଜିଟ୍ ପାଶ୍, ଟାସ୍କଫୋର୍ସ ଗଠନ, ବାଲି ଖଣିକୁ ଡିଜିପିଏସ୍ ସର୍ଭେ ସହିତ ଖୁଣ୍ଟ ପୋତି ସୀମା ନିର୍ଦ୍ଧାରଣ କରିବା, ସମସ୍ତ ବାଲି ଖଣି ଇଲାକାରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ନିୟମ କାନୁନ୍ କରିଛନ୍ତି। ହେଲେ ଏହାକୁ ଅଧିକାଂଶ ସ୍ଥଳରେ କେହି ପାଳନ କରୁନାହାନ୍ତି। ମନଇଚ୍ଛା ବାଲି ଖନନ ଫଳରେ ବହୁ ସ୍ଥାନେର ନଦୀଶଯ୍ୟା ଖାଲି ହୋଇ ବର୍ଷାଦିନେ ନଦୀ ତାହାର ଗତପଥ ବଦଳାଇ ଦେଉଛି। ଏଥି ସହିତ ଯେଉଁ ଅଞ୍ଚଳରେ ବାଲି ଚୋରମାନେ ଦିନ ରାତି ଟ୍ରାକ୍ଟର ଓ ବଡ ବଡ ଟ୍ରକରେ ବାଲି ପରିବହନ କରୁଛନ୍ତି ସେଠାରେ ରାସ୍ତାଘାଟ ଓ ନଦୀବନ୍ଧକୁ ନଷ୍ଟ କରିଦେଉଛନ୍ତି। ଏ ବାବଦରେ ବି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିବାରେ ଲାଗିଛନ୍ତି। ଏତେ ସବୁ ସତ୍ତ୍ୱେ ରାଜ୍ୟରେ କିନ୍ତୁ ବେଧଡକ ବାଲି ଚୋରି ଚାଲିଛି ଓ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି।

## କଟକ କେନ୍ଦ୍ର ସମବାୟ ବ୍ୟାଙ୍କରେ ଚାଲିଛି ପରିଚାଳକଙ୍କ ମନମାନୀ
# ମାସ ମାସ ଧରି ଦୌଡୁଛନ୍ତି ଗ୍ରାହକ: ମିଳୁନି ଟଙ୍କା

**ରାଜନଗର,୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକରେ ଥିବା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରେ ଗ୍ରାହକମାନଙ୍କୁ ହିନସ୍ତା ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ଗତ ଖରିଫ ଋତୁରେ ଧାନ ବିକିଥିବା ଚାଷୀମାନଙ୍କ ଟଙ୍କା ଏହି ଶାଖାକୁ ଆସିଥିଲା। ମାତ୍ର ଚାଷୀମାନେ ବାରମ୍ବାର ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଆସୁଥିଲେ ମଧ୍ୟ ଟଙ୍କା ନଥିବା କହି ଫେରାଇ ଦେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ବ୍ଲକ ସାନବଡଗୋପାଳପୁର ପଚାଂୟତ ବଡଓଲରା ଗ୍ରାମର ବିଶ୍ୱନାଥ ସ୍ୱାଇଁ କୁହନ୍ତି ସାତମାସରୁ ଉର୍ଦ୍ଧ୍ୱ ହେଲାଣି ମୁଁ ଧାନ ଦେଇସାରିଛି। ମୋତେ ବ୍ୟାଙ୍କରୁ ଟଙ୍କା ମିଳୁନି। ଆଉ ଦୁଇମାସ ପରେ ଧାନମଣ୍ଡି ଖୋଲିବ। ଗତ ଧାନମଣ୍ଡିରେ ଦେଇଥିବା ଧାନ ବିକ୍ରିର ଟଙ୍କା ପାଇଁ ବାରମ୍ବାର ବ୍ୟାଙ୍କକୁ ଦୌଡିଥିଲେ ମଧ୍ୟ ବ୍ୟାଙ୍କ ପରିଚାଳକ ଶୁଣିବାକୁ ନାରାଜ। ନିରାଶ ହୋଇ ଫେରିବାକୁ ପଡୁଛି। ସେହିପରି ଏହି ପଚାଂୟତ ନୁରୁଗାଁର ନିମାଇଁ ବାରିକ, ଯୋଗେନ୍ଦ୍ର ସାହୁ, ବାସୁଦେବ ସାହୁ, ଜଗନ୍ନାଥପୁର ଗ୍ରାମର ଅଚ୍ଛୁତାନନ୍ଦ ବଳ, ଭାଟପଡା ଗ୍ରାମର ମହେନ୍ଦ୍ରକୁମାର ସେଠୀଙ୍କ ପରି ଶତାଧିକ ଚାଷୀ ଗତ ଧାନମଣ୍ଡିରେ ଧାନ ଦେଇ ଟଙ୍କା ପାଇନଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧୁଛି। ଅପରପକ୍ଷରେ ସମବାୟ ସମିତି ଜରିଆରେ ୨୦୨୪ ମସିହା ଋଣ ସୁଝି ଖରିଫ ଋତୁରେ ଚାଷ କାର୍ଯ୍ୟ ପାଇଁ ଋଣ କରିଥିଲେ ମଧ୍ୟ ୨୦୨୫ ମସିହା ଖରିଫ ଋତୁ ଶେଷ ହୋଇଯାଇଥିଲେ ମଧ୍ୟ ଏଯାବତ୍ ଚାଷୀମାନେ ଋଣ ଟଙ୍କା ପାଇନଥିବା ଅଭିଯୋଗ ହୋଇଛି। ବ୍ୟାଙ୍କରୁ ଟଙ୍କା ନପାଇ ଚାଷୀମାନେ ନିରାଶ ହୋଇ ଫେରୁଥିବା ବେଳେ ପରିଚାଳକ ଏହାକୁ କର୍ଣ୍ଣପାତ କରୁନଥିବା ନେଇ ମନୋରଂଜନ ବାରିକ, ସନାତନ ବାରିକ, ଭାବଗ୍ରାହୀ ବିଶ୍ୱାଳ, ମଙ୍ଗୁଳିଚରଣ ପ୍ରଧାନ, ବିଶ୍ୱନାଥ ରାଉତରାୟ, ବାଇଧର ପ୍ରଧାନ ଓ ସଚ୍ଚିକାନ୍ତ ରାଉରାୟ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ଶାଖା ପରିଚାଳକ ବିଶ୍ୱପ୍ରକାଶ ସାମଲଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

## ଐତିହାସିକ କଟକ ବାଲିଯାତ୍ରାର ତୃତୀୟ ଦିନରେ ପ୍ରବଳ ଜନସମାଗମ

**କଟକ,୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଯାତ୍ରା ପଡ଼ିଆକୁ ସଂଯୋଗ କରୁଥିବା ସବୁ ରାସ୍ତାରେ ଚକ ଏବଂ ଅଖ ଜାମ। ଗାଡ଼ି ଘୋଡ଼ା ଠପ। ଐତିହାସିକ କଟକ ବାଲିଯାତ୍ରାର ତୃତୀୟ ଦିନ ମେଳାରେ ଲୋକଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ଏପରିକି ଅପରାହ୍ନ ୫ଟା ସୁଦ୍ଧା ସମସ୍ତ ୧୦ଟି ପାର୍କିଂ ସ୍ଥଳରେ ଗାଡ଼ି ଭର୍ତ୍ତି ହୋଇଯାଇଥିଲା। ଅସମ୍ଭାଳ ଭିଡ଼ ଯୋଗୁଁ ଆଜି ଶୁକ୍ରବାର ବାଲିଯାତ୍ରା



ପଡ଼ିଆରେ ସୋରିଷ ପକାଇବାକୁ ବି ଜାଗା ନଥିଲା। ଏପରିକି ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। କାର୍ତ୍ତିକମାସ ଶେଷ ହେବା ପରେ ଗୁରୁବାର ଥିଲା ଛାଡ଼ଖାଇ। ଅଧିକାଂଶ ଲୋକେ ସେଦିନ ଆମିଷ ଖାଇନଥିଲେ। ତେଣୁ ଶୁକ୍ରବାର ଦିନ ଛାଡ଼ଖାଇ ପାଳନ କରିବା ସହିତ ବାଲିଯାତ୍ରା ବୁଲିବା ପାଇଁ ମେଳାରେ ପ୍ରବଳ ଜନସମାଗମ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

### ବାରହା ଫାଶରେ...

ଘଟଣାସ୍ଥଳରେ ଗଣେଶ ପୂଜାରୀଙ୍କ ନେତୃତ୍ୱରେ ବିଦ୍ୟୁତ ବିଭାଗର ଏକ ଟିମ୍ ପହଂଚି ବିଦ୍ୟୁତ ସଜାଡୁଥିବା ଜଣାପଡିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

ଲକ୍ଷ୍ମୀପୁର ବ୍ଲକର ପ୍ରାୟ ଅଧିକାଂଶ ଆଭ୍ୟନ୍ତରୀଣ ଅଞ୍ଚଳରେ ବିଦ୍ୟୁତ ତାରରେ ଫାଶ ଲଗାଯାଇ ବନ୍ୟଜନ୍ତୁ ଶିକାର କରାଯାଉଛି। ବନ୍ୟଜନ୍ତୁ ଶିକାର ହେଉଥିବା ନେଇ ପ୍ରଶାସନ ଠାରୁ ଆରମ୍ଭ କରି ପୁଲିସ, ବନବିଭାଗ, ବିଦ୍ୟୁତ ବିଭାଗ ପାଖରେ ଖବର ରହିଛି। ବିଦ୍ୟୁତ ବିଭାଗ କର୍ମଚାରୀ ଖୁଣ୍ଟରୁ ଲଗାଯାଉଥିବା ଫାଶ କାଢ଼ିକାଢ଼ି ନାକେଦମ ହୋଇଗଲେଣି। ବାର୍‌ହା ଫାଶ ଜଙ୍ଗଲରେ ଲଗାଯାଉଥିବା ବେଳେ ଏଥିରେ ଯଦି ବନ୍ୟଜନ୍ତୁ ପଡି ମୃତ୍ୟୁ ହୁଏ ତାହେଲେ ସେହି ରାତି ସାରା ଆଉ ବିଦ୍ୟୁତ ଆସି ନଥାଏ। ତହିଁ ପରଦିନ ବିଦ୍ୟୁତ କର୍ମଚାରୀ ଜଙ୍ଗଲରେ ଖୋଜିଖୋଜି ଫାଶରେ ଲାଗି ଥିବା ତାର କାଢ଼ିବା ପରେ ବିଦ୍ୟୁତ ଆସିଥାଏ।

### ସାଂସଦଙ୍କ ଆକାଉଣ୍ଟରୁ...

ଆଧାର କାର୍ଡ ତିଆରି କରିଥିଲେ। ଏହି ନକଲି ଡକ୍ୟୁମେଣ୍ଟ ବ୍ୟବହାର କରି, ଅପରାଧୀମାନେ ତାଙ୍କ ପୁରୁଣା ଆକାଉଣ୍ଟର କେୱାଇସି ଅପଡେଟ୍ କରିଥିଲେ। ପରବର୍ତ୍ତୀ ସମୟରେ, ଅକ୍ଟୋବର ୨୮ରେ ଆକାଉଣ୍ଟରେ ପଞ୍ଜିକୃତ ମୋବାଇଲ୍ ନମ୍ବର ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ଫଳରେ ସେମାନଙ୍କୁ ଆକାଉଣ୍ଟର ନିୟନ୍ତ୍ରଣ ମିଳିଯାଇଥିଲା। ଅଭିଯୋଗ ଅନୁଯାୟୀ, ଆକାଉଣ୍ଟ ବିବରଣୀ ପାଇବା ପରେ ଠକମାନେ ଅନେକ ଅନଲାଇନ୍ ଟ୍ରାଞ୍ଜାକ୍ସନ କରିଥିଲେ ଏବଂ ଇଣ୍ଟରନେଟ୍ ବ୍ୟାଙ୍କିଂ ମାଧ୍ୟମରେ ପ୍ରାୟ ୫୬ ଲକ୍ଷ ୩୯ ହଜାର ୭୬୭ ଟଙ୍କା ଉଠାଇ ନେଇଥିଲେ।

ସାଇବର ଥାନା ଏହି ମାମଲାର ତଦନ୍ତ କରୁଛି। ପୁଲିସ ଅଧିକାରୀଙ୍କ ଅନୁଯାୟୀ, ଉଠାଯାଇଥିବା ଟଙ୍କା ବିଭିନ୍ନ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଛି। ଏଟିଏମରୁ ଟଙ୍କା ଉଠା ଯାଇଛି ଏବଂ ଅଳଙ୍କାର କିଣିବା ପାଇଁ ମଧ୍ୟ ଏହି ଟଙ୍କା ବ୍ୟବହାର କରାଯାଇଛି। କୋଲକାତା ପୁଲିସର ସାଇବର ଅପରାଧ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, 'ଆମେ ବ୍ୟାଙ୍କର ଆଭ୍ୟନ୍ତରୀଣ ପ୍ରକ୍ରିୟା ଯାଞ୍ଚ କରୁଛୁ ଏବଂ ଆକାଉଣ୍ଟକୁ କିପରି ଆକ୍ଟିଭେଟ୍ କରାଯାଇଥିଲା ତାହା ଜାଣିବାକୁ ଚେଷ୍ଟା କରୁଛୁ। ଠକମାନଙ୍କୁ ଏବଂ ଟଙ୍କାର କେଉଁଠାକୁ ଯାଇଛି ଜାଣିବାକୁ ପ୍ରୟାସ ଜାରି ରହିଛି।'

### ଓଡ଼ିଶାରେ ଗଢ଼ିବ...

ଏବଂ ନବସୃଜନ ଲାଗି ବର୍ତ୍ତମାନ ହିଁ ପ୍ରକୃଷ୍ଟ ସମୟ। ଭାରତ ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା। ଏହାକୁ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂକଳ୍ପ ନେଇଛନ୍ତି। ଆମେ ଏବେ ବିଶ୍ୱଗୁରୁ ହେବାର ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛୁ। ଏଥିପାଇଁ ଆମକୁ ବିଶ୍ୱସ୍ତରୀୟ ଭିତ୍ତିଭୂମିର ଆବଶ୍ୟକତା ରହିଛି। ମିତବ୍ୟୟୀ, ଉନ୍ନତ ମାନର ଭିତ୍ତିଭୂମି ନିର୍ମାଣ କରିବା ଆବଶ୍ୟକତା ରହିଥିବା ବେଳେ ନିର୍ମାଣ ଖର୍ଚ୍ଚ କମାଇବା ପାଇଁ ଯୋଜନା ପ୍ରଣୟନ କରାଯିବା ଉଚିତ୍ ବୋଲି ଶ୍ରୀ ଗଡକରୀ ଗୁରୁତ୍ୱାରୋପ କହିଛନ୍ତି। ଏହି ଅଧିବେଶନରେ ହେବାକୁ ଥିବା ବିଚାରବିମର୍ଶ ଦେଶର ଇଞ୍ଜିନିୟରମାନଙ୍କୁ ଦେଶର ବିକାଶରେ ଯୋଗଦାନ ଦେବାକୁ ଅନୁପ୍ରାଣିତ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି, ଆଇଆରସି ହେଉଛି ଭାରତର ସଡକ ଇଞ୍ଜିନିୟରିଂର ଆତ୍ମା। ଦେଶରେ ସଡକ ଭିତ୍ତିଭୂମି ନିର୍ମାଣ ଲାଗି ଉତ୍ତରଦାୟିତ୍ୱ, ଗମ୍ଭୀର ଆଭିମୁଖ୍ୟ, ଗୁଣବତ୍ତା ପାଇଁ ପ୍ରତିବଦ୍ଧତା ଏବଂ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଅନୁରୂପ ଭାବେ ଆମକୁ ଆମ ପରିବେଶ ଓ ଜୀବଜଗତର ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସଡକ ନିର୍ମାଣରେ ବର୍ଜ୍ୟବସ୍ତୁ ଉପଯୋଗ କରିବା ଲାଗି ଯୋଜନା ଏବଂ ନୀତି ପ୍ରଣୟନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଥିଲେ, ଭାରତର ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲାଗି ଆମେ ନୂତନ ପଦ୍ଧତି ଓ ସଫଳ ପ୍ରୟୋଗ କରିବାକୁ ଚାହୁଁଛୁ। ଏଥିପାଇଁ କାର୍ଯ୍ୟଧାରା, ମାର୍ଗଦର୍ଶିକା ଏବଂ ଡିଜାଇନ୍ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ଲାଗି ସେ ଆଇଆରସିକୁ ଅନୁରୋଧ କରିଥିଲେ। ପରିବର୍ତ୍ତନ ପାଇଁ ନୂଆ ପ୍ରୟୋଗ ଜରୁରୀ ଏବଂ ଏହା ଉପରେ ଏହି ଅଧିବେଶନରେ ଆଲୋଚନା ଲାଗି ସେ ଆହ୍ୱାନ କରିଥିଲେ। ଶ୍ରୀ ଗଡକରୀ କହିଥିଲେ, ଭାରତର ସଡକ ନେଟୱାର୍କ ବିଶ୍ୱରେ ଏକ ନମ୍ବର ହେବାକୁ ଯାଉଛି। ଉନ୍ନତ ସଡକ ବିକଶିତ ହେଲେ ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପର ଆଗମନ ହୋଇଥାଏ। ଏସବୁକୁ ପ୍ରୋତ୍ସାହନ ମିଳିଲେ ପୁଞ୍ଜିନିବେଶ, ରୋଜଗାର ସୃଜନ ଏବଂ ଆର୍ଥିକ ଅଭିବୃଦ୍ଧିର ମାର୍ଗ ପ୍ରଶସ୍ତ ହୁଏ। ଆଇଆରସି ଅଧିବେଶନରେ ଶ୍ରେଷ୍ଠ କାର୍ଯ୍ୟପଦ୍ଧତି, ଗବେଷଣା, ନବସୃଜନ ଏବଂ କ୍ଷେତ୍ରୀୟ ଅଭିଜ୍ଞତାର ବିନିମୟ ଲାଗି ସେ ପରାମର୍ଶ ଦେଇଥିଲେ।

ଶ୍ରୀ ଗଡକରୀ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ସଡକ ନିର୍ମାଣରେ ଐତିହାସିକ ପ୍ରଗତି ହାସଲ କରିଛି। ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ବଜେଟ୍ ଆବଣ୍ଟନ ହାସଲ କରିଛି। ସଡକ ନିର୍ମାଣ କ୍ଷେତ୍ରରେ ଅର୍ଥ କିମ୍ବା ସମ୍ବଳର ଅଭାବ ନାହିଁ। ସଡକ ନେଟୱାର୍କର ମୁଦ୍ରୀକରଣ ଦ୍ୱାରା ୧୫ ଲକ୍ଷ କୋଟି ଟଙ୍କାରୁ ଅଧିକ ସଂଗ୍ରହ କରାଯାଇପାରିବ। ତେବେ ଏଥିପାଇଁ ସ୍ୱଚ୍ଛତା, ସଚ୍ଚୋଟତା, ସକାରାତ୍ମକ ଆଭିମୁଖ୍ୟ ଏବଂ ଦ୍ରୁତ ନିର୍ଣ୍ଣୟ ପ୍ରକ୍ରିୟାର ଆବଶ୍ୟକତା ରହିଛି। କେନ୍ଦ୍ର ମନ୍ତ୍ରୀ କହିଥିଲେ, ସରକାର ଦ୍ରୁତଗତିରେ ରାଜପଥ ନିର୍ମାଣ କରୁଛନ୍ତି। ୨୧୪ରେ ୯୧ ହଜାର୨୮୭ କିଲୋମିଟର ରାଜପଥ ଥିବା ବେଳେ ବର୍ତ୍ତମାନ ଏହା ୬୦% ବୃଦ୍ଧି ପାଇ ୧,୪୬,୩୪୨ କିଲୋମିଟରରେ ପହଞ୍ଚିଛି। ଶ୍ରୀ ଗଡକରୀ କହିଥିଲେ, ଦେଶରେ ଉନ୍ନତ ସଡକ ନିର୍ମାଣ କାରଣରୁ ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଉପାନ୍ତ ଏବଂ ଆଦିବାସୀ ଅଞ୍ଚଳରେ ମଧ୍ୟ ଭଲ ରାସ୍ତା ନିର୍ମିତ ହୋଇଛି। ଭଲ ସଡକ ନିର୍ମାଣ କାରଣରୁ ଦେଶରେ ଲଜିଷ୍ଟିକ୍ସ ଖର୍ଚ୍ଚ ୧୬ ପ୍ରତିଶତରୁ ୧୧ ପ୍ରତିଶତକୁ ହ୍ରାସ ପାଇଥିବା ପ୍ରତିଷ୍ଠିତ ଆଇଆଇଟିଗୁଡିକର ଅଧ୍ୟୟନ ରିପୋର୍ଟରୁ ଜଣାପଡିଛି। ସଡକ ଭିତ୍ତିଭୂମି ଦେଶର ଶିଳ୍ପ, ରପ୍ତାନି, ବ୍ୟବସାୟ ବାଣିଜ୍ୟକୁ ଗତିଶୀଳ କରିବ। ଏହା ଲୋକଙ୍କ ପାଇଁ ଅଧିକ ରୋଜଗାର ସୃଷ୍ଟି କରିବ।

### ଶବ୍ଦ ପ୍ରଦୂଷଣ...

ହେଉଛି। ଏହାଛଡ଼ା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଉପରେ ସିଧାସଳଖ ପ୍ରଭାବ ପଡୁଛି। ଏଥିଯୋଗୁ ବିଭିନ୍ନ ପ୍ରକାରର ମସ୍ତିଷ୍କ ସମସ୍ୟା ମଧ୍ୟ ଉପୁଜୁଛି। ବିଶେଷକରି ଶାରୀରିକ ଓ ମାନସିକ ସ୍ତରରେ ମଣିଷ ଶବ୍ଦ ପ୍ରଦୂଷଣ ଯୋଗୁ ଦୁର୍ବଳ ହେଉଛି। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକମାନେ ଶବ୍ଦ ପ୍ରଦୂଷଣ ଯୋଗୁ କଳବଳ ହେଉଥିବାବେଳେ କୁକୁରଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ପଶୁମାନେ ବି ଏଥିଯୋଗୁ ସନ୍ତୁଳନ ହରାଉଛନ୍ତି।

ପର୍ବପର୍ବାଣୀ, ସଭା, ଶୋଭାଯାତ୍ରା ଆଦିରେ ଡିଜେ ସମେତ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରାଯାଉଛି। ଶୋଭାଯାତ୍ରା ଆଦିଲାଗି ପୁଲିସ ଅନୁମତି ଦେବା ବେଳେ ଶବ୍ଦ ପ୍ରଦୂଷଣ ସଂକ୍ରାନ୍ତୀୟ ସର୍ତ୍ତ ବି ରହୁଛି। କିନ୍ତୁ ଏହାକୁ ସଂଖ୍ୟାଧିକ ସ୍ଥଳରେ ଉଲ୍ଲଂଘନ କରାଯାଉଥିବାବେଳେ ସେମିତି କିଛି ଆଖି ଦୃଷିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ନିକଟରେ ଯାଇଥିବା ଦୀପାବଳି ପର୍ବ ଅବସରରେ ବାଣ ଫୁଟା ଉପରେ କଡ଼ା କଟକଣା ଜାରି କରାଯାଇଥିବା ବେଳେ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଏହାର ଖୋଲା ଉଲ୍ଲଂଘନ ହେଲା। ଏଥିଯୋଗୁ ବାୟୁମଣ୍ଡଳ ବିଷାକ୍ତ ହେବା ସହିତ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟିଲା। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆଇନ୍‌ଗତ ବ୍ୟବସ୍ଥା ଥିବାବେଳେ ତାହାର ଅନୁପାଳନ ହେଉନାହିଁ କିମ୍ବା ଲୋକେ ମଧ୍ୟ ନିଜ ନିଜ ନିରାପତ୍ତା ପାଇଁ ଶୃଙ୍ଖଳିତ ଭାବେ ଏହାକୁ ମାନୁ ନାହାନ୍ତି। ତେଣୁ ଏବେ ଶବ୍ଦ ପ୍ରଦୂଷଣ ଏକ ବଡ଼ ବିପତ୍ତି ଭାବେ ଉଭା ହୋଇଛି।

### ଜମି ବ୍ୟବସାୟୀ...

ଦର୍ଶାଇଛନ୍ତି ଯେ ଯେଉଁ ସ୍ଥାନରେ ରାସ୍ତା ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ପାରିତ ହୋଇଛି ସେଠାରେ କୌଣସି ଗ୍ରାମ ନାହିଁ। କିନ୍ତୁ ପୂର୍ବରୁ ଯେଉଁ ରାସ୍ତା ଅଛି ତାହାକୁ ବିକଶିତ କରାଗଲେ ଅଳ୍ପ ସରକାରୀ ଅର୍ଥରେ ରାସ୍ତା ନିର୍ମାଣ ହୋଇପାରିବ ଏବଂ ଢୋଲକୁ ଦୂରତ୍ୱ କମିଯିବ। ପୁରୁଣା ରାସ୍ତା ବିକଶିତ ହେଲେ ଢୋଲ ଗ୍ରାମର ଦୂରତ୍ୱ ଗରାପୁର ଠାରୁ ୪.୫କିମି ହେବ। ପ୍ରସ୍ତାବିତ ନୂତନ ରାସ୍ତା ଦ୍ୱାରା ଆଉ ୨କିମି ଦୂରତ୍ୱ ବୃଦ୍ଧିପାଇ ୬.୫ କିମି ହେବ। ସେଥିପାଇଁ ପୂର୍ବରାସ୍ତାକୁ ବିକଶିତ କରିବା ପାଇଁ ଦୀର୍ଘ ଦିନ ହେଲା ଦାବିହୋଇ ଆସୁଛି। ଗ୍ରାମବାସୀମାନେ ପୂର୍ବରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ସେହି ରାସ୍ତା ବିକଶିତ କରା ନଯାଇ ଜଣେ ବିଜେପି ନେତା ବେପାରୀଙ୍କ ସ୍ୱାର୍ଥ ପାଇଁ ଅନ୍ୟ ଏକ ନୂତନ ରାସ୍ତା ନିର୍ମାଣ କରାଯିବା ପାଇଁ ମସୁଧା ହୋଇଛି ବୋଲି ସେ କହିଛନ୍ତି। ଯଦି ଏହା କାର୍ଯ୍ୟକାରୀ କରାଯାଏ ତେବେ ପଞ୍ଚାୟତବାସୀ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ସେ ଚେତାଇ ଦେଇଛନ୍ତି। ଏଥିନେଇ ଜିଲାପାଳ ରଘୁରାମ ଆର ଆୟାର କହିଛନ୍ତି ଯେ,ଏ ନେଇ ମୁଁ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବି।

### ଜଣେ ହିନ୍ଦୀ ଶିକ୍ଷକରେ...

୩୧ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗ୍ରାମବାସୀ ଓ ଛାତ୍ରାଭିଭାବକମାନେ ବାରମ୍ବାର କେନ୍ଦ୍ରାପଡା ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ପିଲାଙ୍କ ଭବିଷ୍ୟତକୁ ନେଇ ସରକାର ଖେଳୁଛନ୍ତି ବୋଲି ମହେନ୍ଦ୍ରକୁମାର ସେଠୀ, ଧରଣୀଧର ସାହୁ, ବସନ୍ତ ସେଠୀ, ଧନୁର୍ଜୟ ସେଠୀ, ଅକ୍ଷୟ ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ସରକାର ଆମ ପିଲାଙ୍କ ଭବିଷ୍ୟତକୁ ଅଣଦେଖା କଲେ ଆମେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବୁ। ଆବଶ୍ୟକ ହେଲେ ଆମ ପିଲାଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି। ଏସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସରକାର ପକ୍ଷରୁ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକରେ ଖାଲିଥିବା ନୂତନ ଶିକ୍ଷକ ନିଯୁକ୍ତି ଥରେ ମାତ୍ର କରାଯାଇଛି। ଯାହା ପର୍ଯ୍ୟାପ୍ତ ନୁହେଁ। ତଥାପି ଆମେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବୁ ବୋଲି କହିଛନ୍ତି।

## ବାଲି ଯାତ୍ରାରେ ଭାରତ ମସଲାର ଲକି ଡ୍ର
# ଯାଜପୁରର ବସନ୍ତଙ୍କୁ ପ୍ରଥମ ପୁରସ୍କାର




**କଟକ,୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ମସଲା ପକ୍ଷରୁ ଚଳିତ ବର୍ଷ ଗୋଟିଏ ମସଲା କିଣିଲେ ଗୋଟିଏ ଫ୍ରି ରେ ପାଇବା ସ୍କିମ୍ ଜାରି ରହିଛି। ଏତଦ୍ ବ୍ୟତୀତ ସର୍ବନିମ୍ନ ୨୫୦ ଟଙ୍କାର ମସଲା କିଣି ସୁନିଶ୍ଚିତ ଉପହାର ମଧ୍ୟ ଗ୍ରାହକ ପାଇପାରୁଛନ୍ତି। କେବଳ ସେତିକି ନୁହେଁ ସୁନିଶ୍ଚିତ ଉପହାର ସହ ଗୋଟିଏ ଲକି ଡ୍ର କୁପନ ପାଇବାକୁ ସକ୍ଷମ ହେଉଛି ଜଣେ ଗ୍ରାହକ। ଯାହାକି ଜଣେ ଗ୍ରାହକଙ୍କର ଭାଗ୍ୟକୁ ବଦଳାଇ ଦେଉଛି। ବାଲି ଯାତ୍ରାରୁ ମସଲା କ୍ରୟ କରି କୁପନ ହାସଲ କରିଥିବା ଭାଗ୍ୟଶାଳୀ ବିଜେତା ମାନଙ୍କୁ ନେଇ ଆଜି ଭାରତ ମସଲା ପକ୍ଷରୁ ତଳ ପଡିଆରେ ଥିବା ନିଜସ୍ୱ ଷ୍ଟଲରେ ଏକ ଲକି ଡ୍ର କାର୍ଯ୍ୟକ୍ରମ କମ୍ପାନୀର ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ଉପସ୍ଥିତ କୁପନ ଧାରୀମାନେ ଲକି ଡ୍ର ବାକ୍ସ ମଧ୍ୟରୁ କୁପନ ଟିଏ କାଢ଼ି ଭାଗ୍ୟଶାଳୀ ବିଜେତା ମାନଙ୍କ ନାମ, କ୍ରମିକ ନମ୍ବର ଓ ମୋବାଇଲ ନମ୍ବରକୁ ସର୍ବ ସମ୍ମୁଖରେ ଘୋଷଣା କରିଥିଲେ। ଲକି ଡ୍ରର ଭାଗ୍ୟଶାଳୀ ପ୍ରଥମ ବିଜେତା ଯାଜପୁର ଟାଉନର ବସନ୍ତ କୁମାର ସାହୁଙ୍କୁ ମାଇକ୍ରୋ ଓଭାନ୍, ୨ୟ ବିଜେତା ଭଦ୍ରକ ଧାମରାର ଦିୟା ନାୟକଙ୍କୁ ରେସିଙ୍ଗ ବାଇ ସାଇକେଲ, ୩ୟ ବିଜେତା ବାଳକାଟିର ଆଶୁତୋଷ ପାଣିଗ୍ରାହୀଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା କଟକ ସଦରର ପୂର୍ଣ୍ଣଚନ୍ଦ୍ର ପରିଜାଙ୍କୁ ଫ୍ରାୟୀଙ୍ଗ ପାନ୍‌କୁ ଅଧ୍ୟକ୍ଷ ଶ୍ରୀ ପଣ୍ଡା ଅତିଥି ଭାବେ ଯୋଗଦେଇ ପ୍ରଦାନ କରିଥଲେ। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460

Editor : **Ambika Prasad Das** ସମ୍ପାଦକ : **ଅମ୍ବିକା ପ୍ରସାଦ ଦାସ** Chief Editor : **Umapada Bose** ମୁଖ୍ୟ ସମ୍ପାଦକ : **ଉମାପଦ ବୋଷ**